ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ଅଗଷ୍ଟ ୧୨/୨୦୨୦ (୧୨ ପୃଷ୍ଠା) | Berhampur, Wednesday, August 12/2020 | ★★★
୧୬ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-

# ରୁଷିଆ କହୁଛି ଭାକ୍ସିନ ଆଣିଲା

**ମସ୍କୋ/ଜେନେଭା, ୧୧।୮ (ଆଇଏଏନ୍ଏସ୍)**

ସାରା ବିଶ୍ୱରେ ଲୋକଙ୍କ ଜୀବନ ନେଇଚାଲିଥିବା ଆତଙ୍କ ସୃଷ୍ଟିକାରୀ ମହାମାରୀ କରୋନାର ପ୍ରଥମ ଟିକା ରୁଷିଆ ଉଦ୍ଭାବନ କରିଛି। ମଙ୍ଗଳବାର ସକାଳେ 'ସ୍ପୁଟନିକ୍ ଭି' ଭାକ୍ସିନକୁ ମଞ୍ଜୁରୀ ଦିଆଯାଇଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଘୋଷଣା କରିଛନ୍ତି। ଏହି ଟିକା ସ୍ଥିର କୋଷିକା ଓ ଆଣ୍ଟିବଡି ପ୍ରତିଷେଧକ ପ୍ରସ୍ତୁତ କରିବାରେ ସକ୍ଷମ ବୋଲି ସେ ପ୍ରକାଶ କରିଛନ୍ତି। ରୁଷିଆର ଏହି ସଫଳତା ବିଶ୍ୱବାସୀଙ୍କ ପାଇଁ ଆଶାର ଆଲୋକ ଆଣିଦେଇଥିବାବେଳେ ଭାକ୍ସିନକୁ ଅନୁମୋଦନ ଦେବା ପୂର୍ବରୁ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ କୁହାଯାଇଛି।

କୋଭିଡ୍-୧୯ ଟିକା ପ୍ରସ୍ତୁତିକୁ ନେଇ ବିଶ୍ୱରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଥିବା ବେଳେ ରୁଷିଆ ଏହି କ୍ଷେତ୍ରରେ ସଫଳତା ହାସଲ କରିଛି। ରାଷ୍ଟ୍ରପତି ପୁଟିନ କହିଛନ୍ତି, ନୋଭେଲ କରୋନା ଭାଇରସ୍‌ର ଟିକା ମଙ୍ଗଳବାର ସକାଳେ ଅନୁମୋଦନ କରାଯାଇଛି। ତାଙ୍କର ଜଣେ ଝିଅଙ୍କଠାରେ ଏହା ପ୍ରୟୋଗ କରାଯାଇଛି। ଟେଷ୍ଟିଂରେ ଭାଗନେଇଥିବା ଝିଅ ଦ୍ୱିତୀୟ ଥର ଟିକା ନେଇଥିବାବେଳେ ତାଙ୍କୁ ସାମାନ୍ୟ ଜ୍ୱର ହୋଇଥିଲା। ତାଙ୍କ ଶରୀରରେ ଆଣ୍ଟିବଡି ମାତ୍ରା ବଢ଼ିଯାଇଥିବାରୁ ଏବେ ସେ ସୁସ୍ଥ ଅଛନ୍ତି। ସେହିପରି ଅନ୍ୟ କେତେଜଣ ଲୋକ ଏହି ଭାକ୍ସିନ ଗ୍ରହଣ କରିବା ପରେ ସେମାନଙ୍କଠାରେ କରୋନାର କୌଣସି ପ୍ରକାର ଲକ୍ଷଣ ଦେଖିବାକୁ ମିଳିନାହିଁ। ପ୍ରକାଶ ଯେ, ପୁଟିନଙ୍କର ଦୁଇ ଝିଅ ଅଛନ୍ତି। ମାରିଆଙ୍କ ଜନ୍ମ ୧୯୮୫ରେ ଓ କାଟେରିନାଙ୍କ ଜନ୍ମ ୧୯୮୬ରେ ହୋଇଥିଲା। ତେବେ ମାରିଆ କି କାଟେରିନା କାହା ଶରୀରରେ ଏହି ଟିକା ପ୍ରୟୋଗ କରାଯାଇଛି ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ଏହି ଭାକ୍ସିନକୁ ଗାମାଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଓ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ବିକଶିତ କରାଯାଇଛି। ଅଗଷ୍ଟ ୩ରେ ବର୍ଡେନ୍‌କୋ ମେନ୍ ମିଲିଟାରି କ୍ଲିନିକାଲ୍ ହସ୍ପିଟାଲରେ ଏହାର କ୍ଲିନିକାଲ ଟ୍ରାଏଲ କରାଯାଇଥିବା ଭଲ୍ୟୁଣ୍ଟିୟରମାନଙ୍କଠାରେ ଚୂଡ଼ାନ୍ତ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ସେମାନଙ୍କଠାରେ ☞ପୃଷ୍ଠା-୪


## ବିଶ୍ୱ ପାଇଁ ଆଶାର ଆଲୋକ

- ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଝିଅଙ୍କଠାରେ ପ୍ରୟୋଗ କରାଗଲା କରୋନା ଭାକ୍ସିନ
- ଟିକା ପ୍ରସ୍ତୁତିର ତୃତୀୟ ପର୍ଯ୍ୟାୟରେ ଆଉ ୬ ସଂସ୍ଥା
- ରୁଷିଆ ଭାକ୍ସିନକୁ ଯାଞ୍ଚ କରିବ ଡବ୍ଲ୍ୟୁଏଚ୍ଓ



## ପ୍ରଖ୍ୟାତ ଉର୍ଦ୍ଦୁ କବି ରାହତ ଇନ୍ଦୋରିଙ୍କ ପରଲୋକ

**ନୂଆଦିଲ୍ଲୀ, ୧୧।୮:** ପ୍ରଖ୍ୟାତ ଉର୍ଦ୍ଦୁ କବି ରାହତ ଇନ୍ଦୋରିଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। କରୋନାରେ ଆକ୍ରାନ୍ତ ଥିବା ଇନ୍ଦୋରି ମଧ୍ୟପ୍ରଦେଶର ଇନ୍ଦୋର ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଦୁଇଥର ହୃଦ୍‌ଘାତ ହେବାରୁ ତାଙ୍କର ଦେହାନ୍ତ ହୋଇଥିବା ଡାକ୍ତର କହିଛନ୍ତି। କରୋନା ପଜିଟିଭ୍ ଆସିବା ପରେ ରବିବାର ତାଙ୍କୁ ☞ପୃଷ୍ଠା-୪



**ଆଜିର ସମ୍ପାଦକୀୟ** ବିପ୍ଲବୀ ପଦକ୍ଷେପ


# ଝିଅ ସବୁବେଳ ପାଇଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୧।୮**

ଝିଅ ବିବାହ କରିବା ପରେ ମଧ ପୈତୃକ ସମ୍ପତ୍ତି ଉପରେ ପୁଅ ଭଳି ତା'ର ସମାନ ଅଧିକାର ରହିଛି। ହିନ୍ଦୁ ଉତ୍ତରାଧିକାର, ୨୦୦୫ ସଂଶୋଧିତ ଆଇନ ପୂର୍ବରୁ ଯଦି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥାଏ, ତଥାପି ଜଣେ ମହିଳା ପୈତୃକ ସମ୍ପତ୍ତି ଉପରେ ସମାନ ଦାବି କରିପାରିବେ ବୋଲି ମଙ୍ଗଳବାର ଜଷ୍ଟିସ ଅରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟର ୩ ଜଣିଆ ପୀଠ ଦର୍ଶାଇଛନ୍ତି।

ପୁଅମାନେ ବିଶେଷକରି ବିବାହ ପର୍ଯ୍ୟନ୍ତ ମା'ବାପାଙ୍କ ପୁଅ ହୋଇ ରହିଥାନ୍ତି। ମାତ୍ର ଝିଅମାନେ ସବୁବେଳେ ଝିଅ ହୋଇ ରୁହନ୍ତି। ମା'ବାପାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଝିଅମାନେ ସେମାନଙ୍କ କଥା ଚିନ୍ତା କରିଥାନ୍ତି ବୋଲି ୨୦୦୫ ସଂଶୋଧିତ ଆଇନ ସମ୍ପର୍କରେ ବ୍ୟାଖ୍ୟା କରି ସର୍ବୋଚ୍ଚ ଅଦାଲତ ଏହି ମତ ଦେଇଛନ୍ତି। ସଂଶୋଧିତ ହିନ୍ଦୁ ଉତ୍ତରାଧିକାର ଆଇନ, ୨୦୦୫ ଲାଗୁ ହେବା ପୂର୍ବରୁ ଯଦି ବାପା ମରିଯାଇଥିବେ, ତଥାପି ମହିଳାଙ୍କୁ ପୁଅ ଭଳି ପୂର୍ବପୁରୁଷଙ୍କ ସମ୍ପତ୍ତିର ସମାନ ଅଧିକାର ☞ପୃଷ୍ଠା-୪

**୨୦୦୫ ସଂଶୋଧିତ ଆଇନ ଲାଗୁ ପୂର୍ବରୁ ବାପା ମରିଯାଇଥିଲେ ବି ଝିଅକୁ ମିଳିବ ସମ୍ପତ୍ତିର ସମାନ ଅଧିକାର**













ଲକ୍ଷ୍ନୌସ୍ଥିତ ଚାରବାଗ ରେଲୱେ ଷ୍ଟେଶନର ଦୁଇଟି ଏଟିଏମ୍‌ରେ ମଙ୍ଗଳବାର ସକାଳେ ସର୍ଟ୍‌ସର୍କିଟରୁ ନିଆଁ ଲାଗି ଯାଇଥିଲା। ଏଟିଏମ୍ କାଉଣ୍ଟରୁ ଧୂଆଁ ବାହାରିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା।



ଜନ୍ମାଷ୍ଟମୀ ପାଳନ ଅବସରରେ ନୂଆଦିଲ୍ଲୀର ଲକ୍ଷ୍ମୀ ନାରାୟଣ ବିର୍ଲା ମନ୍ଦିରରେ ପୋଲିସର କଡ଼ା ସୁରକ୍ଷା।

# ପ୍ରତିଶୋଧମୂଳକ ରାଜନୀତି ଆଘାତ ଦେଇଛି: ପାଇଲଟ୍

**ନୂଆଦିଲ୍ଲୀ, ୧୧।୮**

ରାଜନୀତିରେ ପ୍ରତିଶୋଧମୂଳକ ମନୋଭାବ ରଖିବା ଠିକ୍ ନୁହେଁ ବୋଲି କଂଗ୍ରେସ ନେତା ସଚିନ ପାଇଲଟ୍ ମଙ୍ଗଳବାର କହିଛନ୍ତି। ମାସକ ପରେ ଜୟପୁର ଫେରି ସେ ଦଳରେ କେବେ କୌଣସି ପଦ ଚାହିଁ ନ ଥିଲେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ ବିଦ୍ରୋହ କରିବା ପରେ ସେ କଂଗ୍ରେସର ବରିଷ୍ଠ ନେତାଙ୍କୁ ସୋମବାର ଭେଟିଥିଲେ। ପରେ ସମସ୍ୟାର ସମାଧାନ ସମ୍ଭବ ହୋଇପାରିଥିଲା। ହେଲେ କୌଣସି ରାଜନେତାଙ୍କ ବିରୋଧରେ ସେ ପଦଟିଏ କହି ନ ଥିବା ପାଇଲଟ୍ କହିଛନ୍ତି। ତାଙ୍କୁ ବରଂ ମୁଖ୍ୟମନ୍ତ୍ରୀ ଗେହଲଟଙ୍କଠାରୁ ଆରମ୍ଭ କରି ବିଭିନ୍ନ କଂଗ୍ରେସ ନେତା ସମାଲୋଚନା କରି ଭିନ୍ନ ଭିନ୍ନ କଥା କହିଥିବା ପାଇଲଟ୍ ପ୍ରକାଶ କରିଛନ୍ତି। ଏଭଳି ପ୍ରତିଶୋଧମୂଳକ ମନୋଭାବ ରଖି କାହା ବିରୋଧରେ ରାଜନେତାମାନେ କହିବା ଅନୁଚିତ ବୋଲି ପାଇଲଟ୍ କହିଛନ୍ତି।



ଜୟପୁରସ୍ଥିତ ବାସଭବନରେ କଂଗ୍ରେସ ନେତା ସଚିନ ପାଇଲଟଙ୍କ ପ୍ରେସ୍ କନ୍‌ଫରେନ୍ସ।

## ପ୍ରଣବ ମୁଖାର୍ଜୀ ଗୁରୁତର



**ନୂଆଦିଲ୍ଲୀ, ୧୧।୮**

ପୂର୍ବତନ ରାଷ୍ଟ୍ରପତି ତଥା କଂଗ୍ରେସର ବରିଷ୍ଠ ନେତା ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ି ଥିବା ଜଣାପଡ଼ିଛି। ସେ ଏବେ ମିଲିଟାରି ହସ୍ପିଟାଲରେ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ୮୪ ବର୍ଷୀୟ ମୁଖାର୍ଜୀ ସୋମବାର ମସ୍ତିଷ୍କ ସର୍ଜରି ପୂର୍ବରୁ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏକ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଥିବା ଜଣାପଡ଼ିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତାଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ହସ୍ପିଟାଲକୁ ଯାଇ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରିବା ସହ ଆଶୁଆରୋଗ୍ୟ କାମନା କରିଛନ୍ତି।

## ସୁଦୀକ୍ଷାଙ୍କ ମୃତ୍ୟୁକୁ ନେଇ ରାଜନୀତି

**ବୁଲନ୍ଦସହର, ୧୧।୮**

ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରରେ ଜଣେ ମେଧାବୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିବାଦ ସୃଷ୍ଟି ହୋଇଛି। ଆମେରିକାର ଏକ କଲେଜରେ ପଢୁଥିବା ୨୦ ବର୍ଷୀୟା ସୁଦୀକ୍ଷା ଭାଟି ସୋମବାର ସ୍କୁଟିରେ ଯାଉଥିବାବେଳେ ବୁଲନ୍ଦସହରର ଅଉରଙ୍ଗାବାଦ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ତାଙ୍କ ସାନଭାଇଙ୍କ ସହ ସ୍କୁଟିରୁ ଖସିପଡ଼ିଥିଲେ। ଏଥିରେ ସୁଦୀକ୍ଷାଙ୍କ ମୃତ୍ୟୁ ଘଟିଥିବାବେଳେ ସାନଭାଇ ଆହତ ହୋଇଛନ୍ତି। ଗୌତମବୁଦ୍ଧ ନଗରସ୍ଥିତ ଦାଦ୍ରି ତହସିଲସ୍ଥିତ ଦେରି ସ୍କାନର ଗ୍ରାମରୁ ଖାନପୁରରେ ଥିବା ନିଜ ମାମୁଙ୍କ ଘରକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଆମେରିକାର ମାସାଚ୍ୟୁସେଟ୍ସସ୍ଥିତ ବାବସୋନ କଲେଜର ଛାତ୍ରୀ ସୁଦୀକ୍ଷା



ସୁଦୀକ୍ଷା ଭାଟି

କରୋନା ଭାଇରସ୍ ଯୋଗୁ ଭାରତ ଚାଲିଆସିଥିଲେ। ଆସନ୍ତା ୨୦ ତାରିଖରେ ସେ ପୁଣି ଆମେରିକାକୁ ପାଠ ପଢ଼ିବା ପାଇଁ ଫେରିଥାନ୍ତେ। କେତେଜଣ ଦୁର୍ବୃତ୍ତ ବୁଲେଟରେ ସୁଦୀକ୍ଷାଙ୍କୁ ପିଛା କରିବାରୁ ଦୁର୍ଘଟଣା ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜ୍ୟର ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ସମାଲୋଚନା କରିଛନ୍ତି। ଉତ୍ତରପ୍ରଦେଶରେ ଆଇନ ପ୍ରତି କାହାରି ଭୟ ନାହିଁ। କମେଣ୍ଟ ମରାକୁ ନେଇ ସରକାର କିଛି କରୁନାହାନ୍ତି ବୋଲି ପ୍ରିୟଙ୍କା କହିଛନ୍ତି।


# ମୋଦିଙ୍କ ଯୋଜନା ଗୁଜରାଟରେ ପ୍ରତ୍ୟାଖ୍ୟାତ

### ପୂର୍ବରୁ ପିଏମ୍ଏଫ୍‌ବିୱାଇରୁ ଓହରିଛନ୍ତି ପଶ୍ଚିମବଙ୍ଗ, ବିହାର, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଝାଡ଼ଖଣ୍ଡ

**ଅହମ୍ମଦାବାଦ/ନୂଆଦିଲ୍ଲୀ, ୧୧।୮**

ଭାଜପା ଶାସିତ ଗୁଜରାଟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍ଏଫ୍‌ବିୱାଇ)କୁ ଶକ୍ତ ଝଟ୍‌କା ଲାଗିଛି। ଗୁଜରାଟ ଏହି ମହତ୍ତ୍ୱାକାଂକ୍ଷୀ ଶସ୍ୟ ବୀମା ଯୋଜନାକୁ ଅତ୍ୟଧିକ ପ୍ରିମିୟମ ବୋଝ ସୃଷ୍ଟିକାରୀ ଭାବେ ଅଭିହିତ କରି ପ୍ରତ୍ୟାଖ୍ୟାନ କରିଦେଇଛି। ପୂର୍ବରୁ ପଶ୍ଚିମବଙ୍ଗ, ବିହାର, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଝାଡ଼ଖଣ୍ଡ ପିଏମ୍ଏଫ୍‌ବିୱାଇକୁ ମନା କରିଥିବାବେଳେ ଏବେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜ୍ୟ ଗୁଜରାଟ ଏଥିରୁ ଓହରିଯାଇଛି। ଫଳରେ ଉକ୍ତ ଯୋଜନାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷଜ୍ଞମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ କେନ୍ଦ୍ର ସରକାରଙ୍କ ଏକ ବଡ଼ ବିଫଳତା ବୋଲି ପ୍ରକାଶ କରିଛନ୍ତି।

ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି ସୋମବାର ପିଏମ୍ଏଫ୍‌ବିୱାଇର ବିକଳ୍ପ ଭାବେ ରାଜ୍ୟ ପାଇଁ ମୁଖ୍ୟମନ୍ତ୍ରୀ କିଷାନ ସହାୟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ରୂପାନି କହିଛନ୍ତି, ପିଏମ୍ଏଫ୍‌ବିୱାଇର



ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି

ପ୍ରିମିୟମ୍ ବାବଦକୁ ରାଜ୍ୟ ସରକାରଙ୍କ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଏହାର ବିକଳ୍ପ ସ୍ୱରୂପ ନୂଆ ସ୍କିମ ଅଣାଯାଇଛି। ଏହା ଅଧୀନରେ ବର୍ତ୍ତମାନର ଖରିଫ ଋତୁରେ ମଧ୍ୟ ରାଜ୍ୟର ସମସ୍ତ ଚାଷୀ ଅନ୍ତର୍ଭୁକ୍ତ ହେବେ ଏବଂ ସେମାନଙ୍କୁ ଫସଲ ବୀମା ସୁବିଧା ମିଳିବ। ନୂଆ ଯୋଜନାରେ ଗୁଜରାଟର କୌଣସି ଚାଷୀଙ୍କୁ ଟଙ୍କାଟିଏ ମଧ୍ୟ ପ୍ରିମିୟମ୍ ଦେବାକୁ ପଡ଼ିବ ନାହିଁ। ଏଥିସକାଶେ ଚାଷୀଙ୍କୁ ପଞ୍ଜୀକରଣ ମଧ୍ୟ କରିବାକୁ ପଡ଼ିବ ନାହିଁ। ପାଣିପାଗଜନିତ ଅସୁବିଧା, ମରୁଡ଼ି, ବନ୍ୟା ଓ ଅସ୍ୱାଭାବିକ ବର୍ଷାଜନିତ ଫସଲହାନିକୁ ବିଚାରକୁ ନିଆଯିବ। ପିଏମ୍ଏଫ୍‌ବିୱାଇକୁ ବନ୍ଦ କରିବା ନେଇ ସେ କହିଛନ୍ତି, କେନ୍ଦ୍ରର ଏହି ଯୋଜନାରେ ରାଜ୍ୟ ରାଜକୋଷ ଉପରେ ବୋଝ ବଢ଼ିଛି। ଟେଣ୍ଡର ଅନୁଯାୟୀ ୪,୫୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବୋଝ ଗୁଜରାଟ ରାଜକୋଷକୁ ସହିବାକୁ ପଡ଼ିବ। ପିଏମ୍ଏଫ୍‌ବିୱାଇ ଏକ ଭଲ ଯୋଜନା ହୋଇଥିଲେ ହେଁ ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ପିଏମ୍ଏଫ୍‌ବିୱାଇରେ ୧୫-୧୭ ଲକ୍ଷ ଚାଷୀ ସାମିଲ ହେଉଥିବାବେଳେ ରାଜ୍ୟର ନୂଆ ସ୍କିମରେ ୫୬ ଲକ୍ଷ କୃଷକ ସ୍ୱତଃ ଅନ୍ତର୍ଭୁକ୍ତ ହେବେ। ୨୦୨୦ ଖରିଫ ଋତୁରେ ୪ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ସମସ୍ତ ଚାଷୀ ଏଥିରୁ ବୀମା ଦାବି କରିପାରିବେ। ୩୩%ରୁ ୬୦% ପର୍ଯ୍ୟନ୍ତ ଫସଲ ହାନି ହୋଇଥିଲେ ରାଜ୍ୟ ସରକାର ସେମାନଙ୍କୁ ହେକ୍ଟର ପିଛା ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ଦେବେ। ସେହିପରି ୬୦%ରୁ ଅଧିକ ଫସଲ ହାନି ହୋଇଥିଲେ ୨୫ ହଜାର ଟଙ୍କା ସହାୟତା ଦିଆଯିବ। ଏହି ସହାୟତା ରାଶି ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ଜରିଆରେ ପଠାଇ ଦିଆଯିବ ବୋଲି ରୂପାନି ସୂଚନା ଦେଇଛନ୍ତି।

## ପିଏମ୍ଏଫ୍‌ବିୱାଇ କ'ଣ

୨୦୧୬ ଜାନୁୟାରୀ ୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ଏଫ୍‌ବିୱାଇର ଶୁଭାରମ୍ଭ କରିଥିଲେ। ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଫସଲ ଉପରେ ବୀମା ସେବା ପ୍ରଦାନ ଉଦ୍ଦେଶ୍ୟରେ ଏହି ଯୋଜନା ପ୍ରଣୟନ କରାଯାଇଥିଲା। ପୂର୍ବ ପ୍ରଚଳିତ ଜାତୀୟ କୃଷି ବୀମା ଯୋଜନା (ଏନ୍ଏଆଇଏସ୍) ଏବଂ ସଂଶୋଧିତ ଜାତୀୟ କୃଷି ବୀମା ଯୋଜନା (ଏମ୍ଏନ୍ଏଆଇଏସ୍) ପରିବର୍ତ୍ତେ 'ୱାନ୍ ନେଶନ ୱାନ୍ ସ୍କିମ୍' ଆଧାରରେ ଏହି ସ୍କିମ୍‌କୁ ଦେଶବ୍ୟାପୀ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଉପରୋକ୍ତ ଦୁଇଟି ଯୋଜନାରେ ଥିବା ତ୍ରୁଟି ବିଚ୍ୟୁତିକୁ ବାଦ୍ ଦେଇ ଉଭୟର ସର୍ବୋତ୍ତମ ବୈଶିଷ୍ଟ୍ୟକୁ ପିଏମ୍ଏଫ୍‌ବିୱାଇରେ ଯୋଡ଼ାଯାଇଥିବା ସେତେବେଳେ କେନ୍ଦ୍ର ସରକାର ଦାବି କରିଥିଲେ। ଚାଷୀମାନଙ୍କ ବୀମା ବୋଝକୁ ହ୍ରାସକରି କ୍ରପ୍ ଇନ୍‌ସ୍ୟୁରାନ୍ସ ଦାବିର ତୁରନ୍ତ ସମାଧାନ ଏହାର ଲକ୍ଷ୍ୟ ବୋଲି କୁହାଯାଇଥିଲା। ଯୋଜନା ଅନୁସାରେ ଖରିଫ ଚାଷ ପାଇଁ ଫସଲର ୨% ଏବଂ ରବି ଫସଲ ଲାଗି ୧.୫% ପ୍ରିମିୟମ ନିର୍ଦ୍ଧାରଣ କରାଯାଇଛି। ସେହିପରି ବାର୍ଷିକ ବାଣିଜ୍ୟିକ ଓ ଉଦ୍ୟାନଭିତ୍ତିକ କୃଷି ପାଇଁ ୫% ପ୍ରିମିୟମ୍ ରାଶି ସ୍ଥିର କରାଯାଇଛି। ଚାଷ ପାଇଁ ପାଗ ଅନୁକୂଳ ନ ହେଲେ, କୌଣସି ପ୍ରକାର ବିପତ୍ତି ଆସିଲେ ବା କୀଟ ଯୋଗୁ ଫସଲ ହାନି ହେଲେ ଚାଷୀଙ୍କୁ ବୀମା କଭରେଜ ଓ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏଥିରେ ବ୍ୟବସ୍ଥା ରହିଛି।







## ଦେଶବ୍ୟାପୀ ପ୍ରତ୍ୟାହାର କରାଯାଉ



ଯୋଗେନ୍ଦ୍ର ଯାଦବ

ପିଏମ୍ଏଫ୍‌ବିୱାଇରେ ଥିବା ତ୍ରୁଟିକୁ ନେଇ ପୂର୍ବରୁ ପଶ୍ଚିମବଙ୍ଗ, ବିହାର, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଝାଡ଼ଖଣ୍ଡ ଏଥିରୁ ଓହରିଯାଇଥିଲେ। ଏନେଇ 'ସ୍ୱରାଜ ଇଣ୍ଡିଆ' ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବ କହିଛନ୍ତି, ପିଏମ୍ଏଫ୍‌ବିୱାଇକୁ ପ୍ରଧାନମନ୍ତ୍ରୀଙ୍କ ରାଜ୍ୟ ଗୁଜରାଟ ପ୍ରତ୍ୟାଖ୍ୟାନ କରିବା ଉକ୍ତ ଯୋଜନା ବିଫଳ ହୋଇଛି ବୋଲି ଭାଜପାର ଆନୁଷ୍ଠାନିକ ସ୍ୱୀକାରୋକ୍ତି। ଗୁଜରାଟ ଏଥିରୁ ଓହରିଯିବା ପରେ ଜାତୀୟସ୍ତରରେ ମଧ୍ୟ ଏହାକୁ ପ୍ରତ୍ୟାହାର କରାଯିବା ଉଚିତ।

# କରୋନାକୁ ୧୦ ରାଜ୍ୟ ହରାଇଲେ ଦେଶ ଜିତିବ

**ନୂଆଦିଲ୍ଲୀ, ୧୧।୮**

ଭାରତ ମହାମାରୀ କରୋନାକୁ ଜିତିବା ଲାଗି ପ୍ରୟାସ ଜାରି ରଖିଛି। ଏଥିଲାଗି ପ୍ରତ୍ୟେକ ରାଜ୍ୟର ଗୁରୁଦାୟିତ୍ୱ ରହିଛି। ଦେଶର ୧୦ ରାଜ୍ୟର ସ୍ଥିତି ଜଟିଳ ରହିଛି। ଏହି ରାଜ୍ୟଗୁଡ଼ିକରେ ୮୦%ରୁ ଅଧିକ ଆକ୍ରାନ୍ତ ଅଛନ୍ତି। ଯଦି ଆମେ ଏହି ୧୦ଟି ରାଜ୍ୟରେ କରୋନାକୁ ହରାଇବା, ତେବେ ଭାରତ କରୋନା ବିଜୟୀ ହୋଇପାରିବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ୧୦ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭର୍ଚୁଆଲ ବୈଠକରେ ଆଲୋଚନା କରି ମୋଦି କହିଛନ୍ତି ବିହାର, ଗୁଜରାଟ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ତେଲଙ୍ଗାନାରେ ଅଧିକରୁ ଅଧିକ କରୋନା ପରୀକ୍ଷା କରାଯିବାର ଆବଶ୍ୟକତା ରହିଛି। ଯଦି ସଂକ୍ରମିତଙ୍କ ସଂସ୍ପର୍ଶରେ କେହି ଆସିଥାନ୍ତି, ତେବେ ୭୨ ଘଣ୍ଟା ମଧ୍ୟରେ ପରୀକ୍ଷା କରିନେବା ଉଚିତ। ବୈଠକରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ. ପାଲାନିସାମୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର, ନୀତୀଶ କୁମାର, ବିଜୟ ରୂପାନୀ ଏବଂ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଉପସ୍ଥିତ ଥିଲେ। କର୍ଣ୍ଣାଟକରୁ ଉପମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରିଥିଲେ। ଏକାଧିକ ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ସହାୟତା ଲାଗି ଦାବି କରିଥିଲେ। ପ୍ରକାଶଥାଉ କି, ସୋମବାର ମୋଦି ଆସାମ, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ କେରଳର ମୁଖ୍ୟମନ୍ତ୍ରୀଙ୍କ ସହ କରୋନା ଓ ବନ୍ୟା ସ୍ଥିତି ନେଇ ସମୀକ୍ଷା କରିଥିଲେ।

### ମୁଖ୍ୟମନ୍ତ୍ରୀମାନଙ୍କୁ ମୋଦିଙ୍କ ପରାମର୍ଶ



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଲୋଚନା।

ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ କରୋନା ସ୍ଥିତି ଭୟଙ୍କର ରୂପ ଧାରଣ କରିଥିବାବେଳେ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୨୨.୮୦ ଲକ୍ଷରେ ପହଞ୍ଚିଲାଣି। ଆକ୍ଟିଭ୍ ମାମଲା ଏବେବି ୬. ୪୧ ଲକ୍ଷରୁ ଅଧିକ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୩,୬୦୧ ନୂଆ ମାମଲା ସାମ୍ନାକୁ ଆସିଛି। କରୋନାକୁ ପରାସ୍ତ କରିବା ଲାଗି ମାସ୍କ ପିନ୍ଧିବା, ହାତ ସାନିଟାଇଜ୍ କରିବା, ସାମାଜିକ ଦୂରତ୍ୱ ରକ୍ଷାକରିବା ବାଧ୍ୟତାମୂଳକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସରକାରୀ ନୀତି ନିୟମକୁ ପାଳନ କରି ଚିକିତ୍ସା ପ୍ରଣାଳୀର ସୁବିଧା ନେଲେ ଆମେ କରୋନାକୁ ଜିତିପାରିବା ବୋଲି ମୋଦି ପ୍ରକାଶ କରିଛନ୍ତି।

# ହାଇ ଆଲର୍ଟରେ ଲାଲ୍‌କିଲ୍ଲା

- ସ୍ୱାଧୀନତା ଦିବସ ପୂର୍ବରୁ ଏସ୍ଏଫ୍‌ଜେର ଷଡ଼ଯନ୍ତ୍ର
- ଖଲିସ୍ତାନ ପତାକା ଉଡ଼ାଇବା ଲାଗି ପୁରସ୍କାର ଘୋଷଣା

**ନୂଆଦିଲ୍ଲୀ, ୧୧।୮**

୭୪ତମ ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲାରେ ନିଷିଦ୍ଧ ଶିଖ୍ ଫର୍ ଜଷ୍ଟିସ (ଏସ୍ଏଫ୍‌ଜେ) ଖଲିସ୍ତାନ ପତାକା ଉଡ଼ାଇବା ଲାଗି ଷଡ଼ଯନ୍ତ୍ର କରୁଛି। ଯଦି କେହି ଏଭଳି କାର୍ଯ୍ୟରେ ସଫଳ ହୁଏ, ତେବେ ତାଙ୍କୁ ୧.୨୫ ହଜାର ଡଲାର ପୁରସ୍କାର ପ୍ରଦାନ କରାଯିବ ବୋଲି ଏସ୍ଏଫ୍‌ଜେ ପକ୍ଷରୁ ଘୋଷଣା କରାଯାଇଛି। ଏଭଳି ଖବର ମିଳିବା ପରେ ସୁରକ୍ଷା ସଂସ୍ଥାଗୁଡ଼ିକ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଏଥିଲାଗି ଲାଲ୍‌କିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି।

ସ୍ୱାଧୀନତା ଦିବସ ଲାଗି ଦିଲ୍ଲୀର ପ୍ରତି ଗଳିକନ୍ଦିରେ ୪୫ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷାକର୍ମୀ ମୁତୟନ କରାଯିବ ବୋଲି ଜଣାପଡ଼ିଛି। ଏମାନଙ୍କ ସହ ଲାଲ୍‌କିଲ୍ଲା ପରିସରରେ ୫ କି.ମି. ପରିସର ମଧ୍ୟରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଅଟ୍ଟାଳିକାରେ ୨ ହଜାରରୁ ଅଧିକ ସ୍ନିପର ମୁତୟନ ହେବେ। ଏସ୍ଏଫ୍‌ଜେ କେବଳ ଭୟ ସୃଷ୍ଟିକରିବା ଲାଗି ଏଭଳି ପ୍ରୟାସ କରିଛି ବୋଲି ଦିଲ୍ଲୀର ଜଣେ ବରିଷ୍ଠ ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସରେ ସୁରକ୍ଷାବଳୟ ଭେଦ କରିବା ସହଜ ନୁହେଁ, ଯଦି କୌଣସି ସନ୍ଦିଗ୍ଧଙ୍କୁ ଧରାଯିବ, ତାଙ୍କୁ ହାଜତକୁ ନିଆଯିବ ବୋଲି ସେ କହିଛନ୍ତି।

ଏସ୍ଏଫ୍‌ଜେର ଆର୍ଟର୍ନି ଆଣ୍ଡ ଜେନେରାଲ କାଉନ୍‌ସେଲ ଗୁର୍‌ପତ୍‌ୱନ୍ତ ସିଂ ପନ୍ନୁନ୍ ସୋସିଆଲ ନେଟ୍‌ୱର୍କ ସାଇଟ୍‌ସରେ ଏଭଳି ମେସେଜ୍ ଦେବା ସହ ପୁରସ୍କାର ଘୋଷଣା କରିବା ପରେ ଏନେଇ ବିଶେଷ ସତର୍କତା ଗ୍ରହଣ କରାଯାଇଛି। ଖଲିସ୍ତାନ ସପକ୍ଷବାଦୀମାନେ ଗତ ମାସରେ ବିଚ୍ଛିନ୍ନତାବାଦୀ ଏଜେଣ୍ଡା ସମ୍ପର୍କରେ ଦର୍ଶାଇ ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସଠାରେ ସ୍ୱାଧୀନତା ଦିବସରେ ଭୋଟର ପଞ୍ଜୀକରଣ କ୍ୟାମ୍ପ କରିବା ଲାଗି ଘୋଷଣା କରିଥିଲେ। ଏଥିଲାଗି ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକୁ ସତର୍କ କରାଯାଇଥିଲା। ପାକିସ୍ତାନରୁ ଏସ୍ଏଫ୍‌ଜେକୁ ବିପୁଳ ଟଙ୍କା ଓ ନୈତିକ ସମର୍ଥନ ମିଳୁଥିବାବେଳେ ଖଲିସ୍ତାନ ଆନ୍ଦୋଳନକୁ ଏମାନେ ବ୍ୟାପକ କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

ମଙ୍ଗଳବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୦୩,୭୮,୨୭୦ | ୭,୪୧,୬୧୧ | ୧,୩୨,୮୦,୦୫୧ |
| ଭାରତ | ୨୩,୨୫,୦୨୬ | ୪୬,୧୮୫ | ୧୬,୩୫,୮୧୨ |
| ଓଡ଼ିଶା | ୪୮,୭୯୬ | ୨୯୬(+୫୩) | ୩୪,୮୦୬ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ଆରପାରିରେ ରାହତ ଇନ୍ଦୋରି




# ୨୯୬ ଛୁଇଁଲା କରୋନା ମୃତ୍ୟୁ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

**ଆଉ ୧୨ ଜୀବନ ଗଲା**
- ୧୩୪୧ ନୂଆ ପଜିଟିଭ୍ ଚିହ୍ନଟ
- ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୮, ୭୯୬କୁ ବୃଦ୍ଧି

ରାଜ୍ୟରେ ମଙ୍ଗଳବାର ୧୨ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ୧୦ଜଣଙ୍କର କରୋନାଜନିତ ମୃତ୍ୟୁ ଘଟିଥିବାବେଳେ ୨ଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ଜୀବନ ଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ୧୦ ମୃତକଙ୍କ ମଧ୍ୟରେ ଗଞ୍ଜାମ ଓ ଖୋର୍ଦ୍ଧାରୁ ୩ଜଣ ଲେଖାଏ, ସୁନ୍ଦରଗଡ଼, ରାୟଗଡ଼ା, ପୁରୀ ଓ ବାଲେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୯୬ ଛୁଇଁଛି। ଗତ ୧୧ଦିନରେ ରାଜ୍ୟରେ ୧୧୯ଜଣଙ୍କର କରୋନାରେ ଜୀବନ ଯାଇଛି। ଅଣକୋଭିଡ୍‌ରେ ପ୍ରାଣ ହରାଇଥିବା ୨ଜଣଙ୍କ ମଧ୍ୟରେ ଭୁବନେଶ୍ୱରର ୪୮ବର୍ଷୀୟ ବ୍ୟକ୍ତି ଏବଂ ନବରଙ୍ଗପୁରର ୬୭ ବର୍ଷୀୟ ବୃଦ୍ଧ ରହିଛନ୍ତି।

୨୯ ଜିଲ୍ଲାରୁ ଆଉ ୧୩୪୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮୧୮ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୫୨୩ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୪୮, ୭୯୬କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୨୨୭ଜଣ ଥିବାବେଳେ ଖୋର୍ଦ୍ଧାରୁ ୨୧୮ ଜଣ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୯୧, ଭଦ୍ରକ ୮୩, କଟକ ୭୬, ରାୟଗଡ଼ା ୭୫, ଝାରସୁଗୁଡ଼ା ୬୭, ନୟାଗଡ଼ ୫୭, ବରଗଡ଼ ୫୬, ବାଲେଶ୍ୱର ୫୪, କୋରାପୁଟ ୪୫, ବଲାଙ୍ଗୀର ଓ କେନ୍ଦ୍ରାପଡ଼ାରୁ ୨୭ଜଣ ଲେଖାଏ, ସମ୍ବଲପୁର ୨୬, କଳାହାଣ୍ଡି ୨୫, କେନ୍ଦୁଝର ୨୩, ଗଜପତି ୨୦, ମାଲକାନଗିରି ୧୭, ପୁରୀ, ଜଗତସିଂହପୁର ଓ କନ୍ଧମାଳରୁ ୧୬ଜଣ ଲେଖାଏ, ଯାଜପୁର ୧୫, ଢେଙ୍କାନାଳ ଓ ସୁବର୍ଣ୍ଣପୁରରୁ ୧୪ଜଣ ଲେଖାଏ, ବୌଦ୍ଧ ୧୦, ମୟୂରଭଞ୍ଜ ୯, ନୂଆପଡ଼ା ୭, ନବରଙ୍ଗପୁର ୬, ଅନୁଗୋଳରୁ ୪ଜଣ ରହିଛନ୍ତି। ରାଜ୍ୟରେ ମଙ୍ଗଳବାର ସୁଦ୍ଧା ୬,୯୨,୩୦୧ଟି ନମୁନା ପରୀକ୍ଷଣ ହୋଇଥିବାବେଳେ ୭.୦୫ ପ୍ରତିଶତ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଗତ ୨୪ ଘଣ୍ଟାରେ ୧୭୮୫ ସୁସ୍ଥ ହୋଇଛନ୍ତି। ଏଯାବତ ମୋଟ ସୁସ୍ଥଙ୍କ ସଂଖ୍ୟା ୩୪, ୮୦୫ରେ ପହଞ୍ଚିଛି।

## ବିଧାୟକ ସୌମ୍ୟରଞ୍ଜନଙ୍କୁ କରୋନା



**ଭୁବନେଶ୍ୱର, ୧୧।୮(ବ୍ୟୁରୋ):** ଖଣ୍ଡପଡ଼ା ବିଧାୟକ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ଏନେଇ ବିଧାୟକ ପଟ୍ଟନାୟକ ନିଜେ ଟୁଇଟ୍ କରି ଜଣାଇଛନ୍ତି। ସେ କରୋନା ପଜିଟିଭ୍ ହୋଇଥିବା ଜାଣିବାକୁ ପାଇଛନ୍ତି। ସୁସ୍ଥ ଅଛନ୍ତି, କିନ୍ତୁ ଗତ ସପ୍ତାହରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବନ୍ଧୁମାନଙ୍କୁ ଡାକ୍ତରୀ ପରାମର୍ଶ ନେବା ପାଇଁ ସେ ଟୁଇଟ୍ ମାଧ୍ୟମରେ ଅନୁରୋଧ କରିଛନ୍ତି। ପୂର୍ବତନ ଏମ୍‌ପି ତଥା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟର ୪ଜଣ ବିଧାୟକ କରୋନା ଆକ୍ରାନ୍ତ ହୋଇ ଚିକିତ୍ସା ପରେ ଆରୋଗ୍ୟ ହୋଇଥିଲେ। ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏବଂ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେହିପରି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ନିକଟରେ ପଜିଟିଭ୍ ଚିହ୍ନଟ ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## କ୍ୟାବିନେଟ୍ ବୈଠକ ଆଜି

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ବୁଧବାର ୫ଟା ୩୦ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଭିଡିଓ କନ୍‌ଫରେନ୍ସରେ ହେବାକୁ ଥିବା ଏହି ବୈଠକରେ ୧୮ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟ ସରକାର ସମବାୟ, ଅର୍ଥ, ରାଜସ୍ୱ, ପଞ୍ଚାୟତିରାଜ ବିଭାଗର କେତେକ ପ୍ରସ୍ତାବ କ୍ୟାବିନେଟ୍‌ରେ ଆସିବ ବୋଲି ଜଣାପଡ଼ିଛି। ମନ୍ତ୍ରୀମାନେ ଜିଲାରେ ଥିଲେ ଜିଲାପାଳଙ୍କ ଭିଡିଓ କନ୍‌ଫରେନ୍ସ ହଲ୍ କିମ୍ବା ନିଜ ସୁବିଧା ଅନୁଯାୟୀ କ୍ୟାବିନେଟ୍‌ରେ ଯୋଗଦେବେ ବୋଲି ଜଣାପଡ଼ିଛି।

## ଆଜି ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ


ଭୁବନେଶ୍ୱର,୧୧।୮(ବ୍ୟୁରୋ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ ବୁଧବାର ମଧ୍ୟାହ୍ନ ୧୨.୩୦ ମିନିଟରେ ପ୍ରକାଶ ପାଇବ। ଏନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟରେ ପ୍ରାୟ ୩ ଲକ୍ଷ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି। ଏଥର ରାଜ୍ୟରେ ମୋଟ ୯୫ ହଜାର ଛାତ୍ରୀଛାତ୍ର ବିଜ୍ଞାନରେ ପରୀକ୍ଷା ଦେଇଛନ୍ତି। ଏହି ଛାତ୍ରୀଛାତ୍ରମାନେ www.orissaresults.nic.in ୱେବ୍‌ସାଇଟରୁ ନିଜର ରେଜଲ୍ଟ ସମ୍ପର୍କରେ ଜାଣିପାରିବେ। ଏହାସହ ଚଳିତ ମାସ ତୃତୀୟ ସପ୍ତାହରେ ବାଣିଜ୍ୟ ଏବଂ ଶେଷ ସପ୍ତାହରେ କଳା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି।

## ୧୫ ଯାଏ ପ୍ରବଳ ବର୍ଷା

**ଭୁବନେଶ୍ୱର, ୧୧।୮(ବ୍ୟୁରୋ):** ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଓଡ଼ିଶା ଉପକୂଳରେ ରହିଥିବା ଲଘୁଚାପ ବଳୟ ଏବେ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଓ ତତ୍‌ସଂଲଗ୍ନ ଅଞ୍ଚଳ ଉପରେ ପରିବ୍ୟାପ୍ତ ହୋଇ ରହିଛି। ଏଥିସହ ଜଡ଼ିତ ଘୂର୍ଣ୍ଣିବଳୟ ବର୍ତ୍ତମାନ ସମୁଦ୍ର ପତ୍ତନଠାରୁ ୨.୧ କିମି ଉଚ୍ଚତା ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବା ସହ ଲଘୁଚାପ ଓଡ଼ିଶା ଉପକୂଳରୁ ଦୂରେଇ ଯାଇଛି। ତେଣୁ ଏବେ ରାଜ୍ୟରେ ଆଉ ଅତି ପ୍ରବଳ ବର୍ଷାର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କିନ୍ତୁ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ସେଥିପାଇଁ ପାଣିପାଗ କେନ୍ଦ୍ର କେତେକ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ତେବେ ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ରାଜ୍ୟରେ ଆସନ୍ତା ୪ଦିନ ଅର୍ଥାତ୍ ୧୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୨ତାରିଖରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ବରଗଡ଼ ଓ ସୁବର୍ଣ୍ଣପୁରରେ ପ୍ରବଳ ବର୍ଷା ହେବ ଏବଂ ଅଧିକାଂଶ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ୧୩ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କନ୍ଧମାଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୧୪ ତାରିଖରେ ଜଗତ୍‌ସିଂହପୁର, କଟକ, ଅନୁଗୋଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ ଏବଂ ୧୫ତାରିଖରେ ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, ମୟୂରଭଞ୍ଜ, ଅନୁଗୋଳ, ଝାରସୁଗୁଡ଼ା, ନବରଙ୍ଗପୁରରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏ ସମସ୍ତ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅନ୍ୟପକ୍ଷେ ଗତ ୨୪ଘଣ୍ଟାରେ କେବଳ ମାଲକାନଗିରିରେ ୧୫.୨ ମି.ମି. ଓ କୋରାପୁଟରେ ୪ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।



**ଆଜିର ମନ୍ତବ୍ୟ**
ମହାମାରୀ କରୋନା ବିରୋଧରେ ଲଢୁଥିବା ଯୋଦ୍ଧାଙ୍କୁ ଭଗବାନ କୃଷ୍ଣଙ୍କ କର୍ମଯୋଗ ବାର୍ତ୍ତା ସହାୟକ ହେଉଛି।
– ରାମନାଥ କୋବିନ୍ଦ, ରାଷ୍ଟ୍ରପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସୁବେଶ୍ ପରିବାରବର୍ଗ


କୃପାସାଗର ପରିବାରବର୍ଗ


ତିଳୋତମା ପରିବାରବର୍ଗ


ବିଶ୍ୱଜିତ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୋଲିସ

### ଭାଇରାଲ ଅଡିଓ ମାମଲା

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ଭାଇରାଲ ଅଡିଓ ମାମଲାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ରିମାଣ୍ଡରେ ନେଇଛି। ମଙ୍ଗଳବାର ସକାଳୁ ପୋଲିସ ଟିମ୍ ଝାରପଡ଼ା ଜେଲ୍‌କୁ ଯାଇ ଲକ୍ଷ୍ମୀକାନ୍ତ ବେହେରା ଓ ବିଶ୍ୱଜିତ ମହାନ୍ତିଙ୍କୁ ରିମାଣ୍ଡରେ ଆଣିଥିଲା। ସେମାନେ କେଉଁ ଉଦ୍ଦେଶ୍ୟ ରଖି ଏହି ଅଡିଓଟିକୁ ଭାଇରାଲ କଲେ, ସେନେଇ ଥାନାରେ ସେମାନଙ୍କୁ ପଚରାଉଚରା ଚାଲିଛି। ଏହି ଘଟଣାରେ ଲକ୍ଷ୍ମୀକାନ୍ତଙ୍କ ପରିବାର ଲୋକଙ୍କୁ ଭାଜପା ଓ କଂଗ୍ରେସ ଦଳ ଭେଟିଛି। ଉଲ୍ଲେଖଯୋଗ୍ୟ, କରୋନା ଚିକିତ୍ସାରେ ଅବ୍ୟବସ୍ଥା ନେଇ ଅଡିଓ ଭାଇରାଲ କରିବା ଘଟଣାରେ ପୋଲିସ ବିଶ୍ୱଜିତ ଓ ଲକ୍ଷ୍ମୀକାନ୍ତଙ୍କୁ ଗିରଫ କରିଥିଲା। ଲକ୍ଷ୍ମୀକାନ୍ତ ଏକ ଘରୋଇ କମ୍ୟୁନିକେଶନ ସଂସ୍ଥାର କର୍ମଚାରୀ ହୋଇଥିବା ବେଳେ ବିଶ୍ୱଜିତ ହେଉଛନ୍ତି ତାଙ୍କ ବନ୍ଧୁ। ଅନ୍ୟପକ୍ଷରେ କ୍ୟାପିଟାଲ ଥାନା ଆଇଆଇସିଙ୍କ ନାଁରେ ଏତଲା ହୋଇଛି। ଆଇଆଇସି ଆଇନ ଉଲ୍ଲଂଘନ କରିଥିବା ନେଇ ଡିସିପିଙ୍କ ନିକଟରେ ଭାଇରାଲ ଅଡିଓର ପ୍ରସାରଣ କରିଥିବା ଗଣମାଧ୍ୟମ ସଂସ୍ଥା ଅଭିଯୋଗ କରିଛି। ଅନ୍ୟପକ୍ଷରେ କମିଶନରେଟ୍ ପୋଲିସ ଉକ୍ତ ଗଣମାଧ୍ୟମ ସଂସ୍ଥାକୁ ନୋଟିସ୍ ଜାରି କରିଛି। ପ୍ରମାଣ ସହ ହାଜର ହେବା ପାଇଁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ରୁଷିଆ କହୁଛି...

କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇ ନ ଥିବାବେଳେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥିବା ସେଠାକାର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଥିଲା। ଡବ୍ଲ୍ୟୁଏଚ୍‌ଓ ଅନୁସାରେ ବିଶ୍ୱର ମୋଟ ୧୬୫ ପ୍ରତିଯୋଗୀ କରୋନା ଟିକା ବାହାର କରିବା ପାଇଁ ଗବେଷଣା ଚଳାଇଛନ୍ତି। ସେମାନଙ୍କ ମଧ୍ୟରୁ ତୃତୀୟ ପର୍ଯ୍ୟାୟରେ ପହଞ୍ଚିଥିବା ଭାକ୍ସିନ ପ୍ରସ୍ତୁତକାରୀ ୬ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ୩ ହେଉଛନ୍ତି ଚାଇନାର। ଅନ୍ୟ ୩ ପ୍ରସ୍ତୁତକାରୀ ହେଲେ 'ଅକ୍ସଫୋର୍ଡ ୟୁନିଭର୍ସିଟି ଓ ଆଷ୍ଟ୍ରାଜେନେକା', 'ମୋଡେର୍ନା' ଏବଂ 'ପିଫାଇଜର ଓ ବାୟୋନ୍ ଟେକ୍'। ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥା ଡବ୍ଲ୍ୟୁଏଚ୍‌ଓ ମୁଖପାତ୍ର ତାରିକ୍ ଜସାରେଭିକ୍ ଜେନେଭାଠାରେ ଖବରଦାତାମାନଙ୍କୁ କହିଛନ୍ତି, ରୁଷିଆ କର୍ତ୍ତୃପକ୍ଷଙ୍କ ସହ ଆମେ ଯୋଗାଯୋଗରେ ରହିଛୁ। 'ସ୍ପୁଟନିକ୍ ଭି' ଭାକ୍ସିନକୁ ସ୍ୱୀକୃତି ଦେବା ପୂର୍ବରୁ ଡବ୍ଲ୍ୟୁଏଚ୍‌ଓର ସମସ୍ତ ମାନଦଣ୍ଡରେ ଏହା ଉତ୍ତୀର୍ଣ୍ଣ ହେବା ଆବଶ୍ୟକ।

କରୋନା ଭାଇରସ୍ ବିଶ୍ୱର ୭୪୦,୦୦୦ ଲୋକଙ୍କ ଜୀବନ ନେବାସହ ୨୦ ନିୟୁତ ଲୋକଙ୍କୁ ସଂକ୍ରମିତ କରିଛି। ଏହାସହ କୋଭିଡ୍-୧୯ର ମୁକାବିଲା ପାଇଁ ବିଭିନ୍ନ ଦେଶରେ ଜାରି କଟକଣା ଯୋଗୁ ବିଶ୍ୱ ଅର୍ଥନୀତି ଦୋହଲିଯାଇଛି। ଆମେରିକା, ବ୍ରାଜିଲ ଓ ଭାରତ ପରେ ରୁଷିଆ ହେଉଛି କରୋନା ଭାଇରସ୍ ପ୍ରଭାବିତ ଚତୁର୍ଥ ରାଷ୍ଟ୍ର। ବିଗତ ୨୪ ଘଣ୍ଟା ମଧ୍ୟରେ ରୁଷିଆରେ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ୪,୯୪୫ ବୃଦ୍ଧି ଘଟି ଏହା ୮୯୭,୫୯୯ରେ ପହଞ୍ଚିଛି। ଏଭଳି ସମୟରେ ରୁଷିଆ ପକ୍ଷରୁ ଟିକା ବାହାର କରାଯିବା ପରେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଛି। କାରଣ ଏପ୍ରିଲ ୨୩ ପରଠୁ ପ୍ରଥମଥର ପାଇଁ ଦୈନିକ ନୂଆ ମାମଲା ୫,୦୦୦ରୁ କମ୍ ରହିଛି।

### ଝିଅ ସବୁବେଳ...

ମିଳିପାରିବ। ସଂଶୋଧିତ ହିନ୍ଦୁ ଉତ୍ତରାଧିକାର ଆଇନ, ୨୦୦୫ ପୂର୍ବଭଳି କାର୍ଯ୍ୟକାରୀ ହେବ କି ନାହିଁ, ତାକୁ ନେଇ ଏକାଧିକ ଆବେଦନ କରାଯାଇଥିବାବେଳେ ଏନେଇ ପୀଠ ଏଭଳି ରାୟ ଦେଇଛନ୍ତି। ବାପା ଜୀବିତ ଥାଆନ୍ତୁ କି ନ ଥାଆନ୍ତୁ, ଜନ୍ମିତ ଝିଅ ଜଣେ ପୁଅ ଭଳି ସମ୍ପତ୍ତିରୁ ସମାନ ଅଧିକାର ପାଇପାରିବେ ବୋଲି ସୁପ୍ରିମକୋର୍ଟ ଦର୍ଶାଇଛନ୍ତି।

ପ୍ରକାଶଥାଉ କି, ୨୦୦୫ ସେପ୍ଟେମ୍ବର ୫ରେ ହିନ୍ଦୁ ଉତ୍ତରାଧିକାରୀ ଆଇନ,୧୯୫୬ରେ ସଂଶୋଧନ ଅଣାଯିବା ପରେ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଥିଲେ। ସେହି ମାସ ୯ରୁ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ ପୈତୃକ ସମ୍ପତ୍ତିରେ ଲିଙ୍ଗଗତ ତାରତମ୍ୟକୁ ହଟାଇ ଦିଆଯାଇଥିଲା। ଫଳରେ ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ଧାରା ୧୪, ୧୫ ଓ ୨୧ (ସମାନତା ଅଧିକାର) ସମ୍ଭବ ହୋଇପାରିଥିଲା।

### ପ୍ରଖ୍ୟାତ ଉର୍ଦ୍ଦୁ କବି...

ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ୬୦% ନିମୋନିଆ ଥିଲା ବୋଲି ଚିକିତ୍ସା କରୁଥିବା ଡାକ୍ତର ବିନୋଦ ଭଣ୍ଡାରୀ କହିଛନ୍ତି।

ଇନ୍ଦୋରି ବଲିଉଡ୍‌ର ଜଣେ ଗୀତିକାର ଭାବେ ଜଣାଶୁଣା। ଜଣେ ଚିତ୍ରକର ଓ ଉର୍ଦ୍ଦୁ ଭାଷା ପ୍ରଫେସର ଭାବେ ତାଙ୍କର ଲୋକପ୍ରିୟତା ରହିଆସିଛି। ବିବାଦୀୟ ନାଗରିକତା ସଂଶୋଧନ ଆଇନ(ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି) ବିରୋଧ ଆନ୍ଦୋଳନବେଳେ ଇନ୍ଦୋରିଙ୍କ ଶାୟରୀ ଖୁବ୍ ଚର୍ଚ୍ଚାକୁ ଆସିଥିଲା। ସିଏଏ ଓ ଏନ୍‌ଆର୍‌ସି ପ୍ରସଙ୍ଗରେ ଇନ୍ଦୋରି କହିଥିଲେ ଯେ, ଏହି ଦେଶ କୌଣସି ବ୍ୟକ୍ତିବିଶେଷ, ପାର୍ଟି ଓ ଧର୍ମର ସମ୍ପତ୍ତି ନୁହେଁ। ଏହାକୁ ସେ ଶାୟରୀ ମାଧ୍ୟମରେ କହିଥିଲେ ଯେ, 'ସଭି କା ଖୁନ୍ ହେ ସାମିଲ ୟେହାଁ କି ମିଟ୍ଟି ମୈଁ, କିସି କେ ବାପ କା ହିନ୍ଦୁସ୍ଥାନ ଥୋଡି ହୈଁ'। ଏହି ଶାୟରୀ ସିଏଏ ବିରୋଧୀ ଆନ୍ଦୋଳନକାରୀଙ୍କ ସ୍ୱରକୁ ବଳିଷ୍ଠ କରିଥିଲା। 'କିସି କେ ବାପ କା ହିନ୍ଦୁସ୍ଥାନ ଥୋଡି ହୈଁ' ଲେଖାଥିବା ପ୍ଲାକାର୍ଡ ଆନ୍ଦୋଳନକାରୀମାନେ ପ୍ରଦର୍ଶନ କରିଥିଲେ।

ଇନ୍ଦୋରି ୧୯୫୦ ଜାନୁୟାରୀ ୧ରେ ଇନ୍ଦୋରରେ ଜନ୍ମଗ୍ରହଣ କରିଥିଲେ। ବାପା ରଫତୁଲ୍ଲା କୁରେସି ଓ ମା' ମକ୍‌ବୁଲ ଉନ୍ ନିଶା ବେଗମ୍‌ଙ୍କ ସେ ଚତୁର୍ଥ ସନ୍ତାନ ଥିଲେ। ଇନ୍ଦୋରର ଇସ୍‌ଲାମିଆ କରିମିଆ କଲେଜରେ ସେ ଉଚ୍ଚଶିକ୍ଷା ଲାଭ କରିବା ପରେ ଭୋପାଳର ବର୍କତୁଲ୍ଲା ବିଶ୍ୱବିଦ୍ୟାଳୟରୁ ଉର୍ଦ୍ଦୁ ଭାଷାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପରେ ଭୋଜ୍ ବିଶ୍ୱବିଦ୍ୟାଳୟ ତରଫରୁ ଉର୍ଦ୍ଦୁ ଭାଷା ଲାଗି ତାଙ୍କୁ ପିଏଚ୍.ଡି. ପ୍ରଦାନ କରାଯାଇଥିଲା। ଦେଶବିଦେଶରେ ଅନେକ ହୃଦୟସ୍ପର୍ଶୀ କବିତା, ଶାୟରୀ ପାଠକରି ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। ତାଙ୍କ ଦେହାନ୍ତରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନେକ ରାଜନେତା, କବି ଶୋକବ୍ୟକ୍ତ କରିଛନ୍ତି।

# ଚିଲିକା ଡିଏଫ୍‌ଓ ଗିରଫ

- ୧କୋଟି ୩୨ ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ
- ବୋହୂ ମୋତେ ଫସେଇ ଦେଇଛନ୍ତି: ଆଲୋକ

**ଭୁବନେଶ୍ୱର,୧୧।୮(ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ସୋମବାରଠାରୁ ଅଟକ ରଖି ପଚରାଉଚରା କରୁଥିବା ଚିଲିକା ଡିଏଫ୍‌ଓ ଆଲୋକ ରଞ୍ଜନ ହୋତାଙ୍କୁ ମଙ୍ଗଳବାର ଗିରଫ କରିଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୧୭ତାରିଖରେ ଜାମିନଉପରେକୋର୍ଟଶୁଣାଣିକରିବେ।ଆଲୋକଙ୍କନିକଟରେ୧କୋଟି ୩୨ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସ୍ପଷ୍ଟ କରାଯାଇଛି। ଆଲୋକଙ୍କର ଭୁବନେଶ୍ୱରସ୍ଥ ଚନ୍ଦ୍ରଶେଖରପୁର, ଢୁମୁଢୁମା, ଚକେଇଶିଆଣିରେ ଥିବା ଘର, ଖୋର୍ଦ୍ଧାରେ ଜଣେ ସମ୍ପର୍କୀୟଘର ଏବଂ କାର୍ଯ୍ୟାଳୟ ସହିତ ତାଙ୍କ ଭଡ଼ାଘରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ଯାଞ୍ଚରୁ ୧କୋଟି ୩୨ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିଲା।

କ୍ୟାପିଟାଲ ହସ୍ପିଟାଲକୁ ଡାକ୍ତରୀ ମାଇନା ପାଇଁ ଯାଇଥିବାବେଳେ ଡିଏଫ୍‌ଓ ହୋତା ଗଣମାଧ୍ୟମରେ ନିଜର ମତ ରଖିଛନ୍ତି। ହୋତା କହିଛନ୍ତି ଯେ, ଓଡ଼ିଶା ଫରେଷ୍ଟ ସର୍ଭିସ ଆସୋସିଏଶନ୍‌ର ଟ୍ରେଜେରର ଭାବେ ସେ ୨୦୧୪ ମସିହାରୁ ରହିଛନ୍ତି। ଭିଜିଲାନ୍ସ ଜବତ କରିଥିବା ୧ ଲକ୍ଷ ୭ହଜାର ଟଙ୍କା ହେଉଛି ଆସୋସିଏଶନ୍ ଟଙ୍କା। ଭିଜିଲାନ୍ସ ଜବତ କରିଥିବା ୧କୋଟି ୩୨ହଜାର ଟଙ୍କା ମିଛ। ୧୯୮୯ ମସିହାରେ ୫ଟଙ୍କା ସ୍କୋୟାର ଫୁଟରେ ୨ଶହ ୨୦ ସ୍କୋୟାର ଫୁଟ ଜାଗା ସେ ଲିଜ୍‌ରେ ପାଇଥିଲେ। ସେଠାରେ ଘର କରିବା ପାଇଁ ୧୯ ଲକ୍ଷ ଟଙ୍କା ଲୋନ୍ କରିଥିବାବେଳେ ଜିପିଏଫ୍‌ରୁ ୧୩ ଲକ୍ଷ ଟଙ୍କା ଉଠାଇଥିଲେ। ଘରଟି ୩୨ ଲକ୍ଷ ଟଙ୍କାର ଏଷ୍ଟିମେଟ ହୋଇଛି। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି କଥା ମିଛ। ତାଙ୍କ ପାରିବାରିକ ଗଣ୍ଡଗୋଳରେ ଭିଜିଲାନ୍ସ ମୁଣ୍ଡ ପୂରାଇଛି। ପୁଅ ଆଶିଷ ରଞ୍ଜନ ହୋତା ଖଡ଼ଗପୁର ଆଇଆଇଟିରେ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ଆଶିଷଙ୍କ ବାହାଘର ୩ବର୍ଷ ତଳେ ହୋଇଥିଲା। ପରେ ପୁଅ ବୋହୂଙ୍କ ସମ୍ପର୍କରେ ତିକ୍ତତା ଦେଖାଯାଇଥିଲା। ପୁଅ ଓ ବୋହୂଙ୍କ ଡିଭର୍ସ ଫାଇଲ ହୋଇଥିବାରୁ ବୋହୂ ଆକ୍ରୋଶ ରଖି ଭିଜିଲାନ୍ସରେ ତାଙ୍କ ନାଁରେ ପିଟିଶନ କରିଥିଲେ। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ନୁହେଁ ବରଂ ପାରିବାରିକ କଳହକୁ ନେଇ ବୋହୂ ତାଙ୍କୁ ଫସାଇ ଦେଇଛନ୍ତି।

# ଗ୍ୟାରେଜରୁ ୪୨ ହଜାର ଲିଟର ପିଡିଏସ୍ କିରୋସିନ ଜବତ

### ୪ ଗିରଫ

**ଭୁବନେଶ୍ୱର,୧୧।୮(ବ୍ୟୁରୋ):** ପିଡିଏସ୍ କିରୋସିନ ଚୋରା ଚାଲାଣର ପର୍ଦ୍ଦାଫାସ କରିଛି ଏସ୍‌ଟିଏଫ୍। ମଙ୍ଗଳବାର ଚୌଦ୍ୱାର ଥାନା ଅଧୀନ ମଙ୍ଗୁଳି ଛକସ୍ଥିତ ମା' ତାରିଣୀ ଗ୍ୟାରେଜରେ ଚଢାଉ କରି ୪୨ ହଜାର ଲିଟର ପିଡିଏସ୍ କିରୋସିନ୍ ଜବତ କରିଛି। ଏଥିସହ ୯ଟି ଟ୍ୟାଙ୍କର, ଗୋଟିଏ ଟାଟା ମ୍ୟାଜିକ, ୩ଟି ମୋଟର, ଗୋଟିଏ ଜେନେରେଟର, ୪ଟି ଖାଲି ଡ୍ରମ୍, ଗୋଟିଏ କାର, ପ୍ଲାଷ୍ଟିକ ପାଇପ୍ ଏବଂ ନଗଦ ୨୯ ହଜାର ୭ଶହ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲାର ରଞ୍ଜନ କୁମାର ବେହେରା, ନିରାକାର ବେଉରା, ମନୋରଞ୍ଜନ ବେହେରା ଏବଂ ବିଦ୍ୟାଧର ସାମଲ। ଏସ୍‌ଟିଏଫ୍ ଏମାନଙ୍କୁ ଗିରଫ କରିବା ପରେ ଚୌଦ୍ୱାର ପୋଲିସକୁ ହସ୍ତାନ୍ତର କରିଥିଲା। ଏନେଇ ଚୌଦ୍ୱାର ଥାନାରେ କେସ୍ ନଂ-୩୬୧/୨୦ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉପଭୋକ୍ତାଙ୍କ ପାଇଁ ଆସୁଥିବା ପିଡିଏସ୍ କିରୋସିନ୍‌କୁ ବାଟମାରଣା କରି ଏହି ଗିରଫ ଅଭିଯୁକ୍ତମାନେ ଚଢା ଦାମ୍‌ରେ ବିକ୍ରି ପାଇଁ ମଙ୍ଗୁଳି ଛକରେ ଥିବା ତାରିଣୀ ଗ୍ୟାରେଜରେ ଗଚ୍ଛିତ କରି ରଖୁଥିଲେ। ସେଠାରୁ ବିଭିନ୍ନ ଜିଲାକୁ ଚାଲାଣ କରି ଲକ୍ଷାଧିକ ଟଙ୍କା ପାଉଥିଲେ।

# ଜେଲ ଗଲେ ସାନଭାଇ

### ଭାଇ, ଭାଉଜଙ୍କୁ ଛୁରାମାଡ଼ ଘଟଣା

**ପିପିଲି,୧୧।୮(ସ୍ୱ.ପ୍ର.):** ପିପିଲି ଥାନା ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଭାଇ, ଭାଉଜଙ୍କୁ ଛୁରାମାଡ଼ କରିବା ସହ ପୋଲିସରୁ ବର୍ତ୍ତିବା ପାଇଁ ମାଙ୍କୁ ମାରିବା ପାଇଁ ଧମକ ଦେବା ଅଭିଯୋଗରେ ପୋଲିସ ସାନଭାଇ ଦିଲୀପ ରଥଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଦଫା ୨୯୪, ୩୨୬, ୩୦୭ରେ ମାମଲା ନଂ.୨୨୬/୨୦ ରୁଜୁ କରିଛି। ରବିବାର ରାତିରେ ଘରୋଇ କଳହକୁ ନେଇ ଦିଲୀପ ବଡ଼ ଭାଇ ନିରଞ୍ଜନ ଓ ଭାଉଜଙ୍କୁ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚିବାରୁ ମାଆଙ୍କୁ ଏକ ବନ୍ଦ କୋଠରିରେ ରଖି ମାରି ଦେବାକୁ ଧମକ ଦେଇଥିଲେ। ପ୍ରାୟ ୧୮ଘଣ୍ଟା ପ୍ରଚେଷ୍ଟା ପରେ ଦିଲୀପଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦିନେ ଖାଇଲେ ନୁହେଁଟି ଗଣ୍ଡି**
**ଝୁରି ମରୁଥାଏ ପୂରୁବ ଖଣ୍ଡି।**
ଦିନେ ଅଧେ ଭଲ ସ୍ୱାଦିଷ୍ଟ ଖାଦ୍ୟ ଖାଇଦେଲେ ଯେ ସ୍ୱାସ୍ଥ୍ୟ ଲାଗିଯିବ ସେଭଳି ଭାବିବା ମୂର୍ଖାମି ହୋଇଥାଏ। ପରନ୍ତୁ ଭଲ ଭଲ ସୁଆଦିଆ ଜିନିଷ ଥରେ ପାଟିରେ ଲାଗିଗଲେ ସେଭଳି ଖାଦ୍ୟ ପ୍ରତି ମନରେ ଏକପ୍ରକାର ଲାଳସା ଭାବନା ଆସିଯାଏ, ସବୁଦିନେ ସେପରି ଜିନିଷ ଖାଇବାକୁ ମନ ଝୁରିହୁଏ। ତେଣୁ ନିଜର ଯେତିକି ଅଛି ସେତିକିରେ ଖାଇ ପିଇ ସନ୍ତୁଷ୍ଟ ରହିବା ହିଁ ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିନ ଯାଏ**
**ଚିହ୍ନ ରହେ।**
ବେଳେ ବେଳେ କିଛି କଟୁ ବା ତିକ୍ତ କଥା ମନରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ମନରୁ ସେ ଛାପ ହଟିଯାଇପାରି ନ ଥାଏ। ଅପମାନର ସ୍ମୃତି ବହୁଦିନ ଧରି ମନରେ ଦାଗ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ**
**– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରହିବା ଭଲ। ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ।

**ବୃଷ**

ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଆକସ୍ମିକ ସମସ୍ୟା ହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ଆଜିର ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ**

ପରିସ୍ଥିତି ବଦଳି ଯିବା କାରଣରୁ କାର୍ଯ୍ୟଟି ସ୍ଥଗିତ ରହିଯାଇପାରେ। ନିଜ ଇଚ୍ଛା ଅନୁସାରେ କୌଣସି କାମ କରି ପରିବାରରୁ ସମାଲୋଚିତ ହେବାକୁ ପଡିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ**

କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ଯୋଗ ସଂଘଟିତ ହେବ।

**ସିଂହ**

କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟରୁ ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢି ଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**


ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ଅତି ନିକଟରେ ରହୁଥିବା ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ପରିବାରକୁ ଉପେକ୍ଷାକରି ପରକ୍ଷଣରେ ଅନୁତାପ କରିବାକୁ ପଡିପାରେ।

**ତୁଳା**

କର୍ମକ୍ଷେତ୍ରରେ କେତେକ ସମସ୍ୟା ଓ ପ୍ରତିବନ୍ଧକ ଆସିବ ତଥାପି କାମ ଅଟକିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁରାତନ ସମସ୍ୟା ସମାଧାନ ହୋଇଯିବ।

**ବିଛା**

ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ ନାହିଁ।

**ଧନୁ**

ପାରିବାରିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଉଚ୍ଚ ପ୍ରଶଂସିତ ହେବେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳତା ପାଇବେ। କଠୋର କଥା କହିବା କାରଣରୁ ସାମୟିକ କଳହ ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**

ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ**


ହାତକୁ ନେଇଥିବା କାମଗୁଡିକ ଅତି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ।

**ମୀନ**

ବନ୍ଧୁ ସମ୍ପର୍କରେ ଅବନତି ଘଟିବା ପାଇଁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ।

ଆଜି ବୈଷ୍ଣବସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ସ୍ମାର୍ତ୍ତସମ୍ମତ ନନ୍ଦୋତ୍ସବ, ବୁଧିବାମନ ଓଷା ଦ୍ୱିତୀୟପାଳି, ଭାଦ୍ରବ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ବୁଧବାର, ଅଗଷ୍ଟ ୧୨ ତାରିଖ, ରାଶିନକ୍ଷତ୍ର-ବିଶ୍ୱ ଯୁବ ଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୨୯ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୦୯.୪୪ମି. ଗତେ ଘ.୧୧.୨୬ମି. ମଧ୍ୟେ, ଘ୦୩.୪୧ମି. ଗତେ ଘ.୦୫.୨୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୮ମି. ଗତେ ଘ.୦୯.୧୩ମି. ମଧ୍ୟେ, ଘ.୦୧.୪୪ମି. ଗତେ ଘ.୦୫.୩୦ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୧.୫୮ମି. ଗତେ ଘ.୦୩.୪୦ମି. ମଧ୍ୟେ, ରାତ୍ରି ଘ.୦୯.୧୩ ମି. ଗତେ ଘ.୧୦.୪୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୫୧ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

Khandayat boy 1988 B.Tech, Canara Bank Manager. "VAISNABI". 9337336614 (Whats App). D-69326

Looking bride for son 31 B.Tech, NIT, Durgapur, MBA Ximb working MNC company, caste no bar 7008986005. D-17917

୩୩ବର୍ଷ/ ୫ଫୁଟ ୬ଇଞ୍ଚ/ **M.Tech, KIITରୁ Ph.D, NIT, Patnaରୁ** କରି **VIT- AP** ୟୁନିଭର୍ସିଟିରେ **Assistant Professor Sr. Grade-1** ଭାବେ କାର୍ଯ୍ୟରତ ସୁନ୍ଦର ତେଲି ଯୁବକଙ୍କ ପାଇଁ ଗୌରବର୍ଣ୍ଣା ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। **9771857180, 9939028465.** D-17932

## GROOM WANTED

Girl age 28 B.Tech IIT, BBSR; M.Tech VSSUT, Burla Ph.D NIT Rourkela work in Govt. PSU sector caste no bar, 8144589551. D-17916




## SALE

**Plot for immediate sale at Saheed Nagar, Ashok Nagar, Jhadapada, Palasuni (200 meters from NH) & Mancheswar, Bhubaneswar, buyers Contact- DEEPAK - 9937329999.** D-69901

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397 / 9861022055. D-17905


ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

1700sqft. yellowzone residential with commercial plot for sale at Baramunda, Bhubaneswar. (No Brokers) Price 74 lakhs. Contact : 7504392698. D-69717




2BHK vacant at Madhusudan Nagar, Nicco Park lane Bhubaneswar. 8270887551, 8114791744. D-68361

For Office/ Executive residence, 5BR, 1st Floor, Parking, F/23, BJB Nagar, Bhubaneswar. 7008958900, 9937576193. D-69424




Get refreshment body massage by expert therapist contact for. 9556978408. D-69718

Newly open full body massage by Lady/ Gents therapists - 8018656899. D-60885

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Relaxing body massage by Lady/ Gents therapists - 7008773793. D-60886

Newly open SPA Centre full body massage Bamikhal, Bhubaneswar. 7205187702. D-59955

Herbal full body massage by smart / expert therapist. Contact: 8338067247. D-69713

Newly open SPA centre full body massage, Rasulgarh, Bhubaneswar. 7846814019. D-59956

## AFFIDAVIT

I, Saisangeeta Majhi, W/o:- Sandip Kumar Mohanty At:- Padhuanpada, Po/ Ps/Dist:- Balasore - 756001, have changed my surname after marriage to Saisangeeta Mohanty for all future purposes vide affidavit Dt:- 08/08/2020 sworn before Notary N. Mohanty, Bhubaneswar. D-17926

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୫ ପୋଲିସ କର୍ମଚାରୀ କରୋନା ସଂକ୍ରମିତ

ଟାଙ୍ଗୀ (ଖୋର୍ଦ୍ଧା),୧୧।୮(ଡି.ଏନ୍.ଏ.): ଟାଙ୍ଗୀ ଥାନାର ୫ ପୋଲିସ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨ ଏସ୍ଆଇ, ଜଣେ କନଷ୍ଟେବଳ ଓ ୨ ହୋମଗାର୍ଡ ରହିଛନ୍ତି ବୋଲି ଆଇଆଇସି ସରୋଜ କୁମାର ଉପାଧ୍ୟାୟ କହିଛନ୍ତି। ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ଥାନା ପରିସରକୁ ସାନିଟାଇଜ୍ କରାଯିବ। ସୂଚନାଥାଉ କି, ଖୋର୍ଦ୍ଧା ଏସ୍ପି ଅଜୟ ପ୍ରତାପ ସ୍ୱାଇଁ ପଜିଟିଭ୍ ଚିହ୍ନଟ ହେବା ପରେ ଜିଲାର ସମସ୍ତ ଥାନାର କର୍ମଚାରୀଙ୍କ ସ୍ୱାବ୍ ଟେଷ୍ଟ କରାଯାଇଥିଲା।

## ଅନ୍ତର୍ଜାତୀୟ ହସ୍ତୀ ଦିବସ



# ଇତିହାସମୁଖୀ ଐତିହ୍ୟ ପ୍ରାଣୀ

ପୃଥିବୀର ବୃହତ୍ତମ ସ୍ଥଳଚର ପ୍ରାଣୀ ହେଉଛି ହାତୀ। ଏହି ଜୀବ ସହ ଭଗବାନ ଗଣେଶଙ୍କ ମୁଖମଣ୍ଡଳର ସାମଞ୍ଜସ୍ୟ ରହିଥିବା କାରଣରୁ ଏହାକୁ ଦେଖିଲେ ମନରେ ଏକ ପ୍ରକାର ଭକ୍ତିଭାବ ସୃଷ୍ଟି ହୋଇଥାଏ। ହେଲେ ଅନେକ ସମୟରେ ଭୟ ମଧ୍ୟ ଉଦ୍ରେକ ହୋଇଥାଏ। ଏହା ଏକ ବୁଦ୍ଧିମାନ ଜୀବ। ମାତ୍ର ବିଭିନ୍ନ କାରଣରୁ ହାତୀ-ମଣିଷ ମଧ୍ୟରେ ହେଉଥିବା ସଂଘର୍ଷରେ ଏହି ଜୀବ ହାରିଯାଉଛି। ୨୦୧୦ ଅକ୍ଟୋବର ୧୩ତାରିଖରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ଷ୍ଟାଣ୍ଡିଂ କମିଟି ପକ୍ଷରୁ ହାତୀକୁ ଭାରତର 'ଜାତୀୟ ଐତିହ୍ୟ ପ୍ରାଣୀ' ବୋଲି ମାନ୍ୟତା ମିଳିଛି, କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ଐତିହ୍ୟ ପଶୁ ଆଜି ବିଲୁପ୍ତପ୍ରାୟ ହେବାକୁ ଯାଉଛି। ପ୍ରତିବର୍ଷ ଅଗଷ୍ଟ ୧୨ତାରିଖରେ ଅନ୍ତର୍ଜାତୀୟ ହସ୍ତୀ ଦିବସ ପାଳନ କରାଯାଉଛି। ହାତୀର ସଂରକ୍ଷଣ ଓ କିପରି ସୁରକ୍ଷା ଦେଇପାରିବା ସେ ଦିଗରେ ସଚେତନ କରିବା ପାଇଁ ଏହି ଦିବସକୁ ପାଳନ କରାଯାଇଥାଏ।

**୨୦୨୦ରେ ଗଲେଣି ୩୫ହାତୀ**



ଭୁବନେଶ୍ୱର, ୧୧।୮(ଅସମାପିକା ସାହୁ)

ପ୍ରାକୃତିକ ବାସସ୍ଥଳୀ ଅଭାବ କିମ୍ବା ଦୁର୍ଘଟଣା ବା ମଣିଷ–ହାତୀ ଲଢ଼େଇ କାରଣରୁ ଦିନକୁ ଦିନ ରାଜ୍ୟରେ ହାତୀ ସଂଖ୍ୟା କମିବାରେ ଲାଗିଛି। ଏକ ପରିସଂଖ୍ୟାନରୁ ଜଣାଯାଏ ଯେ, ୧୯୭୯ରେ ରାଜ୍ୟରେ ହାତୀ ସଂଖ୍ୟା ୨,୦୪୪ ଥିଲା। ୨୦୧୭ ଗଣନା ଅନୁଯାୟୀ ଓଡ଼ିଶାରେ ହାତୀ ସଂଖ୍ୟା ୧,୯୭୬ରେ ରହିଛି। ପ୍ରତିବର୍ଷ ବିଭିନ୍ନ କାରଣ ଯୋଗୁ ହାତୀଙ୍କର ମୃତ୍ୟୁ ହେଉଛି। ସବୁଠାରୁ ବଡ଼ କଥା ହେଲା ଚଳିତବର୍ଷ ଅର୍ଥାତ୍ ୨୦୨୦ ଜାନୁୟାରୀରୁ ଅଗଷ୍ଟ ୧୧ତାରିଖ ମଧ୍ୟରେ ୩୫ ହାତୀର ମୃତ୍ୟୁ ଘଟିଲାଣି। ଜାନୁୟାରୀରେ ୭ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଫେବୃୟାରୀରେ ୫, ମାର୍ଚ୍ଚରେ ୬, ଏପ୍ରିଲରେ ୬, ମେ'ରେ ୩, ଜୁନ୍‌ରେ ୭, ଜୁଲାଇରେ ଗୋଟେ ହାତୀର ମୃତ୍ୟୁ ହୋଇଛି। ଓଡ଼ିଶାର ୧୪ଟି ବନଖଣ୍ଡରୁ ଏହି ୩୫ହାତୀଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା, ଅନୁଗୋଳ, ଢେଙ୍କାନାଳ, ରେଢ଼ାଖୋଲ ଓ କେନ୍ଦୁଝର ବନଖଣ୍ଡରୁ ୫ଟି ଲେଖାଏ ହାତୀଙ୍କର ମୃତ୍ୟୁ ଘଟିଥିବାବେଳେ ରାଉରକେଲାରେ ୨, ବଲାଙ୍ଗୀର, ବାମରା, ଗାମ ଜିଲାର ଘୁମୁସର ଉତ୍ତର, କେନ୍ଦୁଝର ୱାଇଲ୍ଡଲାଇଫ୍, ବୌଦ୍ଧ, ବାଲେଶ୍ୱର, ଆଠଗଡ଼ ଓ ସୋନପୁର ବନଖଣ୍ଡରେ ଗୋଟିଏ ଲେଖାଏ ହାତୀର ମୃତ୍ୟୁ ହୋଇଛି। ରାଜ୍ୟରେ ହାତୀ ମୃତ୍ୟୁ ଯେଉଁଭଳି ଭାବେ ବଢ଼ିବାରେ ଲାଗିଛି ତାହା ଚିନ୍ତାଜନକ ହେଲାଣି। ବନ ବିଭାଗର ଖାମ୍‌ଖିଆଲ ମନୋଭାବ ଯୋଗୁ ଆଜି ଐତିହ୍ୟ ପ୍ରାଣୀ ବିପଦରେ ରହିଛି। ଯଦି ଏହିଭଳି ଲାଗି ରହିବ ହୁଏତ ଆଗାମୀ ଶତାବ୍ଦୀରେ ଓଡ଼ିଶାରେ ପିଲାମାନେ କେବଳ ଇତିହାସ ବହିରେ ହାତୀକୁ ଦେଖିବାକୁ ପାଇବେ।

### ହାତୀ ମୃତ୍ୟୁ ହାର ବୃଦ୍ଧି

ଓଡ଼ିଶାରେ ହାତୀ ମୃତ୍ୟୁ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏହି ମୃତ୍ୟୁହାର ୧୯୯୯–୨୦୦୦ରେ ବାର୍ଷିକ ୩୩ ଥିବା ବେଳେ ୨୦୦୦ରୁ ୨୦୧୦ ମଧ୍ୟରେ ବାର୍ଷିକ ୪୬କୁ ବଢ଼ିଯାଇଥିଲା। ୨୦୧୦ ପରଠାରୁ ବାର୍ଷିକ ମୃତ୍ୟୁହାର ୭୮ରେ ପହଞ୍ଚିଲାଣି। ୨୦୦୦ରୁ ୨୦୧୦ ମଧ୍ୟରେ ୪୬୩ଟି ହାତୀ ମରିଥିବା ବେଳେ ୨୦୧୦ରୁ ୨୦୨୦ମଧ୍ୟରେ ୭୮୪ଟି ହାତୀ ମଲେଣି। ଗତ ୧୦ବର୍ଷରେ ମରିଥିବା ୭୮୪ ହାତୀଙ୍କ ମଧ୍ୟରୁ ୨୮୧ଟି ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ବେଳେ ୧୭୦ଟି ଘଟଣାରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ।

### ମୁଣ୍ଡବିନ୍ଧା ସାଜିଛି ହାତୀ ଶିକାର

ହାତୀ ମୃତ୍ୟୁ ବିଭିନ୍ନ କାରଣ ଯୋଗୁ ହୋଇଥାଏ। ଅନେକ କ୍ଷେତ୍ରରେ ହାତୀକୁ ଶିକାର ମଧ୍ୟ କରାଯାଇଥାଏ। ରାଜ୍ୟରେ ଗତ ୧୦ବର୍ଷ ମଧ୍ୟରେ ମରିଥିବା ୭୮୪ହାତୀଙ୍କ ମଧ୍ୟରୁ ୧୧୪ଟି ହାତୀଙ୍କୁ ଶିକାର କରାଯାଇ ମରାଯାଇଥିବା ଜଣାପଡ଼ିଛି। ମୁଖ୍ୟତଃ ଦାନ୍ତ ପାଇଁ ହାତୀ ଶିକାର କରାଯାଉଛି। ଏହା ବନ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

### ବିଦ୍ୟୁତ୍ ତାର ବିପଦ

ବନ୍ୟଜନ୍ତୁ ଶିକାର ପାଇଁ ଇଲେକ୍ଟ୍ରିକ କରେଣ୍ଟର ବ୍ୟବହାର ଦିନକୁ ଦିନ ବିଷମ ପରିସ୍ଥିତି ସୃଷ୍ଟି କଲାଣି। ବାର୍ହା, ଶମ୍ବର ବା ଅନ୍ୟ ବନ୍ୟପ୍ରାଣୀଙ୍କୁ ମାରିବା ଉଦ୍ଦେଶ୍ୟରେ ଶିକାରୀମାନେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ବ୍ୟବହାର କରିଥାନ୍ତି। ଏପରି କି ଫସଲକୁ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ କବଳରୁ ରକ୍ଷା ପାଇଁ ମଧ୍ୟ ସେହି କରେଣ୍ଟ ଅନେକ ସମୟରେ ବ୍ୟବହାର କରାଯାଉଛି। ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅନେକ ହାତୀଙ୍କ ମୃତ୍ୟୁ ଘଟୁଛି।

### ହାତୀ କରିଡର ନଷ୍ଟ

ରାଜ୍ୟ ସରକାର ୨୦୧୦ଜାନୁୟାରୀରେ ୧୪ଟି ହାତୀ କରିଡର ବା ହାତୀ ଚଲାପଥ ଚିହ୍ନଟ କରିଥିଲେ, ଯାହାକି ୮୭୦ବର୍ଗ କିଲୋମିଟର ପରିବ୍ୟାପ୍ତ ଥିଲା। ଏହା ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଆଦି ୩ଟି ରାଜ୍ୟକୁ ସଂଯୋଗୁ କରୁଥିଲା। ଯଦିଓ ଏସବୁ କରିଡର ଉନ୍ନତି ପାଇଁ ୨୦କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା, କିନ୍ତୁ କରିଡରଗୁଡ଼ିକୁ ଏପର୍ଯ୍ୟନ୍ତ ଆଇନଗତ ସୁରକ୍ଷା ମିଳିପାରିନାହିଁ। ଫଳରେ ଏଗୁଡ଼ିକ ନଷ୍ଟ ହେବାରେ ଲାଗିଛି।

### ହାତୀ ରିଜର୍ଭ

ରାଜ୍ୟରେ ଟାଇଗର ରିଜର୍ଭ ପରି କିଛି ସ୍ଥାନରେ ହାତୀ ରିଜର୍ଭ ମଧ୍ୟ ଚିହ୍ନଟ ହୋଇଥିଲା। ଚିହ୍ନଟ ହୋଇଥିବା ୫ଟି ସ୍ଥାନ ମଧ୍ୟରୁ ମାତ୍ର ୩ଟିକୁ ରିଜର୍ଭର ମାନ୍ୟତା ମିଳିଛି। ସେଗୁଡ଼ିକ ହେଲା ମହାନଦୀ, ମୟୂରଭଞ୍ଜ ଓ ସମ୍ବଲପୁର ରିଜର୍ଭ। ତେବେ ଅନ୍ୟ ୨ଟି ହାତୀ ରିଜର୍ଭ ଯଥା ଦକ୍ଷିଣ ଓଡ଼ିଶା ରିଜର୍ଭ ଓ ବୈତରଣୀ ରିଜର୍ଭକୁ ଏପର୍ଯ୍ୟନ୍ତ ମାନ୍ୟତା ମିଳିନାହିଁ।

### ବାଟବଣା କୁମ୍‌କୀ ପ୍ରଶିକ୍ଷଣ

ଭୁବନେଶ୍ୱର ଉପକଣ୍ଠରେ ଏହା ଅବସ୍ଥିତ। ଏକଦା ଚନ୍ଦକାରେ ୬୦ଟି ହାତୀ ବାସ କରୁଥିଲେ। କିନ୍ତୁ ବନ ବିଭାଗର ଭୁଲ୍ ପରିଚାଳନା ଯୋଗୁ ୨୦୧୨ଗଣନାରେ ମାତ୍ର ଗୋଟିଏ ହାତୀ ଥିବା ରିପୋର୍ଟ କରାଯାଇଥିଲା। ଚନ୍ଦକାରେ କୁମ୍‌କୀ ପ୍ରଶିକ୍ଷଣ ନାମରେ ଏକ କାର୍ଯ୍ୟକ୍ରମ ଚାଲୁଛି। କିନ୍ତୁ ଏହାର କୌଣସି ସୁଫଳ ମିଳୁନାହିଁ। ଯାଜପୁରରୁ ଉଦ୍ଧାର ହୋଇ ଆସିଥିବା ଦନ୍ତା ହାତୀଟି ବନ କର୍ମଚାରୀଙ୍କ ଅବହେଳା ଯୋଗୁ ମରିଗଲା। ଆଉ ଏକ ଦନ୍ତା 'ଶଙ୍କର' ଗୋଡ଼ରେ ଶିକୁଳି ପଡ଼ି ମୃତ୍ୟୁର ଦିନ ଗଣୁଛି।

## ସ୍ତ୍ରୀଙ୍କୁ ପିଟି ମାରିଦେଲେ ସ୍ୱାମୀ

ବାମରା,୧୧।୮(ଡି.ଏନ.ଏ.): ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ଥାନା ଅଧୀନ ସିମିଲିବାହାଲରେ ଜଣେ ବ୍ୟକ୍ତିଙ୍କ ମାଡ଼ରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ମହିଳା ଜଣକ ହେଲେ ସ୍ୱପ୍ନେଶ୍ୱର ସା (୩୪)ଙ୍କ ସ୍ତ୍ରୀ ଅସ୍ମିତା ସା (୩୦)। ରବିବାର ରାତିରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉତକ୍ଷିପ୍ତ ହୋଇ ସ୍ୱପ୍ନେଶ୍ୱର ଅସ୍ମିତାଙ୍କୁ ନିଷ୍ଠୁର ମାଡ଼ ମାରିଥିଲେ। ଶାଳକ ସୁଶାନ୍ତ କାଉଡିଙ୍କଠାରୁ ଖବର ପାଇ ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣା ଓ ଗଡ଼ପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଦଫା ୩୦୨ ଓ ୪୯୮(କ)ରେ ଏକ ମାମଲା (ନଂ.୧୧୯/୨୦) ରୁଜୁ କରି ଅଭିଯୁକ୍ତ ସ୍ୱପ୍ନେଶ୍ୱରଙ୍କୁ ପୋଲିସ ଗିରଫ କରିଛି। ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ଅସ୍ମିତାଙ୍କ ମୃତଦେହ ହସ୍ତାନ୍ତର କରିଛି।

# ବଡ଼ଭାଇ ପରିବାରକୁ ମୂଳପୋଛ ଉଦ୍ୟମ

- ପାଇଖାନା ଟାଙ୍କିରେ ଭର୍ତ୍ତି କରିଥିଲେ ସାନଭାଇ
- ବଡ଼ଭାଇ, ପୁତୁରା ମୃତ
- ଭାଉଜ ଗୁରୁତର

ବାମରା,୧୧।୮(ଡି.ଏନ୍.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ୍ ବାଉଁଶଲଗା ପଞ୍ଚାୟତ ତାଳଡ଼ିହି ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ନିଜ ବଡ଼ଭାଇ, ଭାଉଜ ଓ ପୁତୁରାକୁ ଆକ୍ରମଣ କରିବା ପରେ ଘରପାଖ ଅଙ୍ଗନୱାଡ଼ି କେନ୍ଦ୍ର ପାଇଖାନା ଟାଙ୍କିରେ ଭର୍ତ୍ତି କରି ସେହି ପରିବାରକୁ ମୂଳପୋଛ କରିବାକୁ ଉଦ୍ୟମ କରିଥିଲେ। ଏଥିରେ ବଡ଼ ଭାଇ ଦିଲୀପ ମାଝି (୨୮) ଓ ତାଙ୍କ ୩ ବର୍ଷର ପୁଅ ବିଶ୍ୱରାଜଙ୍କ ମୃତ୍ୟୁ ଘଟିଛି। ଭାଉଜ ସରିତା(୨୨)ଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରେ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ୨ ମୃତଦେହକୁ ବ୍ୟବଚ୍ଛେଦ ପରେ ପୋଲିସ ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଗୋବିନ୍ଦପୁର ଥାନାରେ ଆଇପିସିର ଦଫା ୩୦୨ ଓ ୨୦୧ରେ ଏକ ମାମଲା (ନଂ.୧୨୦/୨୦) ରୁଜୁ ହୋଇଛି। ଅଭିଯୁକ୍ତ ସନାତନ ମାଝି (୨୦)ଙ୍କୁ ପୋଲିସ ନିଜ ହେପାଜତକୁ ନେଇଛି।

ସୂଚନା ଅନୁଯାୟୀ, ତାଳଡ଼ିହି ସ୍କୁଲପଡ଼ା ଅଙ୍ଗନୱାଡ଼ି ନିକଟରେ ରହୁଥିବା ଦିଲୀପ, ତାଙ୍କ ସ୍ତ୍ରୀ ଓ ପୁଅ ଗତ ରବିବାର ରାତିରୁ ନିଖୋଜ ଥିଲେ। ବହୁ ଖୋଜାଖୋଜି ପରେ ବି ସେମାନଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ଦିଲୀପଙ୍କ ମା' ଗୋବିନ୍ଦପୁର ଥାନାକୁ ଆସି ତାଙ୍କ ସାନ ପୁଅ ସନାତନ ବଡ଼ପୁଅ ପରିବାରକୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଏହାପରେ ପୋଲିସ ସନାତନଙ୍କୁ ଧରି ପଚରାଉଚରା କରିବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଥିଲା। ଏହାପରେ ପୋଲିସ ବାମରା ଅଗ୍ନିଶମ କର୍ମଚାରୀଙ୍କ ସାହାଯ୍ୟରେ ପାଇଖାନା ଟାଙ୍କିରୁ ଦିଲୀପ ଓ ପୁଅ ବିଶ୍ୱରାଜଙ୍କ ମୃତଦେହ ଉଦ୍ଧାର କରିଥିଲା।

ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି, ଅଭିଯୁକ୍ତ ସନାତନ ଓ ବଡ଼ ଭାଇ ଦିଲୀପଙ୍କ ମଧ୍ୟରେ ରବିବାର ରାତିରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ସନାତନ ଦିଲୀପଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହାପରେ ଭାଉଜ ସରିତା ଓ ପୁତୁରା ବିଶ୍ୱରାଜଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଫଳରେ ଭାଇ, ଭାଉଜଙ୍କ ସହିତ ପୁତୁରା ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡିଥିଲେ। ଏତିକିରେ ବି ସନାତନଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସେ ସମସ୍ତଙ୍କୁ ଟେକି ନେଇ ପାଖ ପାଇଖାନା ଟାଙ୍କିରେ ପକାଇ ଦେଇଥିଲେ। ପ୍ରମାଣ ନଷ୍ଟ କରିବାକୁ ରକ୍ତ ପଡିଥିବା ସ୍ଥାନରେ ସେ ଗୋବର ପାଣି ପକାଇ ପୋଛି ଦେଇଥିଲେ।

ତେବେ କେଉଁ କାରଣରୁ ସନାତନ ଏପରି ପଦକ୍ଷେପ ନେଲେ ତାହା ପୋଲିସ ସ୍ପଷ୍ଟ କରିନାହିଁ। ସାଇଣ୍ଟିଫିକ୍ ଟିମ୍ ସହ ସମ୍ବଲପୁର ଅତିରିକ୍ତ ଏସ୍‌ପି ଉଗ୍ରସେନ ପ୍ରଧାନ, କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର, ଇନ୍ସପେକ୍ଟର ଜ୍ୟୋସ୍ନାରାଣୀ ବେହେରା, ଏସ୍ଆଇ ଥୋମାସ କେର୍କେଟା, ଏଚ.କେ. ମୁଣ୍ଡାରୀ, ଏଏସ୍ଆଇ ଯୋଗେଶ୍ୱର କିଷାନ ପହଞ୍ଚି ତନାଘନା ଚଳାଇଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ବାମରା ତହସିଲଦାର ଅନିଲ କୁଲୁ ମଧ୍ୟ ଘଟଣାସ୍ଥଳକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଭାଉଜ ସରିତା ସୁସ୍ଥ ହେବା ପରେ ସେଦିନ ରାତିରେ କେଉଁ କାରଣକୁ ନେଇ ଏପରି ଘଟଣା ଘଟିଲା ଜଣାପଡିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

**ନିଯୁକ୍ତି**
**୧୦୮ ଆମ୍ବୁଲାନ୍ସ ସେବା**
**ଇ.ଏମ୍.ଟି ଓ ଡ୍ରାଇଭର ଆବଶ୍ୟକ**

| ପଦବୀ | ଯୋଗ୍ୟତା |
|---|---|
| ଜରୁରୀକାଳୀନ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) (କେବଳ ପୁରୁଷ) | ବି.ଫାର୍ମା/ଡି.ଫାର୍ମା/ବି.ଏସ୍.ସି (ଆନାସ୍ଥେସିୟା)/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସିଂ) ଏବଂ ବୟସ ସୀମା -୪୫ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ (୩୧ ଜୁଲାଇ ୨୦୨୦ ପର୍ଯ୍ୟନ୍ତ) |
| ଡ୍ରାଇଭର (କେବଳ ପୁରୁଷ) | ଡ୍ରାଇଭିଙ୍ଗ୍ ଏଚ୍‌ସିଭି, ୮ମ ପାସ୍ କ୍ରିୟା ତଦୁର୍ଦ୍ଧ, ଏବଂ ବୟସ ୨୦ ରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। |

**ଓଡ଼ିଶାର ସମସ୍ତ ବ୍ଲକ ହେଡକ୍ୱାର୍ଟସ ପାଇଁ ଆବଶ୍ୟକ**

| ଯୋଗାଯୋଗ କରନ୍ତୁ | ସମୟ |
|---|---|
| ୯୦୭୮୦୧୦୯୩୮, ୯୦୭୮୦୧୦୯୪୮<br>୯୦୭୮୦୧୦୮୦୦ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଅଫିସ୍ ଠିକଣା :- ଜିକିତ୍ସା ହେଲଥ୍ କେୟାର ଲିମିଟେଡ୍
୭ମ ମହଲା, ଇଡ୍‌କୋ ଟାୱାର୍, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା

ଦୟାକରି ଇଚ୍ଛୁକ ଥିବା ପ୍ରାର୍ଥୀମାନେ ଉପର ଲିଖିତ ନମ୍ବରରେ ଯୋଗାଯୋଗ କରନ୍ତୁ (ଅଫିସ୍ ଆସିବାର ଆବଶ୍ୟକତା ନାହିଁ)

୧୦୮ ଆମ୍ବୁଲାନ୍ସ ସେବା — ଏହି ଚୟନ ପ୍ରକ୍ରିୟାରେ କୌଣସି କଂସଲଟାନ୍ସି ନିୟୋଜିତ ନାହାଁନ୍ତି। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ। ZIQITZA

## ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ଲାଷ୍ଟିକ ସର୍ଜରି



ପ୍ଲାଷ୍ଟିକ ସର୍ଜରିରେ ନିୟୋଜିତ ଟିମ୍।

ମାଲକାନଗିରି,୧୧।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଏକ ଇତିହାସ ରଚିଛି। ପ୍ରଥମ ଥର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ଲାଷ୍ଟିକ ସର୍ଜରି ସଫଳ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତି ପ୍ରକାଶ ମିଶ୍ର ଜଣେ ପ୍ଲାଷ୍ଟିକ ସର୍ଜନ ଭାବେ ଜଣାଶୁଣା। ଗତ ୨ମାସ ତଳେ ସେ ମାଲକାନଗିରିକୁ ବଦଳି ହୋଇ ଆସି ମୁଖ୍ୟ ଚିକିତ୍ସାଧିକାରୀ ରୂପେ ଦାୟିତ୍ୱ ନେଇଛନ୍ତି। ଖବରରୁ ଜଣାପଡିଛି ଶୈଲ୍ୟ ବିଶେଷଜ୍ଞ ଡା. ସପନ କୁମାର ଡିଣ୍ଡାଙ୍କ ନିକଟକୁ ତାରିଣୀ ରାୟ ନାମକ ଜଣେ ରୋଗୀ ଆସିଥିଲେ। ପ୍ରସବ ସମୟରେ ତାଙ୍କର ୨ଥର ଅସ୍ତ୍ରୋପଚାର କରାଯାଇଥିଲା। ତେବେ ପେଟରେ ଚର୍ବି ଜମି ପେଟଟି ଓହଳି ପଡିଥିଲା। ଡା. ଡିଣ୍ଡା ଏ ସମ୍ପର୍କରେ ପ୍ଲାଷ୍ଟିକ ସର୍ଜନ୍ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ଡା. ନିହାର ତ୍ରିପାଠୀଙ୍କ ସହଯୋଗରେ ଏକ ୩ ଜଣିଆ ଡାକ୍ତରି ଟିମ୍ ଗଠନ କରାଯାଇ ୩ ଘଣ୍ଟା ଧରି ତାରିଣୀଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ପରେ ପେଟରୁ ସବୁ ଚର୍ବି ବାହାର କରି ସ୍ୱତନ୍ତ୍ର ଭାବେ ପ୍ଲାଷ୍ଟିକ୍ ସର୍ଜରି କରାଯାଇଥିଲା। ଜିଲା ଚିକିତ୍ସାଳୟ ନୂତନ କୋଠାରେ କାର୍ଯ୍ୟକ୍ଷମ ହେବା ପରେ ଜିଲାରେ ସ୍ୱାସ୍ଥ୍ୟସେବାରେ ବହୁ ପରିବର୍ତ୍ତନ ଘଟିଛି। ମଙ୍ଗଳବାରର ପ୍ଲାଷ୍ଟିକ ସର୍ଜରି ହେଉଛି ତାର ପ୍ରମାଣ ବୋଲି ଡା.ଡିଣ୍ଡା କହିଛନ୍ତି।

## ଛୁରି ଦେଖାଇ ୨୪ ଲକ୍ଷ ଲୁଟ

ରାୟଗଡ଼ା ଅଫିସ,୧୧।୮

ଛୁରି ଦେଖାଇ ୨୪ଲକ୍ଷ ଟଙ୍କା ଲୁଟିନେଲେ। ଏ ନେଇ ରାୟଗଡ଼ା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି ଜଣେ ଘରୋଇ ସଂସ୍ଥାର କର୍ମଚାରୀ। ସୂଚନା ଅନୁଯାୟୀ, ସିଏମ୍ଏସ୍ ନାମକ ଏକ ଘରୋଇ ସଂସ୍ଥା ଏଟିଏମ୍‌ଗୁଡ଼ିକରେ ଟଙ୍କା ଲୋଡ୍ କରିବା ଏବଂ ଗ୍ରାହକଙ୍କଠାରୁ ଟଙ୍କା ଆଣି ବ୍ୟାଙ୍କରେ ଜମାକରିବା କାର୍ଯ୍ୟ କରିଥାଏ। ସୋମବାର ମଧ୍ୟାହ୍ନ ସମୟରେ ଗୁଡାରି ଥାନା ଅଧୀନ ବଡ଼ଗୁରୁଠା ଗ୍ରାମର ଅନିଲ କୁମାର ଗରଡ଼ିଆ ବ୍ୟାଙ୍କ, ଶପିଂ ମଲ୍ ଏବଂ ଅନ୍ୟ ସଂସ୍ଥା ନିକଟରୁ ପ୍ରାୟ ୨୪ଲକ୍ଷ ଟଙ୍କା ସଂଗ୍ରହକରି ଏକ ଆକ୍ସିସ୍ ବ୍ୟାଙ୍କରେ ଜମାକରିବା ପାଇଁ ବାହାରିଥିଲେ। ଏହି ସମୟରେ ସ୍ଥାନୀୟ ଏଫ୍‌ସିଆଇ ଛକ ତୁମ୍ବିଗୁଡ଼ାଠାରେ ୨ଦୁର୍ବୃତ୍ତ ତାଙ୍କୁ ଛୁରି ଦେଖାଇ ଟଙ୍କା ବ୍ୟାଗ୍ ଲୁଟି ନେଇଥିବା ଅନିଲ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୨୫୫/୨୦ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କେତେଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଅତିରିକ୍ତ ଏସ୍‌ପି ରାମପ୍ରସାଦ ସାହୁ ସୂଚନା ଦେଇଛନ୍ତି।

**OFFICE JOB**
Odisha Pradesh ର ପ୍ରତ୍ୟେକ Block ଓ ପଞ୍ଚାୟତ ସ୍ତରରେ ନିଯୁକ୍ତି ପାଇଁ 10th Pass, +2, +3 ଓ Computer ଜାଣିଥିବା Candidate ଆବଶ୍ୟକ।
Salary : 6,500/- to 15,500/-
Mob : 9178912298

**ପୂର୍ବ ତଟ ରେଳପଥ**
ଇଓଆଇ ବିଜ୍ଞପ୍ତି ସଂ.Hq/Comm/BD/EOI/2020, ତା.10.08.2020ରିଖ ର
**ଶୁଦ୍ଧିପତ୍ର**
ଉପରୋକ୍ତ ଇଓଆଇ ବିଜ୍ଞପ୍ତି ସନ୍ଦର୍ଭରେ ୱେବ୍‌ସାଇଟ୍ ଠିକଣାକୁ https://www.ireps.gov.in ରୂପେ ପଢ଼ିବାକୁ ଅନୁରୋଧ।
PR-201(A)/L/20-21 | ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ(ଏଫ୍‌ଏସ୍)/ଭୁବନେଶ୍ୱର

NACO National AIDS Control Organisation India's Voice against AIDS Ministry of Health & Family Welfare, Government of India www.naco.gov.in
OSACS

**୧୨ ଅଗଷ୍ଟ ଅନ୍ତର୍ଜାତୀୟ ଯୁବ ଦିବସ**

**ରାଜ୍ୟର ସମସ୍ତ ଯୁବବର୍ଗଙ୍କୁ କରୋନା ଏବଂ ଏଚ.ଆଇ.ଭି. ସଚେତନତା ପାଇଁ ସରକାରଙ୍କ ତରଫରୁ ଆହ୍ୱାନ**

- ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରୁହନ୍ତୁ।
- ପୂର୍ବ ବ୍ୟବହୃତ କୌଣସି ସିରିଞ୍ଜ ଓ ଛୁଞ୍ଚିକୁ ପୁର୍ନବାର ବ୍ୟବହାର କରନ୍ତୁ ନାହିଁ, ନିଶା ସେବନଠାରୁ ଦୂରେଇ ରୁହନ୍ତୁ।
- ସରକାରୀ ହସ୍ପିଟାଲରେ ଥିବା ଆଇସିଟିସିରେ ନିଜର ପରୀକ୍ଷା କରାନ୍ତୁ, ସଂକ୍ରମିତ ଥିଲେ ଚିକିତ୍ସା କରାଇ ସୁସ୍ଥ ରୁହନ୍ତୁ।
- ରାଜ୍ୟରେ କରୋନା ତଥା ଏଚ.ଆଇ.ଭି. ନିୟନ୍ତ୍ରଣ ପାଇଁ ଯୁବଶକ୍ତି ନେତୃତ୍ୱ ନେବାର ସମୟ ଆସିଛି।
- କରୋନା ସମୟରେ ରୋଗ ପ୍ରତିରୋଧ ଶକ୍ତିକୁ ଦୃଷ୍ଟିରେ ରଖି ଏଚ.ଆଇ.ଭି. ସଚେତନତାର ମଧ୍ୟ ଅଧିକ ଆବଶ୍ୟକତା ରହିଛି।
- ଯୁବଗୋଷ୍ଠୀ ନିଜେ ସଚେତନ ହୁଅନ୍ତୁ, ନିଜ ପରିବାର, ବନ୍ଧୁବର୍ଗ ଏବଂ ସମାଜକୁ ସଚେତନ କରାନ୍ତୁ, ସଂକ୍ରମଣ ନିୟନ୍ତ୍ରଣ କରାଇବାରେ ସହଯୋଗ କରନ୍ତୁ।
- ଏଚ.ଆଇ.ଭି./ ଏଡ୍‌ସ ସମ୍ପର୍କିତ ସନ୍ଦେହ ବା ସୂଚନା ପାଇଁ ଦେୟମୁକ୍ତ ଟେଲିଫୋନ ନମ୍ବର ୧୦୯୭ରେ ଫୋନ କରନ୍ତୁ।

Youth Day

AIDS Helpline 1097

**ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

**ODISHA UNIVERSITY OF AGRICULTURE AND TECHNOLOGY**
**BHUBANESWAR-751003**
No.Acd-I-1(PG)/OUAT(P)/2020/10002/UAT Dt.10.8.2020

**POST GRADUATE ADMISSION NOTICE - 2020-21**
(For Master's & Doctoral Programmes in Agriculture & Allied Subjects)

Applications are invited ON-LINE from the eligible candidates for Admission into Master's and Doctoral Programme in Agricultural Science, Veterinary Science, Agril., Engineering, Fisheries Science and Master programme in Community Science & Forestry Science for the Academic Session 2020-21. The candidates seeking admission into Master's/Doctoral Programmers - 2020 in Agriculture and Allied subjects can apply online by visiting the OUAT website www.ouat.nic.in then go to admission section and click on "Student login for online application for Post Graduate Course programme-2020 (Agril. & Allied Subjects)" or directly go to http://ouat-lokaseba-odisha.in between 12.08.2020 to 11.09.2020. The candidates are advised to go through the Prospectus for PG Course Programme - 2020 (Agril. & Allied Subjects) carefully. The candidate has to pay Rs.1400/- (Rupees one thousand four hundred) only for application fees to the University besides bank charges as specified by the bank depending upon the mode of payment selected through online payment gateway using internet banking/debit card/ credit card of any Bank. Fees, once paid can not be refunded under any circumstances. Application without application fees will be rejected. After successful payment, the candidate can take print out of computer generated filled-up application form with payment details, which the candidate should retain for future reference. Submission of application will be completed after successful payment. The candidate has to submit the application with payment on or before the last date of submission of application i.e. 11.09.2020, failing which the candidate will not be considered for admission. The candidate can edit the application form till the last date of submission i.e. 11.09.2020. However, a candidate can update or enter the qualifying examination OGPA/ mark till 20.09.2020. For detail on submission of application, please refer to clause Annexure I of the Prospectus for PG Course Programme-2020 (Agril. & Allied Subjects).

Sd./- REGISTRAR

**Helpline Number**
To be contacted during office hour (10 A.M. to 5 P.M.) during working days only.

| | | |
|---|---|---|
| Helpline | : | 9938838538 |
| Asst. Registrar (Academic) | : | 0674-2397970 - Extn.111 |
| Controller of Examination | : | 0674-2397970 - Extn.187 |
| Help Desk e-mail ID | : | ouat.helpline@gmail.com |

# ବିପ୍ଳବୀ ପଦକ୍ଷେପ

ଶାହା ଫୈଜଲ ୧୦ ଅଗଷ୍ଟ ୨୦୨୦ରେ ରାଜନୈତିକ ଦଳ ଜମ୍ମୁ ଓ କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ (ଜେକେପିଏମ୍)ର ଅଧ୍ୟକ୍ଷ ପଦ ତ୍ୟାଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଫୈଜଲ ହେଉଛନ୍ତି ପ୍ରଥମ କଶ୍ମୀରୀ ଯେ କି ୨୦୦୯ରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ହାସଲ କରିଥିଲେ। ଜମ୍ମୁ ଓ କଶ୍ମୀରର କୁପୱାରା ଜିଲା ସୋଗମ ଅଞ୍ଚଳରେ ଜନ୍ମିତ ଫୈଜଲଙ୍କ ପିତା ଥିଲେ ଜଣେ ଶିକ୍ଷକ। ଆତଙ୍କବାଦୀମାନେ ତାଙ୍କ ପିତାଙ୍କୁ ୨୦୦୨ରେ ହତ୍ୟା କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ଏହା ସତ୍ତ୍ୱେ ପାଠପଢ଼ାରେ ମନୋନିବେଶ କରି ସେ ଶେର-ଇ-କଶ୍ମୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରୁ ଏମ୍‌ବିବିଏସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରଥମ ପଦାର୍ପଣରେ ସେ ସିଭିଲ ସର୍ଭିସ ପରୀକ୍ଷା ଦେଇ ଟପ୍ପର ହୋଇଥିଲେ। ଜଣେ ମେଧାବୀ ଛାତ୍ର ଭାବେ ଫୈଜଲ କ୍ୟାରିୟର ଗଢ଼ିଥିଲେ ମଧ୍ୟ ଜମ୍ମୁ ଓ କଶ୍ମୀରରେ ଅଶାନ୍ତ ସ୍ଥିତି ଦେଖି ସିଭିଲ ସର୍ଭିସ ଭଳି ଏକ ଆକର୍ଷଣୀୟ ଚାକିରି ଛାଡ଼ି ଲୋକଙ୍କ ସେବା କରିବା ସକାଶେ ସକ୍ରିୟ ରାଜନୀତିକୁ ଓହ୍ଲାଇଥିଲେ। ବର୍ତ୍ତମାନ ସେ ରାଜନୀତି ବିମୁଖ ହୋଇପଡ଼ିଛନ୍ତି। ଏହା ମଧ୍ୟ ଆଲୋଚନା ହେଲାଣି ଯେ, ସେ ଖୁବ୍‌ଶୀଘ୍ର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ଯୋଗଦେଇ କାର୍ଯ୍ୟ କରିବେ। ଅତୀତରେ ସୋସିଆଲ ମିଡିଆରେ ସେ କରିଥିବା ଅନେକ ପୋଷ୍ଟ ଉପରେ ତଦନ୍ତ ଚାଲିଥିବାରୁ ତାଙ୍କ ଇସ୍ତଫାକୁ ଗ୍ରହଣ କରାଯାଇ ନ ଥିଲା। ତେଣୁ ଫୈଜଲ ସିଭିଲ ସର୍ଭିସରେ ପୁନଶ୍ଚ ଯୋଗଦେବା ଆଶା ଉଜ୍ଜୀବିତ ହୋଇଛି।

ଫୈଜଲ ଅଚାନକ ରାଜନୀତି ଛାଡ଼ିବା ନେଇ କାହିଁକି ନିଷ୍ପତ୍ତି ନେଲେ ବୋଲି ଅନେକେ ଭାବିବା ସ୍ୱାଭାବିକ। ୫ ଅଗଷ୍ଟ ୨୦୧୯ରେ ଜମ୍ମୁ ଓ କଶ୍ମୀରରେ ଲାଗୁ ହୋଇ ଆସୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ସେଠାକାର ନେତାମାନଙ୍କୁ ଗୃହବନ୍ଦୀ ଓ ଅଟକ କରି ରଖାଯାଇଥିଲା। ଏବେ ମଧ୍ୟ ଅନେକ ନେତା ଅଟକ ରହିଛନ୍ତି। ଫୈଜଲ ତୁର୍କୀ ଯାଉଥିବା ବେଳେ ୧୪ ଅଗଷ୍ଟରେ ତାଙ୍କୁ ବିମାନବନ୍ଦରରେ ଅଟକ ରଖାଯାଇଥିଲା। ଫେବୃୟାରୀ ୨୦୨୦ରେ ତାଙ୍କ ବିରୋଧରେ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)ରେ ଗିରଫ କରାଯାଇଥିଲା। ୩ ଜୁନ୍‌ରେ ତାଙ୍କୁ ମୁକ୍ତ କରାଯାଇଥିଲେ ମଧ୍ୟ ତା' ପର ଦିନଠାରୁ ଗୃହବନ୍ଦୀରେ ଅଛନ୍ତି। ଜନସେବାକୁ ଓହ୍ଲାଇଥିବା ବ୍ୟକ୍ତି ଏତେ ସଂଘର୍ଷ କରିଥିଲେ ମଧ୍ୟ ଅଚାନକ ରାଜନୀତି କାହିଁକି ଛାଡ଼ିଲେ ଏଠାରେ ବସି କହିବା କଷ୍ଟକର। କାରାଗାରରେ ଥିବାବେଳେ ସବୁ କଶ୍ମୀର ନେତାଙ୍କ ଉପରେ ପ୍ରବଳ ଚାପ ପଡ଼ିଥିବ। କିନ୍ତୁ ଫୈଜଲ ଭାଙ୍ଗିପଡ଼ିଲେ। ରାଜନୀତି କରିବା ଏକ ସହଜ କାର୍ଯ୍ୟ ନୁହେଁ। ଦୂରରୁ ଛିଡ଼ାହୋଇ ସମାଲୋଚନା କରିବା କିମ୍ବା ଅଣ୍ଡାମାଡ଼ କରିବା ଅତ୍ୟନ୍ତ ସହଜ। ବ୍ୟବସ୍ଥା ଭିତରେ ରହି ଲୋକଙ୍କୁ ସାଙ୍ଗରେ ରଖିବା ଅତ୍ୟନ୍ତ କଷ୍ଟକର। ସବୁ ଗଣତାନ୍ତ୍ରିକ ଦେଶରେ ରାଜନୀତି ପାଇଁ ସାଧାରଣ ନାଗରିକଙ୍କ ମନରେ ବିତୃଷ୍ଣାଭାବ ଥାଏ। କ୍ଷମତାରେ ଥିବା ବ୍ୟକ୍ତିଙ୍କ ପାଇଁ କେତେକ କୁହାଳିଆ ସମର୍ଥକ ବାହାରୁଥିବା ବେଳେ ବିରୋଧରେ ମଧ୍ୟ ଅନେକ ବ୍ୟକ୍ତି ଥାଆନ୍ତି। କିନ୍ତୁ କଶ୍ମୀର ଅବସ୍ଥା ସମ୍ପୂର୍ଣ୍ଣ ଭାବେ ଭିନ୍ନ ହୋଇଯାଇଛି। ସେଠାକାର ନେତାଙ୍କୁ ଗିରଫ କରିବା ସହିତ ଦୀର୍ଘଦିନ କର୍ଫ୍ୟୁ ଲାଗିରହିଥିବା ହେତୁ ସବୁ ରାଜନୈତିକ କାର୍ଯ୍ୟକଳାପ ବନ୍ଦ ହୋଇଯାଇଛି। ଦେଶର ଅନ୍ୟ ଅଞ୍ଚଳ ଭଳି ପୋଲିସ ନୁହେଁ, ସେନା ଦ୍ୱାରା ଶାସନ କରାଯାଉଛି। କଥା ନାହିଁ, କେବଳ ଗୁଳି। ସାଧାରଣ ନାଗରିକଙ୍କ ମୌଳିକ ଅଧିକାର ସଙ୍କୁଚିତ ହୋଇଯାଇଛି। ଏଭଳି ଭୟର ବାତାବରଣରେ ଗଣତନ୍ତ୍ରର ଚେର ଶୁଖିବାରେ ଲାଗିଛି। ଗୋଟେପଟେ ଅଶାନ୍ତ କଶ୍ମୀର ଶାନ୍ତି ଫେରିପାଇ ନ ଥିବା ବେଳେ ଗଣତାନ୍ତ୍ରିକ କାର୍ଯ୍ୟ ବନ୍ଦ ହୋଇଯିବା ଦ୍ୱାରା ଏକ ବିପଜ୍ଜନକ ପରିସ୍ଥିତି ଆଡ଼େ ମୁହାଁଇଛି। ଯେତେବେଳେ ଗଣତନ୍ତ୍ରର ମୂଳଦୁଆ ଦୁର୍ବଳ ହୋଇଯିବ ସେତେବେଳେ ଲୋକଙ୍କ କଥା କହିବା ପାଇଁ କେହି ରହିବେ ନାହିଁ। ଏଭଳି ସ୍ଥିତିରେ ଗୋଟିଏ ପଟେ ବାହାର ଦେଖାଣିଆ ଶାନ୍ତି ସ୍ଥାପନ ହୋଇଥିବା ବେଳେ ଭିତିରିଆ ଭାବେ ଆନ୍ଦୋଳନାତ୍ମକ ମାନସିକତା ବୃଦ୍ଧି ପାଇବ। ଯେତେବେଳେ ଦୃଶ୍ୟ ରାଜନୈତିକ ନେତୃତ୍ୱର ଅଭାବ ହେବ ସେତେବେଳେ ଅଦୃଶ୍ୟ ନେତୃତ୍ୱ ଦ୍ୱାରା ଜନସାଧାରଣ ପରିଚାଳିତ ହେବେ। ଏଠାରେ ପୃଥିବୀର ଇତିହାସକୁ ଦେଖାଯାଇପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ନେତା ଆଡ୍‌ଫ ହିଟଲର ଫ୍ରାନ୍ସଠାରୁ ନେଇ ସୋଭିଏଟ୍ ୟୁନିୟନ୍ ରାଜଧାନୀ ମସ୍କୋ ପର୍ଯ୍ୟନ୍ତ ନିଜର କାୟା ବିସ୍ତାର କରିଥିଲେ। ସାମରିକ ଶକ୍ତି ଦ୍ୱାରା ସବୁ ଦେଶର ରାଜନେତାମାନଙ୍କୁ ହତ୍ୟା ବା ବନ୍ଦୀ କରିଦିଆଯାଇଥିଲା। କିନ୍ତୁ ସାଧାରଣ ଲୋକଙ୍କ ମନରେ ଜୁହୁଳୁଥିବା କ୍ରୋଧର ନିଆଁ ହିଟଲରଙ୍କୁ ଅଳ୍ପ କେତେବର୍ଷ ମଧ୍ୟରେ ଜାଳିଦେଇଥିଲା।

କଶ୍ମୀର ନେତାମାନଙ୍କୁ ସବୁ କ୍ଷେତ୍ରରୁ ଦୂରେଇ ଦେଲେ ସେହି ଅଞ୍ଚଳରେ କେଉଁ ପରିସ୍ଥିତି ସୃଷ୍ଟି ହେବ ଏବେ କହିବା କଷ୍ଟକର। ଫୈଜଲଙ୍କ ଭଳି ଶିକ୍ଷିତ ବ୍ୟକ୍ତି ରାଜନୀତିରେ ରହି ଏଭଳି ମାରାତ୍ମକ ପରିସ୍ଥିତି ସୃଷ୍ଟି ହେବାରୁ ନିଜ ରାଜ୍ୟକୁ ଦୂରେଇ ରଖି ପାରିଥାନ୍ତେ। କିନ୍ତୁ ସମ୍ଭବତଃ ଅନେକ ସିନେମା ଦେଖି ପ୍ରଭାବିତ ହୋଇଥିବା ଫୈଜଲ ଭାବିଥିବେ ଯେ ବନ୍ଦୀ ସମୟରେ ତାଙ୍କୁ ଅନେକ ଲକ୍ଷ ଲୋକ ଆସି ଭେଟିଥାଆନ୍ତେ। ଅସୁବିଧାରେ ପଡ଼ିଥିବା ରାଜନେତାଙ୍କ ପାଖରେ ସାଧାରଣତଃ ଅଧିକାଂଶ ଲୋକ ରହନ୍ତି ନାହିଁ। ହୁଏତ ସେହି ଭିଡ଼ ନ ଦେଖିବାରୁ ଫୈଜଲଙ୍କ ମନ ଭାଙ୍ଗିଯାଇଛି। ଦୋହରାଇବାକୁ ଯାଇ ପୁଣି କୁହାଯାଇପାରେ ଯେ ରାଜନୀତି ସମସ୍ତଙ୍କ ପାଇଁ ନୁହେଁ। ଅନେକ ବ୍ୟକ୍ତି ଏଥିରେ ପ୍ରବେଶ କରି ଭଲ ସ୍ଥିତିରେ ରହିଗଲେ ପଦପଦବୀ ପାଇଯାଇଥାନ୍ତି। କିଛି ଠିକାଦାର ଓ କର୍ମୀ ମଧ୍ୟ ହାତେଇ ନେଇପାରନ୍ତି। କିନ୍ତୁ କଶ୍ମୀର ଭଳି ରାଜ୍ୟରେ ସେହି ଗତାନୁଗତିକ ରାଜନୀତି କରିବା ନିଶ୍ଚିତ ଭାବେ କଷ୍ଟକର। ସେଠାରେ ପ୍ରତ୍ୟେକ ପାଦରେ ମୃତ୍ୟୁର ଧ୍ୱନି ଶୁଣାଯାଇଥାଏ। ସେଥିପାଇଁ ସରକାରୀ ଚାକିରି ପ୍ରତି ଯୁବକ ସମୟରୁ ଆକୃଷ୍ଟ ହୋଇଥିବା ଫୈଜଲ ଏକ କଷ୍ଟ ଜୀବନ ସହିବା ପାଇଁ ପ୍ରସ୍ତୁତ ହୋଇ ନ ଥିବେ। ତେଣୁ ତାଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ଛଡ଼ା ଅନ୍ୟ କିଛି ଚିନ୍ତା କରିବା କଥା ନୁହେଁ। ଏବେ ଫୈଜଲ ଜଣେ ଅମଲାତନ୍ତ୍ରୀ ଭାବେ ପଦପଦବୀ ସହିତ ସୁନ୍ଦର ଘର ଏବଂ ନୂଆ ଗାଡ଼ି ଖୋଜିବେ। ହୁଏତ ଜୀବନ ପାଇଁ ବିପଦ ଅଛି କହି ଦିଲ୍ଲୀରେ ପୋଷ୍ଟିଂ ନେଇପାରନ୍ତି। କଶ୍ମୀର ଅଫିସର ହୋଇଥିବାରୁ ତାଙ୍କୁ ଆଜୀବନ ବ୍ଲାକ୍‌କ୍ୟାଟ୍ ସୁରକ୍ଷା ସୁନିଶ୍ଚିତ ହୋଇଯିବ। ଏହାପରେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିବା ରାଜନେତାଙ୍କ ଭଲ କାର୍ଯ୍ୟକୁ ସମୀକ୍ଷା କରିବେ ଓ ନିଜ ଇଚ୍ଛାରେ କାର୍ଯ୍ୟ କରିବେ। ଏହା ହେଲା ଶାହା ଫୈଜଲ ଆଇଏଏସ୍ ଅଫିସରଙ୍କ ବିପ୍ଳବୀ ପଦକ୍ଷେପ।

# କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ଏକ ସାମାଜିକ ସଙ୍କଟ



ଡ. ମନୋରଞ୍ଜନ ପ୍ରଧାନ

ମନେପଡୁଛି ପିଲାବେଳେ ଜେଜେମାଆଙ୍କ କୋଳରେ ବସି ଶୁଣିଥିବା ବ୍ରହ୍ମ ରାକ୍ଷସ କଥା। ଦିନେ ସକାଳୁ ସକାଳୁ ଗାଁ ମୁଣ୍ଡ ବିଶାଳ ବରଗଛର ଏକ ବିରାଟ ଶାଖା ମଡ଼ମଡ଼ ହୋଇ ଭାଙ୍ଗିପଡ଼ିଲା। ଶବ୍ଦ ଶୁଣି ଆମେ ଦୌଡ଼ିଲୁ। ସକାଳେ ସନ୍ଧ୍ୟାରେ ସେହି ଗଛମୂଳେ ଆମେ ଖେଳୁ। ହଠାତ୍ ପୁଆ(ଶାଖା)ଟି ଭାଙ୍ଗିଯିବାର କାରଣ ଜେଜେମାଆଙ୍କୁ ପଚାରିଲି। ସେ କହିଲେ ବ୍ରହ୍ମ ରାକ୍ଷସ ବସିପଡ଼ିଲା। ପଚାରିଲି ସେଇଟା କ'ଣ? ଯେଉଁମାନେ ଆତ୍ମହତ୍ୟା କରିଦିଅନ୍ତି, ଆୟୁଷ ସରିବା ଯାଏ ସେମାନଙ୍କ ଅତୃପ୍ତ ଆତ୍ମା ବ୍ରହ୍ମ ରାକ୍ଷସ ହୋଇ ଅଖିଆ ଅପିଆ ଏଣେତେଣେ ଘୂରି ବୁଲେ। ଆଉ ଯେଉଁଠି ବସେ ତାହା ଭାଙ୍ଗିଯାଏ। ତେଣୁ ଆତ୍ମହତ୍ୟା ମହାପାପ ଓ ମଣିଷ ଜନ୍ମ ପ୍ରତି ଅପମାନ। ଜେଜେମାଆଙ୍କ କଥାର ସତ୍ୟତା ଯାହା ହେଉନା କାହିଁକି ଆତ୍ମହତ୍ୟା ଯେ ମହାପାପ ଏ କଥା ପିଲାବେଳରୁ ଶିଖୁଥିଲୁ। ହେଲେ ଆଜି ଜେଜେ ମାଆ ବାପାଙ୍କ ପାଖରେ ବସି ଗପ ମାଧ୍ୟମରେ ନୈତିକତା ବିକାଶ ପାଇଁ ପିଲାଙ୍କ ବେଳ କାହିଁ? ତେଣେ ସାମ୍ପ୍ରତିକ ସମୟରେ ବୃଦ୍ଧାବସ୍ଥାରେ ଜେଜେଙ୍କୁ ଆଦର କେତେ ତାହା ସବୁ ଜାଣନ୍ତି। କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ଆଜି ମାନବ ସମାଜ ପାଇଁ ଏକ ମହାସଙ୍କଟ ରୂପେ ଦଣ୍ଡାୟମାନ।

କିଛିଦିନ ତଳେ ବିଶିଷ୍ଟ ସିନେ ତାରକା ତଥା ଉଦୀୟମାନ ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ସାରା ଦେଶରେ ଆକ୍ରୋଶ ଓ ଆବେଗର କାରଣ ସାଜିଛି। ଏପଟେ ମାନବପ୍ରେମୀ ଆଦିତ୍ୟ ଦାସଙ୍କ ଅକାଳ ଆତ୍ମହତ୍ୟା ଖବର ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଛି। ଏଇ ଦୁଇ ଘଟଣା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଇଛି। ଦିନଥିଲା ଆତ୍ମହତ୍ୟା ଭଳି ନିଷ୍ଠୁର ପାଶ୍ଚାତ୍ୟ ସଂସ୍କୃତିର ଦେଶଗୁଡ଼ିକରେ ନିତିଦିନିଆ ଘଟଣା ଥିଲା। ଏପରି କି ପାଶ୍ଚାତ୍ୟ ସଂସ୍କୃତିରେ ଆତ୍ମହତ୍ୟା କେବଳ ସାଧାରଣ ମଣିଷ ନୁହଁ ଅସାଧାରଣ ପ୍ରତିଭାମାନେ ମଧ୍ୟ ଏଭଳି ବାଟ ବାଛି ନେଇଥିବାର ଅନେକ ନଜିର ଅଛି। ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ, ବିଖ୍ୟାତ ଐତିହାସିକ ତଥା ବାଗ୍ମୀ ଡେମୋଷ୍ଟିନିସ୍, କରାଳ ବିଶ୍ୱଯୁଦ୍ଧର ମହାନାୟକ ହିଟଲର, ପ୍ରଖ୍ୟାତ ଅଭିନେତା ରୋବିନ୍ ୱିଲିୟମ, ଗାୟକ ଚେଷ୍ଟର୍ଚନ୍ ପ୍ରମୁଖ ଉଦାହରଣ ମାତ୍ର। କୁହାଯାଏ ଡାଟନା, ମାର୍ଟିନ୍ ଲୁଥର, ଜେକେ ରାଓଲିଙ୍ଗ, କନ୍‌କାଇଁଟ୍ସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଭାରତ ଭଳି ସଂସ୍କାର ଓ ସଂସ୍କୃତିସମ୍ପନ୍ନ ଦେଶରେ ଆତ୍ମହତ୍ୟା କ୍ୱଚିତ ପରିଦୃଷ୍ଟ ହେଉଥିଲା। କାରଣ ସନାତନ ସଂସ୍କୃତିରେ ଆତ୍ମହତ୍ୟା ମହାପାପ ଓ ଅପରାଧ। ଆମ ଶାସ୍ତ୍ର କହେ ଆତ୍ମହତ୍ୟା ପ୍ରେମମୟ, ମଙ୍ଗଳମୟ ସୃଷ୍ଟିର ସ୍ରଷ୍ଟାଙ୍କ ବିରୁଦ୍ଧରେ ଏକ ବିଦ୍ରୋହ। ଏହା ତାଙ୍କ ପ୍ରତି ବିଶ୍ୱାସଘାତକତା ଏବଂ ଆତ୍ମହତ୍ୟାକାରୀ ଜଣେ ମହାପାପୀ; ଯାହାଙ୍କ ପାଇଁ ଶାନ୍ତି, ମୁକ୍ତି ଓ ମୋକ୍ଷ ଦୂରନ୍ତ ହୋଇଥାଏ। ଏପରି କି ଶାସ୍ତ୍ରାନୁଯାୟୀ ଆତ୍ମହତ୍ୟା ଓ କୃତଘ୍ନତା ହେଉଛି ଦୁଇ ମହାପାପ, ଯାହାର କୌଣସି ପ୍ରାୟଶ୍ଚିତ୍ତ ନାହିଁ ବୋଲି ଆମର ବିଶ୍ୱାସ। ତେଣୁ ପରାମର୍ଶ ଦିଆଯାଇଛି- "ନ ଇଚ୍ଛିବ ମୃତ୍ୟୁ କେବେ, ନ ବାଞ୍ଛିବ ପରମାୟୁ ଭୋଗ/ପ୍ରତୀକ୍ଷା କରିବା କାଳ, ଭୃତ୍ୟ ଯେହ୍ନେ ପ୍ରଭୁର ନିଯୋଗ"।

ପରିତାପର ବିଷୟ କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ବର୍ତ୍ତମାନ ଆମ ସନାତନ ସଂସ୍କୃତି ଓ ଦର୍ଶନର ପବିତ୍ର କ୍ଷେତ୍ର ଭାରତକୁ ଆକ୍ରାନ୍ତ କଲାଣି। ଏହା ଈଶ୍ୱର ଓ ସମାଜ ପ୍ରତି ପିଶାଚିକ ଆହ୍ୱାନ ଓ ଏକ ତରଫା ଲଢ଼େଇ ବା ଆକ୍ରମଣ ହୋଇଥିଲେ ହେଁ ସାଧାରଣରୁ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀମାନେ ଏଭଳି ପଳାୟନପନ୍ଥୀ ରାସ୍ତା ବାଛି ନେଉଛନ୍ତି, ଯାହା କି ମାନବ ସମାଜ ପାଇଁ ଏକ ଆହ୍ୱାନ ଓ ଅଶୁଭ ସଙ୍କେତ ନିଶ୍ଚୟ। ଚିନ୍ତାଉଦ୍ରେକ କଥା ହେଉଛି ଜୀବନର ବିସ୍ଫୁରିତ ଆଲୋକ ଦେଖି ନ ଥିବା, ମଧୁରତାକୁ ଚାଖି ନ ଥିବା ତଥା ସିନ୍ଦୂରା ଫାଟି ନ ଥିବା ଯୁବତୀଯୁବକମାନେ ଆତ୍ମହତ୍ୟା ଭଳି କଠୋର ଓ ନିଷ୍ଠୁର ସହଜିଆ ବାଟ ବାଛିନେଇ ଏ ଦୁର୍ଲଭ ଜୀବନକୁ ଅନ୍ତ କରିଦେଉଛନ୍ତି। ଏହାଦ୍ୱାରା କେବଳ ଗୋଟିଏ ପରିବାର ଉଜୁଡ଼ି ଯାଏ ତାହା ନୁହେଁ, ଦେଶର ମାନବ ସମ୍ବଳର ଅଶେଷ କ୍ଷତି ହୁଏ। ଆଜି ଚାଷୀ ଆତ୍ମହତ୍ୟା, ଅସଫଳ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା, ଖେଳାଳିଙ୍କ ଆତ୍ମହତ୍ୟା, ନବବଧୂ ଆତ୍ମହତ୍ୟା, ବିଫଳ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା, ବିଶିଷ୍ଟ ବ୍ୟବସାୟୀ, ଉଚ୍ଚପଦସ୍ଥ ଅଧିକାରୀଙ୍କ ଆତ୍ମହତ୍ୟା ତଥା ରିଲ୍ ଓ ରିୟଲ ଲାଇଫ୍‌ର ନାୟକ ନାୟିକାଙ୍କ ଆତ୍ମହତ୍ୟା ଆମ ସାମାଜିକ ଜୀବନରେ ଆତଙ୍କର କାରଣ ସାଜିଛି। ପରିସଂଖ୍ୟାନ କହେ ବିଶ୍ୱରେ ବାର୍ଷିକ ଆଠଲକ୍ଷ ଲୋକ ଆତ୍ମହତ୍ୟା କରିଥାନ୍ତି। ସେଥିରୁ ଭାରତୀୟ ସଂଖ୍ୟା କୁଆଡ଼େ ଏକ ଲକ୍ଷ ପଞ୍ଚତିରିଶ ହଜାର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ପରିସଂଖ୍ୟାନ ୨୦୧୯ ଅନୁସାରେ ୨୦୧୬ ବେଳକୁ ଭାରତର ଆତ୍ମହତ୍ୟା ହାର ୧୭.୮, ଯାହା କି ବିଶ୍ୱ ଆତ୍ମହତ୍ୟା ହାର (୧୦.୫)ଠାରୁ ଯଥେଷ୍ଟ ଅଧିକ। ଅର୍ଥାତ୍ ସାରା ବିଶ୍ୱରେ ଏକ ଲକ୍ଷ ଜନସଂଖ୍ୟାରେ ପ୍ରାୟ ୧୧ ଜଣ ଆତ୍ମହତ୍ୟା କରୁଥିବା ବେଳେ ଭାରତରେ ତାହା ପ୍ରାୟ ୧୮ ଜଣ। ଦୁଃଖର କଥା ଆତ୍ମହତ୍ୟା କରୁଥିବା ଅଧିକାଂଶ ବ୍ୟକ୍ତିଙ୍କ ବୟସ ୧୫ରୁ ୩୯ ବର୍ଷ।

ପ୍ରଶ୍ନଉଠେ ଯେଉଁମାନଙ୍କ ଉପରେ ନିଜର, ନିଜ ପରିବାରର ଓ ଦେଶର ଭାଗ୍ୟ ଓ ଭବିଷ୍ୟତ ନିର୍ଭରଶୀଳ, ସେମାନେ ଏଭଳି ଚରମ ନିଷ୍ପତ୍ତି ନେଇଥାନ୍ତି କାହିଁକି? ଆତ୍ମହତ୍ୟାର କାରଣ କ'ଣ? ଏହାର କାରଣ ଏକ ନୁହେଁ, ଅନେକ ହୋଇପାରେ। ଏହା ବ୍ୟକ୍ତି ଆଧାରରେ ଭିନ୍ନ ହେଲେ ବି କେତେକ ସାଧାରଣ କାରଣ ଆଲୋଚନା କରାଯାଇପାରେ। ପ୍ରଥମତଃ ଅସହାୟତାବୋଧର କରୁଣ ଓ ଦାରୁଣ ପରିଣତି ଆତ୍ମହତ୍ୟା ହୋଇପାରେ। ଅର୍ଥାତ୍ ଯେତେବେଳେ ବ୍ୟକ୍ତି ସବୁଠାରେ ନିରାଶ ହୁଏ ଏବଂ ଭାବି ନିଏ ତା' ପାଇଁ ସହାୟତାର ସବୁ ଦ୍ୱାର ବନ୍ଦ, ସେତେବେଳେ ସେ ଏଭଳି ଶେଷ ରାସ୍ତାର ପଥିକ ହୋଇଯାଏ। ଦ୍ୱିତୀୟତଃ ଅକୃତକାର୍ଯ୍ୟ ଉଚ୍ଚାଭିଳାଷର କରୁଣ ପରିଣତି ହୋଇପାରେ ଆତ୍ମହତ୍ୟା। ଅର୍ଥାତ୍ ନିଜ ଉଚ୍ଚ ଅଭିଳାଷକୁ ଚରିତାର୍ଥ କରି ନ ପାରି ମଣିଷ ଆତ୍ମହତ୍ୟାର ଶେଷ ଅସ୍ତ୍ର ନିଜକୁ ପ୍ରୟୋଗ କରି ସବୁ ଶେଷ କରିଦିଏ। ଏଥିପାଇଁ ଦୁଇଟି କାରଣ ହୋଇପାରେ ଯଥା- ବେଳେବେଳେ ବ୍ୟକ୍ତି ବିଭିନ୍ନ କାରଣବଶତଃ(ଯେପରି ଅନ୍ୟର ସଫଳତା ଦେଖି/ପିତାମାତାଙ୍କ ସ୍ୱପ୍ନକୁ ସାକାର ନିଷ୍ପତ୍ତି, ଇତ୍ୟାଦି) ନିଜ ଶକ୍ତି, ସାମର୍ଥ୍ୟ ଓ ପ୍ରତିଭାଠାରୁ ଅଧିକ ଆଶା ଓ ଲକ୍ଷ୍ୟ ବାଛିନିଏ। ଯେତେବେଳେ ତା'ର ଇପ୍ସିତ ସ୍ୱପ୍ନ ସାକାର ହୁଏ ନାହିଁ, ଆତ୍ମହତ୍ୟା ଭଳି ଦାରୁଣ ଓ କରୁଣ ପଥର ପଥିକ ହୋଇଯାଏ। ଅନ୍ୟପକ୍ଷରେ ସମସ୍ତ ଯୋଗ୍ୟତାର ଅଧିକାରୀ ହୋଇ ମଧ୍ୟ ବ୍ୟକ୍ତିକୁ କୌଣସି କାରଣହେତୁ ବାରମ୍ବାର ବିଫଳତାର ମୁହଁ ଦେଖିବାକୁ ପଡ଼େ। ଫଳତଃ ମଣିଷ ଭାରସାମ୍ୟ ହରାଇ ଆତ୍ମହତ୍ୟାର ପଥାନୁସରଣ କରିଥାଏ। ତୃତୀୟତଃ ନିଜର ଅହଙ୍କାର, ପଦ ଓ କ୍ଷମତାରେ ଅନ୍ଧ ହୋଇ ମଣିଷ ଅନ୍ୟମାନଙ୍କୁ ଘୃଣା କରିବସେ। କିନ୍ତୁ ସବୁ ଚାଲିଯିବା ପରେ ଜୀବନର ଶେଷ ସମୟରେ ଏକାନ୍ତବାସରେ ବ୍ୟତିବ୍ୟସ୍ତ ହୋଇ ଆତ୍ମହତ୍ୟା ଭଳି ଜଘନ୍ୟ ପାପ କରିବସେ। ଚତୁର୍ଥତଃ ସମ୍ପ୍ରତି ସମାଜରେ ଆତ୍ମହତ୍ୟାର ମୁଖ୍ୟ କାରଣ ନୈରାଶ୍ୟବୋଧ, ଭୋଗେଚ୍ଛା ଓ ଈଶ୍ୱର ବିଶ୍ୱାସବୋଧର ଅଭାବ ହୋଇପାରେ। କିନ୍ତୁ ସର୍ବୋପରି ଆତ୍ମହତ୍ୟା ଜଣେ ବ୍ୟକ୍ତିର ମାନସିକ ବିକାର ଓ ବିକୃତିର ନିଦର୍ଶନ ନିଶ୍ଚୟ। ତେବେ ମାନବ ସମ୍ବଳ ଓ ସମାଜର ନିର୍ମମ ଶତ୍ରୁ ଆତ୍ମହତ୍ୟା କବଳରୁ ଆଜିର ଯୁବପିଢ଼ି ମୁକୁଳିବେ କିପରି?

ଆତ୍ମହତ୍ୟା ଭଳି କଠୋର ଓ ନିଷ୍ଠୁର ଅକର୍ମରୁ ବଞ୍ଚିବା ପାଇଁ ଆତ୍ମନିରୀକ୍ଷଣ, ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳତା, ଉତ୍ତମ ପୁସ୍ତକ, ସ୍ୱାଧ୍ୟାୟ, ସତସଙ୍ଗ, ପିତାମାତା ଓ ଗୁରୁଜନଙ୍କ ସମୟୋପଯୋଗୀ ପରାମର୍ଶ ଓ ଉପବେଶନ, କୁଅଭ୍ୟାସ, ଅତିଶୟ ଲୋଭ ଓ ଲାଭଖୋର ମନୋବୃତ୍ତିରୁ ଦୂରେଇ ରହିବା, ନିଜ ଦକ୍ଷତା, ଯୋଗ୍ୟତା ଓ ସାମର୍ଥ୍ୟ ଆଧାରରେ ଲକ୍ଷ୍ୟ ନିର୍ଦ୍ଧାରଣ, ଅତିଶୟ ବସ୍ତୁବାଦୀ ଚିନ୍ତାଧାରାରୁ ବିରତ, ଶାସ୍ତ୍ରଜ୍ଞାନ ଓ ଆଧ୍ୟାତ୍ମିକ ଚିନ୍ତନ ଆଦି ସହାୟକ ହୋଇପାରେ। ଶେଷରେ ଏତିକି କୁହାଯାଇପାରେ, ପଶୁପକ୍ଷୀ ଭଳି ଇତର ପ୍ରାଣୀମାନେ ଯେତେବେଳେ ବଞ୍ଚିରହିବା ପାଇଁ ଆଜୀବନ ସଂଘର୍ଷ କରି ସ୍ୱାବଲମ୍ବୀ ହୋଇ ପାରୁଛନ୍ତି, ଈଶ୍ୱରଙ୍କ ସ୍ୱତନ୍ତ୍ର ତଥା ସର୍ବଶ୍ରେଷ୍ଠ ସୃଷ୍ଟି ମହାଜ୍ଞାନୀ ମଣିଷ ଆତ୍ମହତ୍ୟା କରିବା ଗ୍ରହଣୀୟ ଓ ସ୍ପୃହଣୀୟ ନୁହେଁ। ଆତ୍ମହତ୍ୟା ମାନବ ଜୀବନର ପରିପନ୍ଥୀ। ତେଣୁ ଜୀବନରେ ଆସୁଥିବା ସବୁ ବାଧାବିଘ୍ନକୁ ସାହସର ସହ ମୁକାବିଲା କରି ସ୍ୱାଭିମାନ ଜୀବନ ବିତେଇବା ମଣିଷର ପରମ କର୍ତ୍ତବ୍ୟ ହେବା ଉଚିତ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ,
ଜୟପୁର, କୋରାପୁଟ
ଫୋ: ୯୪୩୭୯୧୪୮୧୮

# ବିଲୁପ୍ତିକୁ ନେଇ ଚିନ୍ତା



ଡା.ନିତ୍ୟାନନ୍ଦ ସ୍ୱାଇଁ

ପୃଥିବୀ ପୃଷ୍ଠରୁ ବିଭିନ୍ନ ପ୍ରଜାତିର ପ୍ରାଣୀ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିବାର ଖବର ଆମ ପାଇଁ ଆଉ ନୂଆ ନୁହେଁ। କାରଣ ବିଜ୍ଞାନ-ଗବେଷକମାନେ ଏ ସମ୍ପର୍କରେ ଆମକୁ ନିୟମିତ ଜଣେଇ ଆସୁଛନ୍ତି। କିନ୍ତୁ ସମ୍ପ୍ରତି ଯେଉଁ ପ୍ରଜାତିର ପ୍ରାଣୀମାନଙ୍କ ଜୀବନ ଅତି ବିପଦାପନ୍ନ ତା'ର ତାଲିକା ଖୁବ୍ ଲମ୍ବା। ହେଲେ କ'ଣ ଏହାର କାରଣ? ପ୍ରଜାତି ବିଲୁପ୍ତିର ପ୍ରଧାନ କାରଣ ହେଉଛି ବାୟୁମଣ୍ଡଳର ତାପମାତ୍ରାରେ କ୍ରମାଗତ ବୃଦ୍ଧି ଏବଂ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ। ମାତ୍ର ଠିକ୍ କେତେ ସଂଖ୍ୟାର ପ୍ରଜାତି ଆଜି ପର୍ଯ୍ୟନ୍ତ ଲୋପ ପାଇଯାଇଛନ୍ତି, ତା'ର ନିର୍ଦ୍ଦିଷ୍ଟ ତଥ୍ୟ ଆମକୁ ଜଣା ନ ଥିଲା। ଏବେ ବିଜ୍ଞାନୀମାନେ ତା'ର ତଥ୍ୟ ଦେବାରେ ସଫଳ ହୋଇଛନ୍ତି। ଏବକାର ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ଗତ ଅଢ଼େଇ ଶହ ବର୍ଷରେ ପୃଥିବୀ ହରେଇ ବସିଛି ପ୍ରାୟ ଛଅଶହ ପ୍ରଜାତିର ଗଛ। ଏହି ସଂଖ୍ୟା ଏଯାବତ୍ ବିଲୁପ୍ତ ହୋଇଯାଇଥିବା ପକ୍ଷୀ, ସ୍ତନ୍ୟପାୟୀପ୍ରାଣୀ ଓ ସରୀସୃପ ପ୍ରଜାତିର ମୋଟ ସଂଖ୍ୟାର ଦୁଇଗୁଣ।

ବୃକ୍ଷ ପ୍ରଜାତିର ଏହି ବିଲୁପ୍ତି ସଂକ୍ରାନ୍ତ ତଥ୍ୟ ଭବିଷ୍ୟତର ବିଲୁପ୍ତିକୁ ଅଟକେଇଦେବାରେ ଯଥେଷ୍ଟ ସହାୟକ ହୋଇପାରେ ବୋଲି ମତ ଦେଇଛି ବିବିସି। ଷ୍ଟକ୍‌ହୋମ୍ ବିଶ୍ୱବିଦ୍ୟାଳୟର ଗବେଷକ ଡ. ଏଲିସ ହାମ୍ପ୍ରିସ କହିଛନ୍ତି, "କେଉଁ କେଉଁ ଉଦ୍ଭିଦ ପୃଥିବୀରୁ ପୂରାପୂରି ଲୋପ ପାଇଯାଇଛନ୍ତି। ତା'ର ନିର୍ଦ୍ଦିଷ୍ଟ ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏଇଟା ହିଁ ପ୍ରଥମ ଗବେଷଣା। କେବଳ ସେତିକି ନୁହେଁ, ବିଲୁପ୍ତ ହୋଇଥିବା ବୃକ୍ଷ ପ୍ରଜାତିଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଜାଣିବା ସାଙ୍ଗକୁ, ବିଲୁପ୍ତ ପ୍ରଜାତିର ସ୍ଥାନ ଓ ତା'ର ବିଲୁପ୍ତି ପ୍ରକ୍ରିୟା କେତେଦୂର ଦ୍ରୁତ ତାହା ମଧ୍ୟ ଜଣାପଡ଼ିଛି।"

ଗବେଷଣାର ତଥ୍ୟ ଅନୁଯାୟୀ ଅଧିକାଂଶ ସଂଖ୍ୟକ ବିଲୁପ୍ତି ସଂଘଟିତ ହୋଇଛି ଦ୍ୱୀପାଞ୍ଚଳ ଓ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ। ଏହି ଦୁଇଟି ଅଞ୍ଚଳରେ ବଡ଼ ବଡ଼ ଗଛ ପରିଲକ୍ଷିତ ହୋଇଥାଏ ଓ ସେଗୁଡ଼ିକ ମୁଖ୍ୟତଃ କାଠ ଗଛ। ପୁନଶ୍ଚ ଏହି ଦୁଇଟି ଅଞ୍ଚଳରେ ହିଁ ପରିଦୃଷ୍ଟ ହୁଏ ଅଧିକ ଜୈବ ବିବିଧତା। ବ୍ରିଟେନର ରୟାଲ ବଟାନିକ୍ ଗାର୍ଡେନ୍ସ, କିଉ ଓ ଷ୍ଟକ୍‌ହୋମ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମିଳିତ ଭାବରେ ଏହି ଗବେଷଣା କରିଛନ୍ତି। ସେମାନେ ଦେଖିଛନ୍ତି, ଗତ ଅଢ଼େଇଶହ ବର୍ଷରେ ପୃଥିବୀରୁ ବିଲୁପ୍ତ ହୋଇଯାଇଛନ୍ତି ପାଞ୍ଚଶହ ଏକସ୍ତରି ପ୍ରଜାତିର ଉଦ୍ଭିଦ। ସେହି ସମାନ ସମୟରେ ପଶୁ, ପକ୍ଷୀ ଓ ସରୀସୃପ ମିଶି ବିଲୁପ୍ତ ପ୍ରଜାତିର ସଂଖ୍ୟା ଦୁଇଶହ ସତର। ଏହି ସମ୍ପର୍କିତ ଗବେଷଣା ନିବନ୍ଧଟି ପ୍ରକାଶ ପାଇଛି 'ନେଚର ଇକୋଲୋଜି ଆଣ୍ଡ ଇଭୋଲ୍ୟୁଶନ୍' ନାମକ ବିଜ୍ଞାନ ପତ୍ରିକାରେ।

ଗବେଷକମାନେ କହିଛନ୍ତି, "ଏହି ବିଲୁପ୍ତି ପାଇଁ ମଣିଷ ହିଁ ମୁଖ୍ୟତଃ ଦାୟୀ। ପ୍ରାକୃତିକ ଭାବରେ ଦେଖିଲେ, ପ୍ରଜାତି ବିଲୁପ୍ତିର ହାର ପୃଥିବୀ ପୃଷ୍ଠରେ କେବଳ ମଣିଷର ଉପସ୍ଥିତି କାରଣରୁ ହିଁ ବଢ଼ିଯାଇଛି ପାଞ୍ଚଶହ ଗୁଣ।" ଉଦାହରଣ ଦେଇ ସେମାନେ କହିଛନ୍ତି, ଦକ୍ଷିଣ ଆମେରିକାର ଦେଶ ଚିଲିରୁ ଚନ୍ଦନ ଗଛର ବଂଶ ବୁଡ଼ିଯାଇଛି କେବଳ ପ୍ରସାଧନ ସାମଗ୍ରୀରେ ଚନ୍ଦନର ଅତିମାତ୍ରାରେ ବ୍ୟବହାର ଯୋଗୁ। ସେମାନଙ୍କ ମତରେ ପ୍ରକୃତିକୁ ଧ୍ୱଂସ କରିବାରେ ମଣିଷର ଭୂମିକା ସଂପ୍ରତି ବୃଦ୍ଧି ପାଇଯାଇଛି ପୂର୍ବର ଯେକୌଣସି ସମୟର ତୁଳନାରେ। ତେବେ ରହିଛି କିଛି ଆଶାର ସୂଚନା ମଧ୍ୟ। ଏବେ ଏପରି ଅନେକ ପ୍ରଜାତିର ସନ୍ଧାନ ମିଳିଛି, ଯାହା ବିଲୁପ୍ତ ବୋଲି ପୂର୍ବରୁ ଧରି ନିଆ ହୋଇଥିଲା।

ଏମିତି ଦେଖିବାକୁ ଗଲେ ପାଞ୍ଚଶହ ଏକସ୍ତରିଟି ପ୍ରଜାତିର ଉଦ୍ଭିଦ ବିଲୁପ୍ତ ହୋଇଯିବାଟା କେବଳ ମାତ୍ର ଏକ ସଂଖ୍ୟା ବୋଲି ମନେ ହୋଇପାରେ। କିନ୍ତୁ ବାସ୍ତବରେ ଏହା ସାଙ୍ଗରେ ପୃଥିବୀର ଅନ୍ୟ ଜୀବନ୍ତ ବସ୍ତୁଗୁଡ଼ିକ ଜଡ଼ିତ ରହିଛି ସହାବସ୍ଥାନର କାରଣରୁ। ଉଦ୍ଭିଦ ଆମକୁ ଅମ୍ଳଜାନ ଯୋଗାଏ। ଉଦ୍ଭିଦ ଆମକୁ ଖାଦ୍ୟ ଯୋଗାଇଥାଏ ମଧ୍ୟ। ଫଳରେ ଉଦ୍ଭିଦର ବିଲୁପ୍ତ ଅନ୍ୟ ପ୍ରାଣୀଗୁଡ଼ିକୁ ଅମ୍ଳଜାନ ଓ ଖାଦ୍ୟରୁ ବଞ୍ଚିତ କରାଇ ସେମାନଙ୍କ ବିଲୁପ୍ତିକୁ ତ୍ୱରାନ୍ୱିତ କରିଦେଉଥିବାର କାରଣ ଭାବରେ ବିବେଚିତ ହେଉଛି। ଗବେଷଣାଟିର ସହଗବେଷକ ରୟାଲ ବଟାନିକ୍ ଗାର୍ଡେନ୍ସ, କିଉର ଡ. ଇମିୟାର ନିକ ଲୁଗାଧା ବିବିସିକୁ କହିଛନ୍ତି, "ଉଦ୍ଭିଦର ବିଲୁପ୍ତି ସବୁ ପ୍ରଜାତି ପାଇଁ ଏକ ବଡ଼ ଦୁଃସମ୍ବାଦ। କାରଣ କୋଟି କୋଟି ପ୍ରଜାତି ଏଇ ଉଦ୍ଭିଦ ଜାତିଟା ଉପରେ ହିଁ ନିର୍ଭରଶୀଳ। ଏହା ମଧ୍ୟରେ ବି ରହିଛି ମଣିଷ। ତେଣୁ କେଉଁ ଅଞ୍ଚଳରୁ କେଉଁ ପ୍ରଜାତି ଆମେ ହରେଇ ବସୁଛେ, ତାହା ଜାଣିବା ଜରୁରୀ। ବିଶେଷତଃ ବିପନ୍ନ ଓ ମହାବିପନ୍ନ ପ୍ରଜାତିଗୁଡ଼ିକର ସଂରକ୍ଷଣ ପାଇଁ ଆମେ ଦୃଢ଼ ବ୍ୟବସ୍ଥା ଗ୍ରହଣ କରିପାରିବା ଏବଂ ଏକା ସାଙ୍ଗରେ ଏହା ଉପରେ ନିର୍ଭରଶୀଳ ଅନ୍ୟ ପ୍ରଜାତିଗୁଡ଼ିକ ମଧ୍ୟ ବଞ୍ଚିଯାଇପାରିବେ।

ଉଦ୍ଭିଦ ପ୍ରଜାତିର ବିଲୁପ୍ତିକୁ ବ୍ୟାହତ କରିବା ନିମନ୍ତେ ବେଶ୍ କିଛି ପ୍ରସ୍ତାବ ରଖିଛନ୍ତି ଗବେଷକମାନେ। ଏହିସବୁ ପ୍ରସ୍ତାବ ମଧ୍ୟରେ ରହିଛି, ପୃଥିବୀର ସବୁ ଉଦ୍ଭିଦ ପ୍ରଜାତିର ରେଜିଷ୍ଟ୍ରେଶନ, ଉଦ୍ଭିଦର ନମୁନା ସଂରକ୍ଷଣ ପାଇଁ ବଳିଷ୍ଠ ବ୍ୟବସ୍ଥା ଗ୍ରହଣ, ଉଦ୍ଭିଦ ବିଜ୍ଞାନୀମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ସହଯୋଗିତା ଏବଂ ସ୍ଥାନୀୟ ଉଦ୍ଭିଦଗୁଡ଼ିକ ସହ ଶିଶୁମାନଙ୍କୁ ପରିଚିତ କରାଇଦେବା।

ଶୁଣିଲେ ହୁଏତ ଆଶ୍ଚର୍ଯ୍ୟ ହେବେ, ଇଣ୍ଟର୍‌ଗଭର୍ଣ୍ଣମେଣ୍ଟାଲ ସାଇନ୍ସ ପଲିସି ପ୍ଲାଟଫର୍ମ ଅନ୍ ବାୟୋଡାଇଭରସିଟି ଆଣ୍ଡ ଇକୋସିଷ୍ଟମ୍ ସର୍ଭିସେସ୍ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି, ପୃଥିବୀର ଚାଳିଶ ଶତାଂଶରୁ ଅଧିକ ଉଭୟଚର ପ୍ରାଣୀ ବିଲୁପ୍ତ ହୋଇଯିବାର ଆଶଙ୍କା ଭିତରେ ଅବସ୍ଥାନ କରୁଛନ୍ତି। ଏକ ତୃତୀୟାଂଶ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ, ସାର୍କ ଓ କୋରାଲ୍ ବା ପ୍ରବାଳ ପାଇଁ ମଧ୍ୟ ମାଡ଼ି ଆସୁଛି ବିଲୁପ୍ତ ହୋଇଯିବାର ବିପତ୍ତି। ଏପରି କି ଦଶଶତାଂଶ କୀଟପତଙ୍ଗ ମଧ୍ୟ ବିଲୁପ୍ତିର ଦ୍ୱାରଦେଶରେ ଉପନୀତ। ବ୍ରିଟେନ୍‌ରୁ ପ୍ରକାଶିତ ପତ୍ରିକା 'ଦ ଇକୋନୋମିଷ୍ଟ'ର ଏକ ନିବନ୍ଧରେ କୁହାଯାଇଛି, ବ୍ୟାକ୍ଟେରିଆ, ଫଙ୍ଗସ୍ ଓ ଆମିବା ଭଳି ଏକକୋଷୀ ପ୍ରାଣୀମାନଙ୍କୁ ହିସାବ ନ କଲେ ପୃଥିବୀରେ ପ୍ରାୟ ଅଶୀ ଲକ୍ଷ ପ୍ରଜାତିର ଜୀବଜନ୍ତୁ ଓ ଉଦ୍ଭିଦ ଅଛନ୍ତି ବୋଲି ବିଜ୍ଞାନୀମାନେ ଏକମତ।

'ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କନ୍‌ଜର୍‌ଭେଶନ୍ ଅଫ୍ ନେଚର' ବା ଆଇ.ୟୁ.ସି.ଏନ୍.ର ତଥ୍ୟକୁ ଉଦ୍ଧାର କରି କେତେ ଶତାଂଶ ଜୀବଜନ୍ତୁ ଓ ଉଦ୍ଭିଦ ବିଲୁପ୍ତି ଆଶଙ୍କାରେ ରହିଛନ୍ତି, ତାହା ହିଁ ଦେଖାଇବା ପାଇଁ ଚାହିଁଛନ୍ତି ଗବେଷକଗୋଷ୍ଠୀ। ଆଇ.ୟୁ.ସି.ଏନ୍.ର ଆଶଙ୍କା ଏବେଠାରୁ ସତର୍କ ନ ରହିଲେ ପ୍ରାୟ ଚାରି ଭାଗରୁ ଏକ ଭାଗ ପ୍ରଜାତି ବିଲୁପ୍ତ ହୋଇଯିବାର ସମ୍ଭାବନାକୁ ଏଡେଇ ଦେଇ ହେବନି। ବିଲୁପ୍ତି ଆଶଙ୍କାରେ ଥିବା ପ୍ରଜାତିଗୁଡ଼ିକ ମଧ୍ୟରେ ଅନେକ ମେରୁଦଣ୍ଡୀ ପ୍ରଜାତି ଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟରେ ବେଶି ଭାଗ ହିଁ ଅମେରୁଦଣ୍ଡୀ। ସେହି ତୁଳନାରେ କୀଟପତଙ୍ଗ ଗୁଡ଼ିକ ବିଲୁପ୍ତ ହୋଇଯିବାର ହାର ଅନେକଟା କମ୍ ବୋଲି ମନେକରୁଛନ୍ତି ବିଜ୍ଞାନୀମାନେ। ପୃଥିବୀରେ ରହିଥିବା ଅଶୀ ଲକ୍ଷ ଜୀବଜନ୍ତୁ ଓ ଉଦ୍ଭିଦର ପ୍ରଜାତି ମଧ୍ୟରେ ପ୍ରାୟ ୫୫ ଲକ୍ଷ ପ୍ରଜାତି ହିଁ ପତଙ୍ଗ। ଏହି ୫୫ ଲକ୍ଷ ପ୍ରଜାତିର ପତଙ୍ଗ ମଧ୍ୟରୁ ଦଶ ଶତାଂଶ ବା ସାଢ଼େ ପାଞ୍ଚଲକ୍ଷ ପ୍ରଜାତିର ପତଙ୍ଗ ବିଲୁପ୍ତିର ଦ୍ୱାରପ୍ରାନ୍ତରେ ପହଞ୍ଚିଗଲେଣି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୁତରାଂ, ଏହିଦୁନିଆଟା ଯେ ଏକ ଭୟଙ୍କର ଶୂନ୍ୟତା ଦିଗରେ ଦ୍ରୁତ ଅଗ୍ରସର ହୋଇ ଚାଲିଛି, ଏହା ନିଃସନ୍ଦେହ।

'ଅଭୀପ୍ସା', ସେକ୍ଟର- ୬, ପ୍ଲଟ୍ ନଂ- ୧୧୩୧,
ଅଭିନବ ବିଡ଼ାନାସୀ, କଟକ

## ଏଇ ଭାରତରେ

ରାଜସ୍ଥାନର ଏକ ଦରଘା ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଭାଇଚାରାର ବାର୍ତ୍ତା ଦେଇ ଆସୁଛି। ଝୁନ୍‌ଝୁନ ଜିଲା ନରହର ସହର ସ୍ଥିତ ବାବା ହାଜିବ ଶକରବର ଶାହାଙ୍କ ଦରଘାରେ ମୁସଲମାନମାନଙ୍କ ସହ ସବୁ ଧର୍ମର ଲୋକେ ଧୁମ୍‌ଧାମରେ ଜନ୍ମାଷ୍ଟମୀ ପାଳନ କରନ୍ତି। ମୁସଲମାନମାନେ ଯେଉଁ ଭାବରେ ଉର୍ସ ପାଳନ କରିଥାନ୍ତି ସେହି ଭାବରେ କୃଷ୍ଣଙ୍କ ପୂଜା କରନ୍ତି। ସେମାନଙ୍କ ମଧ୍ୟରେ କୃଷ୍ଣ ପ୍ରେମର ଏକ ନିଆରା ଭାବ ବି ଦେଖିବାକୁ ମିଳେ। କେବଳ ଏତିକି ନୁହେଁ, ସେମାନେ ଏକାଠି ମିଶି କୃଷ୍ଣଭଜନ ଗାଇ ନାଚି ରାଧାକୃଷ୍ଣଙ୍କୁ ଝୁଲାଇଥାନ୍ତି। ଏଠାରେ ବି ତିନିଦିନ ଧରି ମେଳାର ଆୟୋଜନ କରାଯାଇଥାଏ। ଏହି ମେଳାରେ ମୁସଲମାନମାନେ କୃଷ୍ଣଙ୍କ ପାଇଁ ସୁଫି ସଙ୍ଗୀତ ଗାନ କରିଥାନ୍ତି। ଏଥିରେ କୃଷ୍ଣଙ୍କ ଲୀଳା ସହ ପ୍ରେମର ବର୍ଣ୍ଣନା କରାଯାଇଥାଏ। ଏହାବାଦ୍ କୃଷ୍ଣଙ୍କ ଜୀବନୀ ଉପରେ ନୃତ୍ୟନାଟିକା ମଧ୍ୟ ମଞ୍ଚସ୍ଥ କରାଯାଇଥାଏ। ଜନ୍ମାଷ୍ଟମୀ ଦିନ ସାରା ରାତି ଏଭଳି କାର୍ଯ୍ୟକ୍ରମ ଚାଲେ। ଦୂର ଦୂରାନ୍ତର ଲୋକମାନେ ଏହି ମେଳା ଦେଖିବା ସହ କୃଷ୍ଣ ପୂଜାରେ ସାମିଲ ହୋଇଥାନ୍ତି। କିନ୍ତୁ ଏଥର କୋଭିଡ-୧୯ କଟକଣା ଯୋଗୁ ସବୁ ପ୍ରଭାବିତ ହୋଇଛି। ହେଲେ କୋଭିଡ୍ ନିୟମ ଅନୁଯାୟୀ କେବଳ ପୂଜା ହେବ ବୋଲି କୁହାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅଗଷ୍ଟ ୧୯୯୫

- ବିବାଦୀୟ ହେବ୍ରନ ପ୍ରସଙ୍ଗକୁ ନେଇ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମୁକ୍ତି ସଙ୍ଗଠନ (ପିଏଲ୍‌ଓ) ମଧ୍ୟରେ ଏକ ସାଲିସ୍ ରାଜିନାମା ସ୍ୱାକ୍ଷରିତ।
- ଇରାକ୍ ତା'ର ସମସ୍ତ ଜୈବ ଅସ୍ତ୍ରଶସ୍ତ୍ରକୁ ଧ୍ୱଂସ କରିଦେଇଛି ବୋଲି କରୁଥିବା ଦାବିକୁ ଜାତିସଂଘର ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ କୂଟନୀତିଜ୍ଞ ରୋଲଫ୍ ଏକେସ୍ ଅଗ୍ରାହ୍ୟ କରିଦେଇଛନ୍ତି।
- ପରିବହନ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ବ୍ୟବସାୟିକ ମନୋବୃତ୍ତି ଯୋଗୁ ଗଡପତି ଜିଲାର ୬ଟି ବସ୍ ରୁଟ୍ ଘରୋଇ ସଂସ୍ଥାକୁ ବିକ୍ରି।

## ଚିରନ୍ତନୀ

ଭରି ସେହି ନୀରବତା
ଧାନକ୍ଷେତ କହେ କଥା
ରଞ୍ଜିତ ନଭୋପଥେ ବିଲୋକେ
ନୀଳ ଢେଉ ଖେଳେ ସୁନା ଆଲୋକେ!
(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | C | | | | | D | 0 | | | B | | | 2 | |
| | 5 | | 2 | C | E | | | | 0 | 7 | | 1 | | 3 |
| | | 8 | | | D | | | 7 | | 6 | 3 | | | 9 |
| 2 | | 9 | | B | | C | | | | 5 | | | | |
| | | | 0 | | 6 | | B | | | | | 5 | | |
| | | | | | | 3 | | C | 6 | | A | 7 | | |
| | | 2 | | 8 | 1 | | A | | | | | | | |
| E | | | 7 | 6 | | 5 | | | 8 | | | C | | D |
| | | | | E | 2 | 8 | | D | | | | | 1 | |
| 5 | 8 | | D | | 9 | 1 | | | | C | | 3 | | 0 |
| | 9 | | | | | | 1 | | | | | B | | |
| | | | E | | 8 | 0 | C | 2 | 5 | 9 | | | | |
| B | | | 1 | | | 7 | | A | | | | | | |
| | | | | | | | 4 | B | 7 | | 2 | | C | |
| | | 6 | | | | | | 5 | 3 | | | 9 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 0 | 3 | B | 5 | 4 | 2 | 1 | 9 | A | 8 | 6 | C | 7 | D |
| 6 | 4 | 1 | 8 | C | 7 | E | B | 5 | 2 | 3 | D | 9 | 0 | A |
| 5 | B | A | D | 2 | 9 | C | 8 | 6 | E | 0 | 7 | 3 | 4 | 1 |
| 2 | 7 | 9 | A | E | 0 | D | 4 | 3 | C | B | 1 | 5 | 8 | 6 |
| D | 8 | C | 3 | 1 | 6 | A | 0 | 7 | 9 | 4 | 5 | B | 2 | E |
| 3 | D | 4 | C | B | E | 1 | 6 | 2 | 0 | 7 | A | 8 | 5 | 9 |
| 9 | A | E | 4 | 6 | 2 | 7 | C | 8 | 3 | 5 | B | 1 | D | 0 |
| 1 | C | 6 | 5 | A | D | 0 | 9 | B | 8 | 2 | 4 | 7 | E | 3 |
| 0 | 2 | 8 | 1 | 7 | 3 | 5 | E | D | 6 | C | 9 | 4 | A | B |
| 7 | 5 | B | 9 | 0 | 8 | 4 | 3 | A | D | 1 | E | 6 | C | 2 |
| 8 | 6 | 0 | E | D | 5 | 3 | 2 | 4 | 1 | 9 | C | A | B | 7 |
| C | 3 | D | 6 | 4 | 1 | B | 7 | E | 5 | A | 2 | 0 | 9 | 8 |
| A | E | 5 | 0 | 9 | B | 8 | D | C | 7 | 6 | 3 | 2 | 1 | 4 |
| B | 9 | 7 | 2 | 8 | C | 6 | A | 1 | 4 | D | 0 | E | 3 | 5 |
| 4 | 1 | 2 | 7 | 3 | A | 9 | 5 | 0 | B | E | 8 | D | 6 | C |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଶଟ୍‌ଡାଉନ୍, ଲକ୍‌ଡାଉନ୍ ଆଉ କେତେଦିନ

ମହାଶୟ,

କେନ୍ଦ୍ର ବା ରାଜ୍ୟ ସରକାର ଆଉ କେତେଦିନ ଶଟ୍‌ଡାଉନ୍, ଲକ୍‌ଡାଉନ୍ କରିବେ। ୫ ମାସ ହେଲା ସମସ୍ତଙ୍କୁ ବାଧିଲାଣି। କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଓକିଲମାନେ ବେରୋଜଗାର ହୋଇଗଲେଣି। ମୁଖ୍ୟମନ୍ତ୍ରୀ ବାରମ୍ବାର ଅନୁରୋଧ କଲେ ବି କେହି ନିୟମ ମାନୁନାହାନ୍ତି। ଅମାନିଆଙ୍କ ପାଇଁ ସାରା ରାଜ୍ୟ ତଥା ଦେଶ ଆଜି ଦୁର୍ଦ୍ଦଶା ଭୋଗୁଛି। କେନ୍ଦ୍ର ସରକାର ଘରେ ଚୁପ୍ ଚାପ ବସି ବଜାରଘାଟକୁ ନ ଯିବା ପାଇଁ ଫ୍ରି ଚାଉଳ ଓ ଡାଲି ପ୍ରତି ପରିବାର ପାଇଁ ବ୍ୟବସ୍ଥା କରିଛନ୍ତି ସିନା, ମାତ୍ର ଲୋକଙ୍କୁ ଅତ୍ୟନ୍ତ ଅଳସୁଆ କରିଦେଲେ। ଲୋକେ ଏ କଥା ଜାଣି ମଧ୍ୟ ସଚେତନ ହେଉ ନାହାନ୍ତି। ଦେଶର ପ୍ରଗତି ବାଧାପ୍ରାପ୍ତ। ଏଣୁ ଆଉ ଦୀର୍ଘଦିନ ଲକ୍‌ଡାଉନ୍ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ବର୍ଷକଯାକ ଶଟ୍‌ଡାଉନ୍ କଲେ ମଧ୍ୟ ଅମାନିଆ, ଅସାମାଜିକ ବ୍ୟକ୍ତିଙ୍କ ପାଖରୁ ସରକାର ଫାଇନ ଆଦାୟ କରୁଥିବେ, ମାତ୍ର ସେମାନେ ସଚେତନ ହେବେନି।

ଆଡ୍‌ଭୋକେଟ କୃପାସିନ୍ଧୁ ସିଂହ, ବାରିପଦା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୭୨ଘଣ୍ଟା ଦାଢାପାଟଣା ଶଟ୍‌ଡାଉନ

ବାରଙ୍ଗ(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଦାଢାପାଟଣା ପଞ୍ଚାୟତର ଦାଢାପାଟଣା ଗ୍ରାମରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୪ରେ ପହଞ୍ଚିଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏହା ଏକ ବ୍ୟବସାୟିକସ୍ଥଳୀ ହୋଇଥିବାରୁ ଗୋଷ୍ଠୀ ସଂକ୍ରମଣ ହେବାର ବହୁ ଆଶଙ୍କା ରହିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ନେଇ ଦାଢାପାଟଣା ଗ୍ରାମକୁ ସରପଞ୍ଚ ସ୍ୱର୍ଣଲତା ବିଶ୍ୱାଳ ୭୨ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ମଙ୍ଗଳବାର ରାତି ୧୨ଟାରୁ ଶୁକ୍ରବାର ରାତି ୧୨ଟା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ଦାଢାପାଟଣା ସମେତ ଷ୍ଟେଶନ ବଜାର, ଆନନ୍ଦ ବଜାର, ସୀତାରାମ ବଜାର, ତେଲେଙ୍ଗା ସାହି, ବଙ୍ଗାଳି ସାହି, ଗଦେଇକୁଦ, ଆଦିବାସୀ ସାହି ଆଦି ଅଞ୍ଚଳରେ ଶଟଡାଉନ ବଳବତ୍ତର ରହିବ।

## ସଂକ୍ଷେପରେ

### ବାସୁଦେବପୁର ବିଡିଓ କରୋନା ପଜିଟିଭ୍

ଭଦ୍ରକ ଅଫିସ/ବାସୁଦେବପୁର, ୧୧।୮(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବିଡିଓ ପ୍ରଣବ କୁମାର ବେହେରା କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ନେଇ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ଟୁଇଟର୍ ମାଧମରେ ସୂଚନା ଦେଇଛନ୍ତି। ମଙ୍ଗଳବାର ଓ ବୁଧବାର ବ୍ଲକ କାର୍ଯ୍ୟାଳୟର ସମସ୍ତ ଗୃହ ବିଶୋଧନ କରାଯିବା ଲାଗି ଦୁଇ ଦିନ ଶଟ୍ ଡାଉନ ଘୋଷଣା କରାଯାଇଛି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ବ୍ଲକ କ୍ୟାମ୍ପସ୍‌ରେ ଆଣ୍ଟିଜେନ୍ କିଟ୍‌ସ ମାଧମରେ ବିଡିଓଙ୍କ ସମେତ କର୍ମଚାରୀଙ୍କର ପରୀକ୍ଷା କରାଯାଇଥିଲା। ବିଡିଓଙ୍କ ରିପୋର୍ଟ ପଜିଟିଭ ଆସିଥିବା ଜଣାପଡିଛି।

### ଶିଶୁପୁତ୍ର ମୃତ୍ୟୁ ଘଟଣା: ଆମ୍ବୁଲାନ୍ସ କର୍ମଚାରୀ ବହିଷ୍କୃତ

ବାରିପଦା ଅଫିସ, ୧୧।୮: ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଆମ୍ବଯୋଡ଼ା ଗ୍ରାମର ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ପକ୍ଷରୁ ଆମ୍ବୁଲାନ୍ସ କର୍ମଚାରୀ ତଥା ଏର୍ମଜେନ୍ସି ମେଡିକାଲ ଟେକନିସିଆନ ଭାବେ କାର୍ଯ୍ୟରତ ବିଭୀଷଣ ମହାନ୍ତଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଟୁଇଟ୍ ମାଧମରେ ସୂଚନା ଦିଆଯାଇଛି। ଶିଶୁ ମୃତ୍ୟୁ ଘଟଣାରେ ତାଙ୍କ ଅବହେଳା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଶିଶୁପୁତ୍ରଙ୍କ ମୃତ୍ୟୁ ପରେ ତାଙ୍କ ମାଆ ବେତନଟୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୭୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ନୂଆଁଖାଇ, ଗଣେଶ ପୂଜାରେ ହେବନି ଶଟ୍‌ଡାଉନ

ସମ୍ବଲପୁର, ୧୧।୮(ବ୍ୟୁରୋ): ସମ୍ବଲପୁର ଜିଲା ପ୍ରଶାସନ କରୋନା ପରିସ୍ଥିତିର ମୁକାବିଲା ଲାଗି ପ୍ରତି ଶନିବାର ଓ ରବିବାର ଶଟ୍ ଡାଉନ ଘୋଷଣା କରିଛି। ହେଲେ ଏଥର ଅଗଷ୍ଟ ୨୨ରେ ଗଣେଶ ପୂଜା ଓ ୨୩ ରେ ନୂଆଁଖାଇ ପଡୁଛି। ତେଣୁ ଶଟ୍ ଡାଉନକୁ ବିଭିନ୍ନ ମହଲରେ ବିରୋଧ କରାଯାଇଥିଲା। ଜିଲା ପ୍ରଶାସନର ଦୃଷ୍ଟିକୁ ଏହା ଆସିବା ପରେ ଜିଲାପାଳ ଶୁଭମ୍ ସକ୍‌ସେନା ଏହି କଟକଣାକୁ କୋହଳ କରିଛନ୍ତି। ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ, ୨୨ ତାରିଖ ଗଣେଶ ପୂଜା ଓ ୨୩ ତାରିଖ ନୂଆଁଖାଇ ଦିନ ଶଟ୍ ଡାଉନକୁ ଜିଲାପାଳ ବାତିଲ କରିଛନ୍ତି। ତେବେ କରୋନା କଟକଣା ଯୋଗୁ ନୂଆଁଖାଇ ଉତ୍ସବ ଓ ଭେଟ୍‌ଘାଟ ପାଳନ କରାଯିବ ନାହିଁ। ହେଲେ ପରମ୍ପରା ଅନୁସାରେ କେବଳ ପ୍ରତି ପରିବାର ସଦସ୍ୟ ନୂଆଁଖାଇ ପାଳନ କରିବେ। ତେବେ ଅଗଷ୍ଟ ୧୬ ଓ ୧୭ ତାରିଖ ଶଟ୍ ଡାଉନ ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟଯେ, ଏ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ ଏହି ଦୁଇଦିନ ଶଟ୍‌ଡାଉନକୁ କୋହଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

### ପେଣ୍ଠକଟା ଗଣ୍ଡଗୋଳ ଘଟଣା, ୭ ଗିରଫ

ପୁରୀ ଅଫିସ, ୧୧।୮: ପେଣ୍ଠକଟାରେ ଗତ ମାସ ୩୧ତାରିଖରେ ଏକ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ସମୁଦ୍ରକୂଳ ଥାନାରେ ମାମଲା (ନଂ.୧୨୩/୨୦) ରୁଜୁ କରି ମଙ୍ଗଳବାର ୭ଜଣଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେମାନେ ହେଲେ ପେଣ୍ଠକଟା କୋଭରୀ ମାଶେନି ବରଫର ଏରିପିଲ୍ଲୀ ଲକ୍ଷ୍ମୀ, ଶାରଦା ମାଣିକ, କୋଭାରୀ ଏରବୋ, କୋଭାରୀ ଚିତି, ଏରିପିଲ୍ଲୀ ଚିତି, ଏରିପିଲ୍ଲୀ ସତ୍ୟ ଓ ଏରିପିଲ୍ଲୀ କ୍ରିଷ୍ଣା। ଭାରତୀୟ ଦଣ୍ଡବିଧି ଆଇନ ଏବଂ ବିପର୍ଯ୍ୟୟ ପରିଚାଳନା ଆଇନର ବିଭିନ୍ନ ଦଫାରେ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିସହ ଅଭିଯୁକ୍ତମାନେ ଗତ ମାସ ୨୬ ତାରିଖ ଆଶାକର୍ମୀଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ପକ୍ଷରୁ କୁହାଯାଇଛି ।

# ହାଇକୋର୍ଟଙ୍କୁ ପୁରୁଣା ମାମଲା ଅଡୁଆ

**୧୬ରୁ ୨୦ ବର୍ଷ ହେଲା ଗଡୁଛି ମାମଲା**
- ଶୁଣାଣି ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ
- ଆବେଦନକାରୀଙ୍କୁ ଖୋଜିବ ପୋଲିସ
- ଜୀବିତ କି ମୃତ କୋର୍ଟଙ୍କୁ ରିପୋର୍ଟ ଦିଆଯିବ

କଟକ ଅଫିସ, ୧୧।୮


ବହୁ ପୁରୁଣା ମାମଲାଗୁଡ଼ିକର ଶୁଣାଣି ବେଳେ ଏବେ ହାଇକୋର୍ଟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ମାମଲାଗୁଡ଼ିକ ପ୍ରାୟ ୧୬ରୁ ୨୦ ବର୍ଷ ହେଲା ଗଡୁଥିବା ବେଳେ ଆବେଦନକାରୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳୁନି। ଅନେକ ମାମଲାରେ ଆବେଦନକାରୀ ଜୀବିତ ନା ମୃତ, ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ଆଉ କେତେକ ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କୋର୍ଟରେ ହାଜର ହେଉଛନ୍ତି। କିନ୍ତୁ ସେ ମଧ୍ୟ ଆବେଦନକାରୀଙ୍କ ସହିତ ସମ୍ପର୍କରେ ନ ଥିବା କୋର୍ଟଙ୍କୁ ଜଣାଇଛନ୍ତି। ତେଣୁ ଆବେଦନକାରୀଙ୍କୁ ଖୋଜିବାକୁ ପୋଲିସର ସହାୟତା ନେବା ପାଇଁ ସରକାରୀ ଆଇନଜୀବୀ ଓ ରେଜିଷ୍ଟ୍ରାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ର ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସୋମବାର ୨୦୦୦ ମସିହାର ଏକ କ୍ରିମିନାଲ୍ ଅପିଲ୍‌ର ଶୁଣାଣି ହୋଇଥିଲା। ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ଏକ ଗ୍ରାମର ଉଦ୍ଧବ ମାଝି ଓ ଉଦରଣ ମାଝି ୨୦୦୦ ଅଗଷ୍ଟ ୨୯ରେ ଏକ ଆପରାଧିକ ମାମଲାରେ



ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଶୁଣାଣି ହୋଇଥିଲେ ମଧ୍ୟ ବିଶେଷ ଅଗ୍ରଗତି ଦେଖାଦେଇ ନ ଥିଲା। ସୋମବାର ଏହାର ଶୁଣାଣି ପାଇଁ ତାରିଖ ରହିଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ୍.ଡି. ଦାସ ଓ ସରକାରଙ୍କ ପକ୍ଷରୁ ଆଇନଜୀବୀ ଏ.କେ. ନନ୍ଦ ଭିଡିଓ କନଫରେନ୍ସ ଦ୍ୱାରା ଶୁଣାଣିରେ ଭାଗ ନେଇଥିଲେ। ତେବେ ଆବେଦନକାରୀଙ୍କ ସହ ଦୀର୍ଘ ଦିନ ହେଲା ସମ୍ପର୍କରେ ନ ଥିବା ଆଇନଜୀବୀ ଦାସ କୋର୍ଟଙ୍କୁ ଅବଗତ କରିଥିଲେ। ଉଭୟ ଆବେଦନକାରୀ ଏବେ କେଉଁଠି ଅଛନ୍ତି, ନବରଙ୍ଗପୁର ଏସ୍‌ପି ଓ କୋଡିଙ୍ଗା ଥାନା ଅଧିକାରୀଙ୍କ ଜରିଆରେ ସୂଚନା ସଂଗ୍ରହ କରି କୋର୍ଟଙ୍କୁ ଜଣାଇବାକୁ ସରକାରୀ ଆଇନଜୀବୀ ନନ୍ଦଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଉଭୟଙ୍କ ସମ୍ପର୍କରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ସୂଚନା ସଂଗ୍ରହ କରିବା ପାଇଁ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀଙ୍କ ଆଇନଜୀବୀ ଦାସଙ୍କୁ ମଧ୍ୟ ଉଭୟଙ୍କ ଠିକଣା ନେବା ପାଇଁ କୁହାଯାଇଛି। ଆସନ୍ତା ୨୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

କେବଳ ଏହି ଗୋଟିଏ ମାମଲା ନୁହେଁ, ସୋମବାର ଅନ୍ୟ ଏକ ମାମଲାରେ ମଧ୍ୟ ସମାନ ସମସ୍ୟା ହୋଇଥିଲା। ୨୦୦୦ ମସିହାର ଏକ କ୍ରିମିନାଲ୍ ଅପିଲ୍ ମାମଲାରେ ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳର ଫକିର ପ୍ରଧାନଙ୍କୁ ହାଇକୋର୍ଟ ୨୦୦୪ ଅଗଷ୍ଟ ୩୦ରେ ଜାମିନ ଦେଇଥିଲେ। ସୋମବାର ଏହି ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଉପସ୍ଥିତ ନ ଥିଲେ। ଏଣୁ ଢେଙ୍କାନାଳ ଏସ୍‌ପି ଓ ହିନ୍ଦୋଳ ଥାନା ଅଧିକାରୀଙ୍କଠାରୁ ସରକାରୀ ଆଇନଜୀବୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ହାଇକୋର୍ଟ ରେଜିଷ୍ଟ୍ରାର ଆବେଦନକାରୀଙ୍କ ସମ୍ପର୍କରେ ତଥ୍ୟ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଶୁକ୍ରବାର ମଧ୍ୟ ୨୦୦୦ ମସିହାର ୫ଟି ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ହାଜର ହୋଇ ନ ଥିଲେ। ଏହି ସବୁ ମାମଲାରେ ତଳ ଅଦାଲତଙ୍କ ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଣୁ ସଂପୃକ୍ତ ଜିଲାର ଏସ୍‌ପି ଓ ପୋଲିସ ଆଇଜି (ଆଡମିନିଷ୍ଟ୍ରେସନ୍)ଙ୍କଠାରୁ ଆବେଦନକାରୀଙ୍କ ସମ୍ପର୍କରେ ତଥ୍ୟ ନେବା ପାଇଁ ରେଜିଷ୍ଟ୍ରାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଜୀବିତ ନ ମୃତ, ଯଦି ମୃତ ତେବେ ପ୍ରମାଣପତ୍ର ଦାଖଲ କରିବା ପାଇଁ କୁହାଯାଇଛି। ଆବେଦନକାରୀ ଜୀବିତ ଥିଲେ, ତାଙ୍କର ବର୍ତ୍ତମାନ ଠିକଣା, ଯୋଗାଯୋଗ ନମ୍ବର ସଂଗ୍ରହ କରି କୋର୍ଟଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି।



କରୋନା ଗାଇଡ୍‌ଲାଇନ୍ ପାଇଁ ମଙ୍ଗଳବାର ଜନ୍ମାଷ୍ଟମୀରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ବନ୍ଦ ରହିଛି।

# ବିନା ପରେଡ୍‌ରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ବିନା ପରେଡ୍‌ରେ ଅନୁଷ୍ଠିତ ହେବ। କୋଭିଡ୍-୧୯ ସଂକ୍ରମଣ ଯୋଗୁ ରାଜ୍ୟ ସରକାର ଜନଗହଳିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ଚାହୁଁଛନ୍ତି। ଏହାସହ ସମସ୍ତ ପ୍ରକାର ନିୟମକାନୁନ ମାନି ଏହି ପାଳନ କରାଯିବ। ସେଥିପ୍ରତି ସରକାର ଗୁରୁତ୍ୱ ଦେଇଥିବା ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଏକ ଚିଠିରେ ଦର୍ଶାଯାଇଛି। ସୋମବାର ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସକାଳ ୯ଟାରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବା ପରେ ଜାତୀୟ ସଙ୍ଗୀତ ଗାନ କରାଯିବ। ଗୋଟିଏ କିମ୍ବା ଦୁଇ କଣ୍ଟିନ୍‌ଜେଣ୍ଟ ପୋଲିସ ଫୋର୍ସ ମୁତୟନ ରହି କାର୍ଯ୍ୟକ୍ରମ ସମୟରେ ମୁଖ୍ୟ ଅତିଥିଙ୍କୁ ଜଗିବେ। ଏଥର ପରେଡ୍ କିମ୍ବା ମାର୍ଚ୍ଚପୋଷ୍ଟ ହେବନାହିଁ କିମ୍ବା ସାଧାରଣ ଲୋକ ଯୋଗ ଦେବେନାହିଁ। ୫୦ରୁ ୭୫ଜଣ ଅତିଥିଙ୍କୁ ନିମନ୍ତ୍ରଣ କରାଯିବ। ଇଣ୍ଟରନେଟ୍ ଆମନ୍ତ୍ରଣ କରାଯିବାକୁ ଥିବାବେଳେ ୧୫ରୁ ୨୦ କୋଭିଡ୍ ଯୋଦ୍ଧାଙ୍କୁ ନିମନ୍ତ୍ରଣ କରାଯିବ। ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଙ୍ଗକୁ ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନ୍‌ଲାଇନ ମାଧ୍ୟମରେ କରାଯିବ। ସବୁ ବ୍ଲକ ଏବଂ ପଞ୍ଚାୟତସ୍ତରରେ ମଧ୍ୟ ସମାନ ନିୟମକାନୁନ ପାଳନ କରାଯିବ। ଯଦି ଏ ସମ୍ପର୍କରେ ଅଧିକ ଜାଣିବାର ଆବଶ୍ୟକ ପଡ଼େ କିମ୍ବା ଗୁରୁତ୍ୱପୂର୍ଣ୍ଣ ଥିବ ତେବେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲାଙ୍କ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଏନେଇ ଗୃହ ବିଭାଗ ଉପସଚିବ ଏନ୍.ପି. ରାୟଗୁରୁ ସବୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ଚିଠି ପଠାଇଛନ୍ତି।

# ଡିଜିପିଙ୍କୁ ରିପୋର୍ଟ ମାଗିଲେ ଜନଜାତି ଆୟୋଗ

**ଆଦିବାସୀ ନାବାଳିକାଙ୍କ ମୃତ୍ୟୁ ଘଟଣା**

କଟକ ଅଫିସ, ୧୧।୮

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଚିଡ୍ରା ପଞ୍ଚାୟତର ଏକ ଗ୍ରାମରୁ ଜଣେ ଆଦିବାସୀ ନାବାଳିକାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଥିଲା। ପୋଲିସ ଏହାକୁ ଆତ୍ମହତ୍ୟା ଦର୍ଶାଇ ଥିବାବେଳେ ନାବାଳିକା ଜଣଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ବିଭିନ୍ନ ସଙ୍ଗଠନ ଅଭିଯୋଗ କରିଥିଲେ। ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ନ୍ୟାଶନାଲ କମିଶନ ଫର ସିଡ୍ୟୁଲ୍ଡ ଟ୍ରାଇବ୍) ଏହି ଘଟଣାରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ରିପୋର୍ଟ ତଲବ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ୨୧ରେ ନାବାଳିକାଙ୍କ ମୃତଦେହ ମିଳିଥିଲା। ଏହାର ପୂର୍ବ ଦିନ ରାତିରେ ସେ ପରିସ୍ରା ପାଇଁ ଘର ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରଦିନ ଗଛରୁ ନାବାଳିକାଙ୍କ ଝୁଲନ୍ତା ମୃତଦେହ ମିଳିଥିବା ବେଳେ ତାଙ୍କର ପୋଷାକ ଚିରିଯାଇଥିଲା। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗ) ଅନୁଯାୟୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିଲା। ସ୍ଥାନୀୟ ପ୍ରଶାସନ ଓ ପୋଲିସ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ଭାଜପା ନେତ୍ରୀ ସୁକେଶୀ ଓରାମ ଓ କାଳିରାମ ମାଝୀ ଜାତୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀଙ୍କ ବିରୋଧରେ ଏସ୍‌ସି ଏସ୍‌ଟି ଆଟ୍ରୋସିଟି ଆକ୍ଟ ଓ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ, ଘଟଣାର ନିରପେକ୍ଷ ତଦନ୍ତ ଓ ନାବାଳିକାଙ୍କ ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ କରିବା ପାଇଁ ସେମାନେ ଦାବି କରିଥିଲେ।

# ଡାଏଲିସିସ୍ ଆରମ୍ଭ

- ଏସ୍‌ସିବି ଆଇସୋଲେଶନ ୱାର୍ଡ
- ସପ୍ତାହକୁ ୨୭ ଡାଏଲିସିସ୍ ସେବା

କଟକ ଅଫିସ, ୧୧।୮

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଡାଏଲିସିସ ସେବା ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ପ୍ରାରମ୍ଭିକ ଭାବେ ୨ଜଣ ରୋଗୀଙ୍କ ଡାଏଲିସିସ କରାଯାଇଛି। ଅତୀତରେ ଆଇସୋଲେଶନ ୱାର୍ଡରେ ଅନେକ ପୁରୁଣା କିଡ୍‌ନୀ ରୋଗୀ ଡାଏଲିସିସ ସୁବିଧା ନ ପାଇ ହନ୍ତସନ୍ତ ହେଉଥିଲେ। ଫଳରେ ନେଫ୍ରୋଲୋଜି ବିଭାଗ ତରଫରୁ ସ୍ୱତନ୍ତ୍ର ଭାବେ କରୋନା ଆକ୍ରାନ୍ତ ରୋଗୀଙ୍କୁ ୱାର୍ଡକୁ ନେଇ ଡାଏଲିସିସ ସୁବିଧା ଦିଆଯାଉଥିଲା। ତେବେ ଏଥିରେ ବିଭାଗୀୟ ୱାର୍ଡରେ ଥିବା ଅନ୍ୟ ରୋଗୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଡାଏଲିସିସ ପାଇଁ ଆସୁଥିବା କରୋନା ଆକ୍ରାନ୍ତଙ୍କଠାରୁ ସେମାନଙ୍କୁ ସଂକ୍ରମଣ ଆଶଙ୍କା ରହୁଥିଲା। ଏବେ ଏହି ସଙ୍କଟ ଦୂର କରିବାକୁ ଆଇସୋଲେଶନ ୱାର୍ଡରେ ୩ଟି ମେଶିନରେ ସପ୍ତାହକୁ ୨୭ଟି ଡାଏଲିସିସ୍ କରାଯାଇ ପାରିବ।

# ସମ୍ବଲପୁର ଜିଲାର ପ୍ରଥମ କରୋନା ଯୋଦ୍ଧାଙ୍କ ମୃତ୍ୟୁ

ସମ୍ବଲପୁର, ୧୧।୮(ବ୍ୟୁରୋ)

ସମ୍ବଲପୁର ଜିଲାରେ ପ୍ରଥମ କରୋନା ଯୋଦ୍ଧା ରେଙ୍ଗାଲି ଥାନାର କନଷ୍ଟେବଲ ପେଟ୍ରସ ଟିଗା (୪୦)ଙ୍କର ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ସୋମବାର ବିଳମ୍ବିତ ରାତିରେ ସେ ହଠାତ୍ ଗୁରୁତର ହୋଇପଡ଼ିବା ପରେ ତାଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ସେଠାରେ କରୋନା ପରୀକ୍ଷା ପରେ ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କୁ ତୁରନ୍ତ ବୁର୍ଲା କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରାହ୍ନରେ ରିଜର୍ଭ ପଡିଆରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ସମୟରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଜୟନାରାୟଣ ପଙ୍କଜ, ଜିଲାପାଳ ଶୁଭମ୍ ସକ୍‌ସେନା, ଏସ୍‌ପି କନୱର ବିଶାଳ ସିଂ, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପେଟ୍ରସ ଅଗଷ୍ଟ ୭ ତାରିଖରେ ଅସୁସ୍ଥତା ଅନୁଭବ କରିବା ପରେ ଚିକିତ୍ସା ପାଇଁ ଅଇଁଠାପାଲି ମେଡିକାଲକୁ ଆସିଥିଲେ। ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ପରେ ସେ ଘରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ।



ପୁରୀସ୍ଥିତ ଶ୍ରୀରାଧାବଲ୍ଲଭ ମଠରେ ମଙ୍ଗଳବାର ଜନ୍ମାଷ୍ଟମୀ ନୀତି ସମ୍ପନ୍ନ କରାଯାଉଛି।

# ଆଜି ଶ୍ରୀମନ୍ଦିରରେ ନନ୍ଦ ଉତ୍ସବ

**ସରିଲା ଶ୍ରୀକୃଷ୍ଣ ଜନ୍ମନୀତି**

ପୁରୀ ଅଫିସ, ୧୧।୮

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ମଙ୍ଗଳବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ବୁଧବାର ନନ୍ଦ ଉତ୍ସବ ଅନୁଷ୍ଠିତ ହେବ। ଶ୍ରୀକୃଷ୍ଣ ଜନ୍ମ ନୀତି ପାଇଁ ମଙ୍ଗଳବାର ସନ୍ଧ୍ୟା ଧୂପ ବେଶରେ ମହାପ୍ରଭୁ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ସନ୍ଧ୍ୟାଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଶୁଦ୍ଧସୁଆର ଭଣ୍ଡାର ଦୁଆର ଆଗରେ ପୋଛା ମାରିଥିଲେ। ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ସବିତୃ ଭଦ୍ରମଣ୍ଡଳ ଲେଖିଥିଲେ। ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ କରିବା ପରେ ବରୁଣ ପୂଜା ହୋଇଥିଲା। ଚିତ୍ରକର ଦେଇଥିବା ଶ୍ରୀକୃଷ୍ଣ ଜନ୍ମପଟି ଓ ବଣିଆଙ୍କଠାରୁ ଆସିଥିବା ୯ପାଖୁଡ଼ା ବିଶିଷ୍ଟ ରୁପା ପଦ୍ମକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ପଦ୍ମ ପାଖୁଡ଼ାରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର, ଗାର୍ଗବ ଋଷି ଏବଂ କୃଷ୍ଣ ଲେଖା ରହିଥିଲା। ଏକ ସୁନା କୃଷ୍ଣମୂର୍ତ୍ତି ମଣ୍ଡଳ ଉପରେ ରଖାଯାଇ ୯ଟି ପନ୍ତିଭୋଗ ବଢାଯାଇଥିଲା। ପୂଜାପଣ୍ଡା ପଞ୍ଚୋପଚାର ପୂଜା କରି ପନ୍ତିଭୋଗ ବଢାଇବା ପରେ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ସିଂହାସନରେ ବିଜେ କରାଇଥିଲେ। ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଡି ପ୍ରସାଦ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଲାଗି କରାଇଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନଙ୍କୁ ଆଣି ଜନ୍ମଚକଡ଼ାରେ ବିଜେ କରାଇଥିଲେ। ପୂଜାପଣ୍ଡା ଗର୍ଭଉଦକ କର୍ମ କରି ଶୀତଳ ଭୋଗ ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ପରେ ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ। ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପାଳିଆ ମହାସୁଆର ଦେଇଥିବା ଦୁଧ, ଲହୁଣି ଓ ଗଣ୍ଠୁଷ ମସଲା ପୂଜାପଣ୍ଡା ସମର୍ପଣ କରି ମଣୋହୀ କରିଥିଲେ। ଦେବକୀ, ବସୁଦେବଙ୍କ ସହିତ ମହାଜନ ସେବକ ଭଣ୍ଡାରଘରୁ ଆସିଥିବା ରୁପାଥାଳିରେ କୃଷ୍ଣ (ମଦନମୋହନ)ଙ୍କୁ ବିଜେ କରାଇଥିଲେ। ଏହାପରେ ଜଗମୋହନ ଦେଇ ସରସ୍ୱତୀ ମନ୍ଦିର ସମ୍ମୁଖ ଯମୁନା ନଈ କୂଳକୁ ବିଜେ କରାଇଥିଲେ। ଏହି ସମୟରେ ଠାକୁରଙ୍କ ଶିର ଉପରେ ସପ୍ତଫେଣୀ ବାସୁକୀ ରହିଥିଲେ। ଯମୁନା ନଦୀ କୂଳରେ ଉଗ୍ରସେନ ଭେଟ ନୀତି ହୋଇଥିଲା। ଉଗ୍ରସେନ ଶ୍ରୀକୃଷ୍ଣଙ୍କୁ ଦଣ୍ଡ ପ୍ରଣାମ କରି ଗୋପପୁରକୁ ଯିବା ଲାଗି ବସୁଦେବଙ୍କୁ ବାଟ ଛାଡ଼ିଥିଲେ। ଠାକୁର ଘଣ୍ଟ, ଛତା, କାହାଳି ସହିତ ଯାଇ ନାଭିକଟା ମଣ୍ଡପଠାରେ ଥିବା ଖଟଶେଯ ଉପରେ ବିଜେ କରିଥିଲେ। ମହାଜନ ସେବକ ଦକ୍ଷିଣୀ ଘରୁ ରାମକୃଷ୍ଣଙ୍କୁ ଆଣି ଖଟଶେଯରେ ବିଜେ କରାଇଥିଲେ। ସେଠାରେ ଜନ୍ମ ନୀତି, ନାଭିକଟାଠାରୁ ଉପନୟନ ସଂସ୍କାର ପର୍ଯ୍ୟନ୍ତ କର୍ମମାନ ହୋଇଥିଲା। ମହାଜନ ସେବକ ତିନିଠାକୁରଙ୍କୁ ଜଗମୋହନରେ ବନ୍ଧାଯାଇଥିବା ଦୋଳିରେ ବିଜେ କରାଇଥିଲେ। ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା। ରାମକୃଷ୍ଣ ଭିତର ସିଂହାସନ ଏବଂ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିବା ପରେ ବଡ଼ସିଂହାର ଭୋଗ ବଢ଼ି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର।
9910560681

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

**ପାଟପୁର:** ପାଟପୁର ଥାନା ଅନ୍ତର୍ଗତ ପୋଡ଼ମାରି ଗ୍ରାମରେ ମଙ୍ଗଳବାର ଭୋର୍‌ରେ ସାପ କାମୁଡାରେ ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲେ ପୋଡ଼ମାରି ଗ୍ରାମର ଟୁକୁନା ବାଡ଼ତ୍ୟାଙ୍କ ପୁଅ ରିତେଶ (୪)। ରିତେଶ ଘରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡ଼ି ଦେବାରୁ ସେ ଚିତ୍କାର କରିଥିଲେ। ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ରିତେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ଡାକ୍ତରଖାନରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ନଂ. ୧୮/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଯାଇଛି।

# ସ୍କୁଲ ଖୋଲିଲେ ପିଲାଙ୍କୁ ଛାଡ଼ିବେନି ଅଭିଭାବକ

ଭଞ୍ଜନଗର,୧୧।୮(ଡି.ଏନ୍.ଏ.)

କେନ୍ଦ୍ର ସରକାର ସେପ୍ଟେମ୍ବରରେ ବିଦ୍ୟାଳୟ ଖୋଲିବା ପାଇଁ ଯୋଜନା କରୁଛନ୍ତି। ଏନେଇ ଅଭିଭାବକଙ୍କ ଫିଡ୍‌ବ୍ୟାକ୍ ମଗାଯିବ। କିନ୍ତୁ ଶେଷ ନିଷ୍ପତ୍ତି ରାଜ୍ୟ ସରକାର ନେବେ। ଏଭଳି ପରିସ୍ଥିତିରେ ସ୍କୁଲ ଖୋଲିଲେ ପିଲାମାନଙ୍କୁ ବିଦ୍ୟାଳୟ ନଛାଡିବାକୁ ଭଞ୍ଜନଗର ଅଞ୍ଚଳର ଅଧିକାଂଶ ଅଭିଭାବକ କହିଛନ୍ତି। ସେପ୍ଟେମ୍ବରରେ କରୋନା ଭୂତାଣୁ ସମ୍ପୂର୍ଣ୍ଣ ଲୋପ ହେବା ଆଶାନାହିଁ। ତେଣୁ ପିଲାଙ୍କୁ ବିପଦ ମୁଖକୁ ଛାଡିବାକୁ ଚାହୁଁନାହାନ୍ତି ଅଭିଭାବକ।

ଅପରପକ୍ଷେ ବିଦ୍ୟାଳୟ ବନ୍ଦ ଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟାହତ ହୋଇଛି। ବିଭିନ୍ନ କାରଣରୁ ସମସ୍ତ ଛାତ୍ରୀଛାତ୍ର ଅନ୍‌ଲାଇନ କ୍ଲାସ କରିପାରୁନାହାନ୍ତି। ଛାତ୍ରୀଛାତ୍ର ନୂଆ ମୋବାଇଲ ପାଇଁ ଅଭିଭାବକଙ୍କ ଉପରେ ଚାପ ପକାଉଛନ୍ତି। କରୋନାରେ ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ଆଣ୍ଡ୍ରଏଡ୍ ଫୋନ୍ କିଣିବା ସମ୍ଭବ ହେଉନାହିଁ। ଭଞ୍ଜନଗର ଅଞ୍ଚଳର ଅନେକ ସ୍ଥାନରେ ଏବେବି ମୋବାଇଲ ଇଣ୍ଟରନେଟ୍ ସେବା ନାହିଁ। ପ୍ରାୟ ୫୦ ପ୍ରତିଶତ ଛାତ୍ରୀଛାତ୍ର ବିଭିନ୍ନ କାରଣରୁ ଅନ୍‌ଲାଇନ୍ କ୍ଲାସ୍‌ରୁ ବଞ୍ଚିତ ହେଉଛନ୍ତି।

ଅନ୍ୟପଟେ ସେପ୍ଟେମ୍ବରରେ ସ୍କୁଲ ଖୋଲିଲେ ମଧ୍ୟ ପିଲାଙ୍କୁ ବିଦ୍ୟାଳୟ ଛାଡିବାକୁ ଅଧିକାଂଶ ଅଭିଭାବକ ମାନସିକ ଭାବେ ପ୍ରସ୍ତୁତ ନୁହନ୍ତି। ଆଉ କେତେଜଣ ଅଭିଭାବକ କରୋନା ସମ୍ପୂର୍ଣ୍ଣ ଲୋପ ପାଇବା ପରେ ଛୁଆର ବିଦ୍ୟାଳୟ କଥା ଚିନ୍ତା କରିବୁ ବୋଲି କହିଛନ୍ତି। ଲକ୍‌ଡାଉନ ପରଠୁ ପ୍ରାୟ ୫ମାସରୁ ଊର୍ଦ୍ଧ୍ୱ ହେବ ବିଦ୍ୟାଳୟରେ ତାଲା ପଡିଛି। କେନ୍ଦ୍ର ସରକାରଙ୍କ ଯୋଜନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଦଶମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଆସିବାକୁ କୁହାଯିବ। ୪ ସେକ୍ସନରେ କ୍ଲାସ୍ ହେବା ସହ, ସାମାଜିକ ଦୂରତା ଓ ବିଦ୍ୟାଳୟ ସମୟ ଅଧା କରିବାକୁ ଯୋଜନା ଅଛି। କ୍ଲାସ୍ ମଝିରେ ସାନିଟାଇଜ ପାଇଁ ୧ଘଣ୍ଟା ନିଆଯିବ। ୩୩ ପ୍ରତିଶତ ଷ୍ଟାଫ୍ ଓ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ଖୋଲିବା ଯୋଜନା ଅଛି। ମାତ୍ର ସରକାରଙ୍କ ଚୂଡାନ୍ତ ବିଜ୍ଞପ୍ତିକୁ ଅଭିଭାବକ, ଶିକ୍ଷକ ଅପେକ୍ଷା କରିଛନ୍ତି।

### ସେମାନେ କୁହନ୍ତି

"ବହୁଦିନ ଧରି ବିଦ୍ୟାଳୟ ବନ୍ଦ ରହିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଉପରେ ପ୍ରଭାବ ପଡୁଛି। ସରକାର ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ କାର୍ଯ୍ୟ କରିବୁ।

**ଗାୟତ୍ରୀ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ**
**ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର**

"ବର୍ତ୍ତମାନଆତଙ୍କଭିତରେଦିନକଟୁଥିବାବେଳେପିଲାରଭବିଷ୍ୟତକଥାମଧ୍ୟଚିନ୍ତା କରୁଛି।କିନ୍ତୁକରୋନାସମ୍ପୂର୍ଣ୍ଣଲୋପପାଇବାପର୍ଯ୍ୟନ୍ତବିଦ୍ୟାଳୟକୁଛାଡିବିନାହିଁ।

**ପ୍ରମୋଦ ପ୍ରଧାନ, ମୁଜାଗଡ**

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,୧୧।୮(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ଥାନା କୁରୁଳା ନିକଟ ଘୋଡ଼ାହାଡ଼ ନଦୀରୁ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ନିକଟସ୍ଥ ଲକ୍ଷ୍ମୀପୁର ଗ୍ରାମର ଲୋକନାଥ ଦାଶ(୪୨)। ଲୋକନାଥ ଗତ ୨ଦିନ ହେଲା ନିଖୋଜ ଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ବ୍ରିଜ ତଳେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଶରୀରରେ କ୍ଷତଚିହ୍ନ ଥିବାରୁ ଲୋକନାଥଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ମୃତକଙ୍କ ସ୍ତ୍ରୀ ଊର୍ମିଳା ଦାଶଙ୍କ ଅଭିଯୋଗକ୍ରମେ ନଂ.୨୦/୨୦ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ହାଇକୋର୍ଟରେ ପୁଣି ଏକ ଜନସ୍ୱାର୍ଥ ମାମଲା
#### ଏମ୍‌କେସିଜି ଓପିଡି ବନ୍ଦ ପ୍ରସଙ୍ଗ

**ବ୍ରହ୍ମପୁର ଅଫିସ,୧୧।୮:** ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟର ବହିର୍ବିଭାଗ (ଓପିଡି) ଖୋଲିବା ପାଇଁ ଭାରତୀୟ ବିକାଶ ପରିଷଦ (ବିବିପି) ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରିଟ୍ ପିଟିଶନ (ପିଆଇଏଲ) ନଂ.୧୯୧୨୭/୨୦ରେ ରୁଜୁ କରିଛନ୍ତି। ଦକ୍ଷିଣ ଓଡିଶାର ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ରହି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକମାନଙ୍କୁ ଏହି ଘଡିସନ୍ଧି ମୁହୂର୍ତ୍ତରେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ଏହା ମାଧମରେ ସେ ନିବେଦନ କରିଛନ୍ତି। ଉକ୍ତ ଜନସ୍ୱାର୍ଥ ସମ୍ବଳିତ ମାମଲା ରିଟ୍ ପିଟିଶନରେ ମୁଖ୍ୟ ଶାସନ ସଚିବ ଓଡ଼ିଶା ସରକାର, ପ୍ରମୁଖ ଶାସନସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପ୍ରମୁଖ ଶାସନ ସଚିବ ସ୍ୱାସ୍ଥ୍ୟ ବିଭାଗ, ରାଜସ୍ୱ କମିଶନର ଦକ୍ଷିଣାଞ୍ଚଳ, ଜିଲାପାଳ ଗଞ୍ଜାମ, କମିଶନର ବ୍ରହ୍ମପୁର ମହାନଗର ନିଗମ, ସୁପରିଣ୍ଟେଣ୍ଡେଣ୍ଟ ଏମ୍‌କେସିଜି ମେଡିକାଲ କଲେଜଙ୍କୁ ପକ୍ଷଭୁକ୍ତ କରାଯାଇଛି ବୋଲି ସେ କହିଛନ୍ତି।

### ୨ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ : ୫ ଆହତ

**ଆସିକା,୧୧।୮(ଡି.ଏନ୍.ଏ.):** ଆସିକା ଥାନା ନବରତ୍ନପୁର ଓ ମାଗୁରାପଲ୍ଲୀ ଗ୍ରାମବାସୀଙ୍କ ମଧ୍ୟରେ ମଙ୍ଗଳବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ନବରତ୍ନପୁର ଗ୍ରାମର ୫ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଘଟଣ ଆଶଙ୍କାରେ ଉଭୟ ଗ୍ରାମରେ ପୋଲିସ ପଇଁତରା ମାରୁଛି। ପରିସ୍ଥିତି ନିୟନ୍ତ୍ରଣାଧିନ ଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ସପ୍ତାହେ ପୂର୍ବେ ନବରତ୍ନପୁର ଗ୍ରାମର ଜଣେ ବ୍ୟକ୍ତି ବାଇକ୍ ନେଇ ମାଗୁରାପଲ୍ଲୀ ଯାଇଥିବାବେଳେ ସେଠାରେ ଗ୍ରାମର ଜଣେ ସାଇକେଲ୍ ଆରୋହୀଙ୍କ ସହ ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଉତ୍ତେଜନା ଲାଗି ରହିଥିଲା। ପରେ ଏହାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ଆପୋଷ ସମାଧାନ ଲାଗି ମଙ୍ଗଳବାର ଅପରାହ୍ନରେ ମାଗୁରାପଲ୍ଲୀ କାଳୀ ମନ୍ଦିର ଠାରେ ଏକ ବୈଠକ ବସିଥିଲା। ତେବେ ବୈଠକ ସହମତିରେ ପହଞ୍ଚିବା ପୂର୍ବରୁ ମାଗୁରାପଲ୍ଲୀ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଆକ୍ରମଣରେ ନବରତ୍ନପୁର ଗ୍ରାମର ୫ଜଣ ଆହତ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ହତ୍ୟା ଉଦ୍ୟମ ମାମଲା: ବାପ, ପୁଅ ଜେଲ ଗଲେ

**ଦିଗପହଣ୍ଡି,୧୧।୮(ଡି.ଏନ.ଏ.):** ଦିଗପହଣ୍ଡି ଥାନା ହନୁମାନ ମନ୍ଦିର ସାହିର ଗଣେଶ ମହାନ୍ତି ଓ ତାଙ୍କ ବାପା ହରିବନ୍ଧୁ ମହାନ୍ତିଙ୍କୁ ଗତ ବୁଧବାର ଘର ସମ୍ମୁଖରେ କେତେଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଏହି ମାମଲାରେ ମଙ୍ଗଳବାର ଭୀଷ୍ମଗିରି ଗ୍ରାମର ଟୁନା ମହାନ୍ତି ଏବଂ ତାଙ୍କ ପୁଅ ଶିବଙ୍କୁ ଗିରଫ କରଛି। ଥାନା ମାମଲା ନଂ.୧୬୪/୨୦ରେ ବାପପୁଅଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଗଣେଶ ଓ ତାଙ୍କ ବାପାଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଖଣ୍ଡା ଓ ଠେଙ୍ଗା ମାଡ଼ରେ ଗୁରୁତର ଆହତ ବାପ, ପୁଅଙ୍କୁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯାଇଥିଲା।


ଆଶ୍ରମ ପରିସରରେ ପୂଜାର୍ଚ୍ଚନା ଚାଲିଛି।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ

ଶଙ୍କରାଖୋଲ,୧୧।୮(ଡି.ଏନ୍.ଏ.)

କନ୍ଧମାଳ ଜିଲା ଚକାପାଦଠାରେ ଥିବା ଗୁରୁକୁଳ ଆଶ୍ରମରେ ମଙ୍ଗଳବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୨ ତମ ଶ୍ରାଦ୍ଧ ବାର୍ଷିକୀ ଓ ଜନ୍ମାଷ୍ଟମୀ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଶ୍ରାଦ୍ଧ ବାର୍ଷିକୀ ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହା ପାଳନ କରାଯାଇଥିଲା। ସୂର୍ଯ୍ୟ ପୂଜା, ଗୋ ପୂଜା, ଭୂମି ପୂଜା, ସ୍ଫଟିକ ଲିଙ୍ଗ ପୂଜନ ପରେ ସ୍ୱାମୀଜୀଙ୍କ ସମାଧୀ ପୀଠରେ ହୋମଯଜ୍ଞ, ନାମଯଜ୍ଞ, ରୁଦ୍ରାଭିଷେକ, ସମାଧି ଅଭିଷେକ ଓ ଆରଧନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ନନ୍ଦ, ଆଶ୍ରମ ପରିଚାଳକ କବିଚନ୍ଦ୍ର ନାଥ, ସଂସ୍କୃତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅସିତ୍ କୁମାର ମିଶ୍ର, ସଂଘ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ସ୍ମୃତିଚାରଣ କରିଥିଲେ।

ଏସ୍‌ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଚକାପାଦରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବାବେଳେ ଅତିରିକ୍ତ ଏସ୍‌ପି ବିପିନ ବିହାରୀ ବେହେରା, ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଥାନା ଅଧିକାରୀ ଧୀରଜ କୁମାର ଲେଙ୍କା ତଦାରଖ କରିଥିଲେ।

ସୂଚନାଯୋଗ୍ୟ ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀ ଦିନ ତୁମୁଡିବନ୍ଧସ୍ଥିତ ଜଲେଶପଟ୍ଟା ଆଶ୍ରମରେ ଆତତାୟୀଙ୍କ ଗୁଳିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କର ୪ଜଣ ସହଯୋଗୀ ପ୍ରାଣ ହରାଇଥିଲେ।

## ଘାଇରୁ ପାଣି ନେବାକୁ କେନ୍ଦ୍ର କରି ୨ ଗ୍ରାମବାସୀ ମୁହାଁମୁହିଁ

ବୁଗୁଡ଼ା,୧୧।୮(ଡି.ଏନ୍.ଏ.)

ଘାଇରୁ ପାଣି ନେବାକୁ କେନ୍ଦ୍ରକରି ଦୁଇ ଗ୍ରାମବାସୀ ମୁହାଁମୁହିଁ ହେବା ପରେ ବିଭାଗୀୟ କର୍ତ୍ତୃପକ୍ଷ ପହଞ୍ଚି ସମାଧାନ କରିଛନ୍ତି। ଏଭଳି ଘଟଣା ଘଟିଛି ବୁଗୁଡା ଅଞ୍ଚଳରେ। ପ୍ରକାଶ ଯେ, କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ଥିବା ଜାଉପାଣିଆ ଘାଇ ଉପରେ ଚିଲିଖମା ଓ ଗୋଲାବନ୍ଧ ଗ୍ରାମବାସୀ ନିର୍ଭର କରନ୍ତି। ଉକ୍ତ ଘାଇରୁ ଚିଲିଖମା ଗ୍ରାମକୁ କେନାଲ ଯୋଗେ ଜଳ ଯୋଗାଣ ସୁବିଧା ରହିଛି। ମାତ୍ର ୩ବର୍ଷ ହେଲା ଦାବି କରୁଥିଲେ ମଧ୍ୟ ଗୋଲାବନ୍ଧକୁ କେନାଲ ସୁବିଧା କରାଯାଉନାହିଁ। ସେମାନେ ନିଜସ୍ୱ ଉଦ୍ୟମରେ ପାଇପ ପକାଇ ଜମିକୁ ପାଣି ନେବା ବ୍ୟବସ୍ଥା କରିଥାନ୍ତି। ତେବେ ଚିଲିଖମା ଗ୍ରାମବାସୀ ଉକ୍ତ ପାଇପକୁ ଜାମ୍ କରିଦେବା ଫଳରେ ଗୋଲାବନ୍ଧ ଓ ଚିଲିଖମା ଗ୍ରାମବାସୀ ମଧ୍ୟରେ ମଙ୍ଗଳବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କିଶୋର ଚନ୍ଦ୍ର ପାଳ, ସହକାରୀ ଯନ୍ତ୍ରୀ ସରୋଜ ଶାହା ଓ କନିଷ୍ଠ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପାତ୍ର ପ୍ରମୁଖ ପହଞ୍ଚି ଆଇକଟ୍ ମ୍ୟାପ ଅନୁସାରେ ଉଭୟ ଗ୍ରାମକୁ ଜଳଯୋଗାଣ ବ୍ୟବସ୍ଥା ରହିଛି। ଏଣୁ ଗୋଲାବନ୍ଧବାସୀଙ୍କୁ ଏକ ସପ୍ତାହ ମଧ୍ୟରେ ଜଳ ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସମସ୍ୟାର ସମାଧାନ ହୋଇଥିଲା।

## ଗଞ୍ଜେଇ ଜବତ, ୪ ଗିରଫ

ଆର.ଉଦୟଗିରି,୧୧।୮(ଡି.ଏନ.ଏ.)

ମୋହନା-ଅଡବା ମଧ୍ୟରେ ଥିବା ରାଇସିଂ ଛକରେ ମୋହନା ପୋଲିସ ଏକ ପିକ୍‌ଅପ ଭ୍ୟାନ୍ (ନଂ.ଜେଏଚ୍‌୦୫- ସିଆର୍-୧୭୭୫) କୁ ଅଟକାଇ ଯାଞ୍ଚବେଳେ ୫ବସ୍ତା ଗଞ୍ଜେଇ ମିଳିଥିଲା। ଉକ୍ତ ଭ୍ୟାନ୍‌କୁ ଏକ କାର୍ (ନଂ.ଜେଏଚ୍‌୦୫ୱାଇ- ୮୫୯୫) ଏସ୍କର୍ଟ କରି ନେଉଥିଲା। ମୋହନା ବିଡିଓଙ୍କ ଉପସ୍ଥିତିରେ ଗଞ୍ଜେଇ ବସ୍ତା ଓଜନ କରିବାରୁ ୧୦୪ କେଜି ଥିବା ଜଣାପଡିଥିଲା। ପିକ୍‌ଅପ୍ ଭ୍ୟାନ୍ ଚାଳକ ତଥା ଗଞ୍ଜେଇ ଚାଲାଣର ମୁଖ୍ୟ ଝାଡ଼ଖଣ୍ଡ ସରେଇକେଲା ଖରସୁଆଁ ଅଞ୍ଚଳର ସବିର ଅହମ୍ମଦ, ମହମ୍ମଦ ଶକିବ, ମୁବାରକ ଅନ୍‌ସାରି, ଜମିଉଦ୍ଦିନ ମୋମିନ ମିଶି ରାୟଗଡା ଜିଲା ପଦ୍ମପୁର ଥାନା କେନ୍ଦୁଗୁଡା ଅଞ୍ଚଳରୁ ଗଞ୍ଜେଇ ଧରି ଝାଡଖଣ୍ଡ ଚାଲାଣ କରୁଥିବା ଜେରାବେଳେ କହିଥିଲେ। ସମସ୍ତଙ୍କୁ ମୋହନା ପୋଲିସ ଗିରଫ କରିଛି। ଗାଡି ଦୁଇଟିକୁ ଜବତ କରି ମାମଲା (ନଂ.୧୨୪/୨୦) ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।

## ୧୩ରୁ କରୋନା ଟେଷ୍ଟ
### ବ୍ୟବସାୟୀ ସଂଘ ସହ ଆଲୋଚନା

ଛତ୍ରପୁର,୧୧।୮(ଡି.ଏନ୍.ଏ.)

ଛତ୍ରପୁର ଏନଏସିରେ ଆସନ୍ତା ୧୩ ତାରିଖରୁ ୱାର୍ଡୱାରୀ କରୋନା ଟେଷ୍ଟ ହେବ। ଉଭୟ ଦୋକାନୀ ଏବଂ ୱାର୍ଡବାସୀଙ୍କ ଟେଷ୍ଟ କରାଯିବ। ପୂର୍ବରୁ କିଛି ଦୋକାନୀଙ୍କ କରୋନା ଟେଷ୍ଟ ହୋଇଥିଲା। ଏବେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଦୋକାନୀ ଏବଂ ଦୋକାନ କର୍ମଚାରୀଙ୍କ ଟେଷ୍ଟ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏନ୍‌ଏସି ପରିସରରେ ସମସ୍ତ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା। ସମସ୍ତ ସଂଘ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସହରକୁ ସାନିଟାଇଜ୍ କରିବାକୁ ସଂଘର କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ। ୪ ଦିନ ହେଲା ଛତ୍ରପୁର ଏନ୍‌ଏସିରେ ଘରକୁ ଘର ଯାଇ ମେଗା ସ୍ୱାସ୍ଥ୍ୟ ସ୍କ୍ରିନିଂ ହେଉଛି। କେତେଜଣ ଏଥିରେ ପ୍ରଶାସନକୁ ସହଯୋଗ କରୁ ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ଟେଷ୍ଟ ପରେ ନେଗେଟିଭ ହୋଇଥିଲେ ଡାକ୍ତରଙ୍କୁ ଠାରୁ ରିପୋର୍ଟ ଆଣି ହେବ ବୋଲି କୁହାଯାଇଛି। ଦୋକାନୀମାନେ ଜିଲାପାଳ ଜାରି କରିଥିବା ପଞ୍ଚସୂତ୍ର ନିୟମକୁ ପାଳନ କରିବାକୁ କୁହାଯାଇଛି। ଏଥିରେ ଖିଲାପ କଲେ ଦୋକାନ ବନ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରିଦିଆଯାଇଛି। ବୈଠକରେ ତହସିଲଦାର ନୀଳମାଧବ ଭୋଇ, ଡାକ୍ତର ସୁନୀଲ ରଥ, ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ, ବଣିକ ସଂଘ ସଭାପତିମାନେ ଉପସ୍ଥିତ ଥିଲେ।

## କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ
### ୧୫୦ ଶଯ୍ୟା, ୫୦ ଅକ୍ସିଜେନ ବ୍ୟବସ୍ଥା

ଆସିକା,୧୧।୮(ଡି.ଏନ୍.ଏ)

ଆସିକା ବ୍ଲକର ବାବନପୁରସ୍ଥିତ ଆଞ୍ଚଳିକ କୁଷ୍ଠ ତାଲିମ ଓ ଗବେଷଣା ପ୍ରତିଷ୍ଠାନ (ଆରଏଲଟିଆରଆଇ) ପରିସରରେ ନିର୍ମିତ ଏକ କୋଠାରେ ମଙ୍ଗଳବାର କୋଭିଡ୍ କେୟାର ସେଣ୍ଟର ଉଦଘାଟିତ ହୋଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୧୫୦ ଶଯ୍ୟା ବିଶିଷ୍ଟ ଏହି ସେଣ୍ଟରର ଭଞ୍ଜନଗର, ସୋରଡା, ଧରାକୋଟ ଓ ଆସିକା ବ୍ଲକ ଅଞ୍ଚଳର କରୋନା ସଂକ୍ରମିତଙ୍କ ନିମନ୍ତେ ସହାୟକ ହୋଇପାରିବ ବୋଲି ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହାରେ ୫୦ଟି ଶଯ୍ୟା ନିମନ୍ତେ ଅକ୍ସିଜେନ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଭେଣ୍ଟିଲେଟର ବ୍ୟବସ୍ଥା ସହ ଏହାକୁ ଏକ ଜିଲାସ୍ତରୀୟ କୋଭିଡ୍ ହସ୍ପିଟାଲରେ ପରିଣତ କରିବା ପାଇଁ ପ୍ରଶାସନ ଚିନ୍ତା କରୁଥିବା ଜିଲାପାଳ ପ୍ରକାଶ କରିଥିଲେ। ଜିଲାରେ ସଂକ୍ରମିତଙ୍କ ଚିକିତ୍ସା ଲାଗି ୩ ହଜାର ଶଯ୍ୟାର ବ୍ୟବସ୍ଥା ହୋଇଛି। ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ଅଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଂକ୍ରମିତଙ୍କ ଟେଷ୍ଟ ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି। ତେଣୁ ଲକ୍ଷଣ ଥିବା ଲୋକେ କୌଣସି ଭୟ ନ କରି କରୋନା ଟେଷ୍ଟ କରାଇବାକୁ ଜିଲାପାଳ ନିବେଦନ କରିଥିଲେ। ଆସିକା କୋଭିଡ କେୟାର ସେଣ୍ଟର ପ୍ରଶାସନିକ ଅଧିକାରୀ ଭାବେ ବିଡିଓ ରୋଶନ ଶତପଥୀ, ନୋଡାଲ ଅଫିସର ଭାବେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟାଧିକାରୀ ସତୀଶ କୁମାର ପାତ୍ର ଅଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଡି ସିଦ୍ଧାର୍ଥଶଙ୍କର ସ୍ୱାଇଁ, ସ୍ୱତନ୍ତ୍ର ଏଡିଏମ୍ ବିଶାଳ ସିଂ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଓ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ରୀୟ ଦାସଙ୍କ ସମେତ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ନଚିକେତା ସ୍ୱାଇଁ, ଅନିଲ କୁମାର ନାୟକ, ଶିବ ନାହାକ ଏବଂ ବହୁ ସରପଞ୍ଚ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟିକା, ଜିଲାପାଳ ଓ ଅନ୍ୟମାନେ।

## ଗଜପତିରେ ସୁସ୍ଥ ହେଲେଣି ୧୭୯୨ ଆକ୍ରାନ୍ତ

ପାରଳାଖେମୁଣ୍ଡି, ୧୧।୮(ସ୍ୱ.ପ୍ର.)

ଗଜପତି ଜିଲାରେ ଜିଲାରେ ପୁଣି ୨୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳର ୧୨ଜଣ, ଗୋଷାଣୀ ବ୍ଲକର ଜଣେ, ମୋହନା ବ୍ଲକର ୨ ଜଣ, ଆର୍. ଉଦୟଗିରି ବ୍ଲକର ୫ ଜଣ ଅଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ୧୭ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୨ଜଣ ଏବଂ ଜିଲା ବାହାରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୨୦୩୯ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୧୭୯୨ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କୋଭିଡ୍ ହସ୍ପିଟାଲ ଓ କେୟାର ସେଣ୍ଟରରେ ୧୨୭ ଜଣ ଥିବା ବେଳେ ୧୦୩ ଜଣ ଘରେ ସଂଘରୋଧରେ ଅଛନ୍ତି। ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଜିଲାକୁ ୧୫୬୬୪ ପ୍ରବାସୀ ଫେରିଛନ୍ତି। ବର୍ତ୍ତମାନ ୩୦ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁ ରହିଛି। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୫୧୨୫ ଜଣ ଫେରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୨୯୫ ଜଣଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ମୋଟ ୧୨୩୭୬ ଜଣଙ୍କର ସ୍ୱାବ୍‌ସଂଗ୍ରହ ହୋଇଛି। ୧୨୧୦୦ ଜଣଙ୍କର ରିପୋର୍ଟ ଆସିଥିବା ସୂଚନା ଦିଆଯାଇଛି।

## ରାମଗିରିରେ ସ୍ୱାସ୍ଥ୍ୟଯାଞ୍ଚ

ପାରଳାଖେମୁଣ୍ଡି/ରାମଗିରି, (ସ୍ୱ.ପ୍ର.)

ଆର୍. ଉଦୟଗିରି ବ୍ଲକ ରାମଗିରି ଗ୍ରାମରେ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହୋଇଛି। ମୋଟ ୯୪ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରାମଗିରିର ସ୍ୱାସ୍ଥ୍ୟ ଟିମ୍ ଏବଂ ଆର୍. ଉଦୟଗିରିର ସ୍ୱାସ୍ଥ୍ୟ ଟିମ୍ ମିଳିତ ଭାବେ ଏହି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି। ସ୍ୱାସ୍ଥ୍ୟପରୀକ୍ଷା ଆଣ୍ଟିଜେଣ୍ଟ୍ ଟେଷ୍ଟ ମାଧ୍ୟମରେ କରାଯାଇଛି। ସରପଞ୍ଚ ଆଦିକନ୍ଦ କାର୍ଜୀ, ସମିତି ସଭ୍ୟ ଗୋପବନ୍ଧୁ ପଟ୍ଟନାୟକ ଓ ବ୍ୟବସାୟୀ ସଂଘର ସହଯୋଗରେ କାର୍ଯ୍ୟକ୍ରମ ହୋଇଛି।

## ବର୍ଷା ହେଲେ ଡରୁଛନ୍ତି ପାହାଡ଼ତଳି ଅଞ୍ଚଳବାସୀ
### ପଥର ଧସିବା ଘଟଣାର ଅନୁଧ୍ୟାନ କଲା ପ୍ରଶାସନ

ଗୁମ୍ମା,୧୧।୮

ଆଦିବାସୀ ଅଧ୍ୟୁସିତ ଗଜପତି ଜିଲା ଗୁମ୍ମା ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମବାସୀ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଛନ୍ତି। ଅଧିକ ବର୍ଷା ହେଲେ ପାହାଡ଼ରୁ ମାଟି ଅତଡ଼ା ଏବଂ ପଥର ଧସୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଥାନ୍ତି। ଗତ ରବିବାର ସନ୍ଧ୍ୟାରେ ହୋଇଥିବା ବର୍ଷାରେ ବ୍ଲକ୍ ଅଧୀନ ଉପର କାମ୍ୟୋସିଂ ଗ୍ରାମରେ ପାହାଡ଼ରୁ ଏକ ବଡ଼ ପଥର ଖସି ରାସ୍ତାରେ ପଡ଼ିଥିଲା। ସୌଭାଗ୍ୟବଶତଃ ଗ୍ରାମରେ ବସବାସ କରୁଥିବା ୧୮ ପରିବାର ବିପଦରୁ ବର୍ତ୍ତିଯାଇଥିଲେ। ଗୁମ୍ମା ବିଡିଓ ନଟବର ଗରଡ଼ା, ତହସିଲଦାର, ବ୍ଲକ୍‌ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ, ଟିଆର୍‌ଓ ରାକେଶ କୁମାର ପାରୁଆ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବର୍ଷା ଆରମ୍ଭରୁ ଏଭଳି ସମସ୍ୟାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ଲଗାଣ ବର୍ଷା ଯୋଗୁ କୁଲଙ୍ଗ ଗ୍ରାମରେ ପାହାଡ଼ରୁ ମାଟି ଅତଡ଼ା ଧସି ଅନେକ ଲୋକ ବାସହରା ହୋଇଥିଲେ। ବହୁ ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିଲା। ପରବର୍ତ୍ତି ସମୟରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଥଇଥାନ କରାଯାଇଥିଲା। କିନ୍ତୁ ଏବେବି ବ୍ଲକ୍ ଅନ୍ତର୍ଗତ ପାହାଡ଼ ତଳି ଲୁଇବ, ସିଙ୍ଗିସିଂ, କିତୁମ୍ବା, ଉପର ଆବାସିଂ ଗ୍ରାମବାସୀ ଭୟଭୀତ ରହୁଛନ୍ତି।ଏଥିପ୍ରତି ଦୃଷ୍ଟିଟି ଦେବାକୁ ଦାବି ହୋଇଛି।


ପାହାଡ଼ ତଳି କାମ୍ୟୋସିଂ ଗ୍ରାମ।

## ବ୍ରହ୍ମପୁର ପୋଲିସ ଜିଲାରେ ୧୧୬ ଆକ୍ରାନ୍ତ
### ଆଖି ବୁଜିଲେଣି ୩ ଜଣ

ବ୍ରହ୍ମପୁର ଅଫିସ,୧୧।୮

ଗଞ୍ଜାମ ଜିଲାରେ କରୋନା ଭୟାଭୟ ସ୍ଥିତିରେ ପହଞ୍ଚିଛି। ଅଗଷ୍ଟରେ ମଧ୍ୟ ଏଭଳିସ୍ଥିତି ଜାରିରହିଛି। ଏହିଧାରାରେ ବ୍ରହ୍ମପୁର ପୋଲିସ ଜିଲାରେ କରୋନା ଯୋଦ୍ଧା ଭାବେ ପରିଚିତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସଂକ୍ରମିତ ହୋଇଛନ୍ତି। ବ୍ରହ୍ମପୁର ପୋଲିସ ଜିଲାରେ ଜୁନ ୨୬ରେ ସଦର ଥାନାର ତତ୍କାଳୀନ ଏସ୍‌ଆଇ ବିଭୂତି ଭୂଷଣ ସେଠୀ ପ୍ରଥମେ ଆକ୍ରାନ୍ତ ହୋଇଥିଲେ। ଏଯାବତ୍ ଜିଲାର ୧୧୬ପୋଲିସ କର୍ମଚାରୀ ଓ ଅଧିକାରୀ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି।

ଦିଗପହଣ୍ଡି ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ଏସ୍‌ଆଇ ନରସିଂହ ଦାସ, ଟ୍ରାଫିକ ଥାନାରେ କାର୍ଯ୍ୟରତ ଏଏସ୍‌ଆଇ କୃଷ୍ଣଚନ୍ଦ୍ର ମଣ୍ଡଳ ଓ ସୋମବାର ରାତିରେ ବଡବଜାର ଥାନାରେ କାର୍ଯ୍ୟରତ କନଷ୍ଟେବଲ ଜିତେନ୍ଦ୍ର ପ୍ରଧାନଙ୍କର ମୃତ୍ୟୁ ଘଟିଥିବା ପୋଲିସ ପାଇଁ ନୋଡାଲ ଅଫିସର ତଥା ଟ୍ରାଫିକ ଡିଏସ୍‌ପି ସାର୍ଥକ ରାୟ ସୂଚନା ଦେଇଛନ୍ତି। କନଷ୍ଟେବଲ ଜିତେନ୍ଦ୍ରଙ୍କୁ ମଙ୍ଗଳବାର ଏମ୍‌କେସିଜି ମେଡିକାଲ ମୃତଦେହ ସଂରକ୍ଷଣ ଗୃହ ନିକଟରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଇଥିଲା। ସେଠାରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଏଏସ୍‌ପି ପ୍ରଭାତ ରାଉତରାୟ, ଏଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ଟ୍ରାଫିକ ଡିଏସ୍‌ପି ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ମୃତ ପୋଲିସ ଯୋଦ୍ଧାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଉଛି।

# ମାଛଚାଷ ସମ୍ପର୍କରେ...



**ବ**ର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁଁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ ।

**ଯାଆଁଳଛାଡ଼ିବାରପରିମାଣଓଅନୁପାତ:** ସଘନ ମାଛ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଯଥାଶୀଘ୍ର ଛାଡନ୍ତୁ । କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ । ଛଅ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୪୦%, ରୋହି ୩୦%, ମିରିକାଳି ୨୦%, ସିଲ୍‌ଭର କାର୍ପ ୧୦%, ଗ୍ରାସ୍‌କାର୍ପ ୧୦% ଓ ବିଲାତି ରୋହି ୧୦% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

# ଛେଳି ଓ କୁକୁଡ଼ା ପାଳନ



**ବ**ର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ ଓ ପି.ପି.ଆର୍. ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ଦେବାର ବ୍ୟବସ୍ଥା କରନ୍ତୁ।

-ବର୍ଷାଦିନେ ଫିମ୍ପି ମାରିଥିବା ଦାନା କୁକୁଡ଼ାଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ । ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇବା ପରେ କୁକୁଡ଼ା ଘରକୁ ପ୍ରବେଶ କରନ୍ତୁ । କୁକୁଡ଼ା ଘର ଭିତରକୁ ବର୍ଷା ପାଣି ନ ଛାଡ଼ିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତ ଗୁଣ୍ଡ ପକାନ୍ତୁ।

# ଫଳକୁ କରୋନାମୁକ୍ତ କରିବେ କିପରି



ପ୍ରଫେସର ସୁବୋଧ କୁମାର ସାହୁ



**ସୁ**ଷମ ଖାଦ୍ୟ ପାଇଁ ଆବଶ୍ୟକ ସମସ୍ତ ଧାତବ ଲବଣ ସହ ବିଭିନ୍ନ ଭିଟାମିନ୍ ଫଳରେ ଭରପୂର ଥାଏ । ଫଳ ମଧ୍ୟ କୋଷ୍ଠକାଠିନ୍ୟ ଦୂରକରେ । ରାସାୟନିକ ଆଣ୍ଟିଅକ୍ସିଡାଣ୍ଟଠାରୁ ଫଳରେ ଥିବା ଜୈବିକ ଆଣ୍ଟିଅକ୍ସିଡାଣ୍ଟ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର । ଫଳ ଏକ ସୁସ୍ୱାଦୁ ଖାଦ୍ୟ । ଦୈନନ୍ଦିନ ଖାଦ୍ୟରେ ଫଳକୁ ଅନ୍ତର୍ଭୁକ୍ତ କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥାଆନ୍ତି । ବଜାରରେ ବିକ୍ରି ହେଉଥିବା ବିଭିନ୍ନ ଫଳ ମଧ୍ୟରେ ଆମ୍ବ, କଦଳୀ, ସେଓ, କମଳା, ପିଜୁଳି, ଲିଚୁ, ଅମୃତଭଣ୍ଡା, ଅଙ୍ଗୁର, ଆତ, ବେଦନା ଆଦି ମୁଖ୍ୟ । ଫଳଚାଷୀ ବଗିଚାରୁ ପାଚିଲା ଫଳ ତୋଳି ବଜାରରେ ନିଜେ ବିକ୍ରି କରନ୍ତି କିମ୍ବା ଫଳ ବ୍ୟବସାୟୀ, ଚାଷୀମାନଙ୍କଠାରୁ ଫଳ କିଣି ବଜାରରେ ବିକ୍ରି କରନ୍ତି । ଖାଉଟିମାନଙ୍କ ପାଖକୁ ଫଳ ବିଭିନ୍ନ ମାଧ୍ୟମ ଦେଇ ଆସିଥାଏ । ବୃହତ୍ ଫଳ ବ୍ୟବସାୟୀ, ଚାଷୀମାନଙ୍କ ବଗିଚାରୁ ଅର୍ଦ୍ଧପାଚିଲା ଫଳ କିଣି ଗୋଦାମ ଘରେ ବିଭିନ୍ନ ଉପାୟରେ ପଚାନ୍ତି । ପାଚିଲା ଏବଂ ଅର୍ଦ୍ଧପାଚିଲା ଫଳକୁ କାର୍ଟୁନ୍‌ରେ ନଡା ବା କାଗଜରେ ଘୋଡାଇ ଛୋଟ ବ୍ୟବସାୟୀଙ୍କୁ ବିକ୍ରି ପାଇଁ ଦିଅନ୍ତି । କରୋନା ମହାମାରୀ ସମୟରେ ବିଭିନ୍ନ ମାଧ୍ୟମ ଦେଇ ଆସୁଥିବା ଫଳ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ଥାଏ । ତେଣୁ ଫଳକୁ କରୋନା ଭୂତାଣୁ ମୁକ୍ତ କରିବା ପାଇଁ ଚାଷୀ, ବ୍ୟବସାୟୀ ଏବଂ ଖାଉଟି ଯଥେଷ୍ଟ ସତର୍କ ହେବା ଜରୁରୀ ।

ବଗିଚାରୁ ଫଳ ତୋଳିବା ସମୟରେ ଚାଷୀ ଏବଂ ତାଙ୍କ ପରିବାରର ସଦସ୍ୟମାନେ ଏକତ୍ର ପାଖାପାଖି ନ ରହି ନିଜ ନିଜ ମଧ୍ୟରେ ୨ ମିଟର ସାମାଜିକ ଦୂରତା ରଖିବା ଆବଶ୍ୟକ। ମୁହଁରେ ମାସ୍କ ଏବଂ ହାତରେ ଗ୍ଲୋଭସ୍ ଲଗାଇ ଫଳ ସଂଗ୍ରହ କରନ୍ତୁ। ଗୋଦାମକୁ ଫଳ ନେବା ପାତ୍ର ବା ବସ୍ତାକୁ ସାନିଟାଇଜ କରନ୍ତୁ । ଗୋଦାମ ଘରକୁ ସୋଡିୟମ ହାଇପୋକ୍ଲୋରାଇଡ କିମ୍ବା କ୍ୟାଲସିୟମ ହାଇପୋକ୍ଲୋରାଇଡର ଶତକଡା ୦.୫ ଭାଗ ଦ୍ରବଣରେ ଶୋଧନ କରିବା ଜରୁରୀ। ଫଳକୁ ଯଦି ନଡାରେ ଘୋଡାଉଥାଆନ୍ତି, ତେବେ ନଡାକୁ ଶତକଡା ୦.୪ ଭାଗ ସାନିଟାଇଜର ଦ୍ରବଣରେ ବିଶୋଧନ କରନ୍ତୁ। ଶୀଘ୍ର ଫଳ ପାଚିବା ପାଇଁ ଫଳରେ ରାସାୟନିକ ଦ୍ରବ୍ୟ ଯଥା ସିନ୍ଥେଟିକେ ଇଥରାଲ୍ ବା କାର୍ବାଇଡ ପ୍ରୟୋଗ



କରନ୍ତୁନାହିଁ । ଫଳ ପାଚିବା ପାଇଁ ପ୍ରାୟ ୪୦ ରୁ ୪୫ ଡିଗ୍ରୀ ସେଲସିୟସର ଉତ୍ତାପ ଆବଶ୍ୟକ କରେ । ତେଣୁ ଗୋଦାମ ଘରେ ଏହି ଉତ୍ତାପ ଆଣିବା ପାଇଁ ଘରର ଝରକା ଓ କବାଟ ଆଦିକୁ ନିବୁଜ ରଖିବା ଦରକାର। ଏହା ଦ୍ୱାରା ଫଳରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ବାଷ୍ପ ଗୋଦାମ ଘରେ ସବୁଜ ଗୃହ ସୃଷ୍ଟି କରି ଫଳକୁ ପାଚିବାକୁ ଦେବ ।

କିଛି ପାଚିଲା କଦଳୀକୁ ଗୋଦାମ ଘରେ ସଂଗୃହୀତ ଅର୍ଦ୍ଧପାଚିଲା ଫଳ ମଝିରେ ରଖିଲେ, ଉକ୍ତ କଦଳୀରୁ ଜୈବ ଇଥରାଲ୍ ନିର୍ଗତ ହୋଇ ଫଳକୁ ଶୀଘ୍ର ପାଚିବାକୁ ଦେବ । ପାଚିଲା ଫଳକୁ ସାନିଟାଇଜଡ୍ କାର୍ଟୁନ୍‌ରେ ଥୋଇ ଛୋଟ ଫଳ ବ୍ୟବସାୟୀଙ୍କ ପାଖକୁ ବିକ୍ରି ପାଇଁ ପଠାନ୍ତୁ । ଗୋଦାମ ଗୃହରେ ବିଭିନ୍ନ ଉପଚାର କଲାବେଳେ ମୁହଁରେ ମାସ୍କ ବା ରୁମାଲ ବାନ୍ଧନ୍ତୁ ଓ ହାତରେ ଗ୍ଲୋଭସ୍ ଲଗାଇବା ଆବଶ୍ୟକ । ଗୋଦାମ ଘରେ ପରିବାରର ସଦସ୍ୟମାନେ ଫଳ ଗ୍ରେଡିଙ୍ଗ୍ ସମୟରେ ସାମାଜିକ ଦୂରତା ରଖିବା ବାଞ୍ଛନୀୟ ।

ବଜାରରେ ଛୋଟ ଫଳ ବ୍ୟବସାୟୀ ଓ ଗ୍ରାହକ ମାନେ କୋରନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ସର୍ତକ ରହିବା ଜରୁରୀ । ବ୍ୟବସାୟୀମାନେ ପାଖାପାଖି ଦୋକାନ ନ କରି ପରସ୍ପର ମଧ୍ୟରେ ଯଥେଷ୍ଟ ଦୂରତା ରଖନ୍ତୁ । ତରାଜୁ ଓ ବଟକରାକୁ ସାନିଟାଇଜ କରନ୍ତୁ । ଦୋକାନରେ ଫଳ ବିକ୍ରି ସମୟରେ ମୁହଁରେ ମାସ୍କ ଏବଂ ହାତରେ ଗ୍ଲୋଭସ୍ ଲଗାନ୍ତୁ । ସେଓ ଏବଂ ଲିଚୁକୁ ସତେଜ ରଖିବା ପାଇଁ ବ୍ୟବସାୟୀମାନେ ଫଳରେ ବାରମ୍ବାର ପାଣି ପକାନ୍ତି । ଏଥିଲାଗି ଅପରିଷ୍କାର ପାଣି ବ୍ୟବହାର କରନ୍ତୁନାହିଁ । ବିଶୁଦ୍ଧ ପାଣିରେ ହାଲୋଜେନ୍ ବଟିକା ପକାଇଥିବା ପାଣିକୁ ବ୍ୟବହାର କରନ୍ତୁ । ଅଙ୍ଗୁରରେ ମାଛି ନ ବସିବା ପାଇଁ ଏହାକୁ ଜାଲି ଲଗା ଡାଙ୍କୁଣି କିମ୍ବା ମଶାରି କନାରେ ଘୋଡାଇ ରଖନ୍ତୁ । କାରଣ ମାଛି ଭୂତାଣୁର ବାହକ ହେବାସହ ଫଳରେ ବସିବା ମାତ୍ରେ ବାନ୍ତି ଏବଂ ମଳତ୍ୟାଗ କରନ୍ତି । ଅମୃତଭଣ୍ଡା ଏବଂ ପିଜୁଳିକୁ କାଗଜରେ ଘୋଡାଇ ରଖିବା ଭଲ। କାରଣ ଉକ୍ତ ଫଳର ଚୋପାରେ ଥିବା ଅଠାଳିଆ ପଦାର୍ଥରେ ବାହାରର ଧୂଳି ସହଜରେ ଧରି ରହେ । ସେଓ ଏବଂ କମଳାକୁ ସିନ୍ଥେଟିକ ମଶାରି ଜାଲିରେ ଘୋଡାଇ ରଖିଲେ ଫଳ ପ୍ରଦୂଷଣ ମୁକ୍ତ ହୁଏ । କାର୍ଟୁନରୁ ଫଳକୁ ବାହାର କରି ଟିସୁ କାଗଜ ଅବା ସଫା କପଡାରେ ପୋଛିବା ଜରୁରୀ ।

ଫଳ କିଣୁଥିବା ଗ୍ରାହକ ବନ୍ଧୁମାନେ ନିଜ ନିଜ ଠାରୁ ଦୁଇ ମିଟର ଦୂରତା ରଖି ଫଳ କିଣନ୍ତୁ । ଗ୍ରାହକ ଫଳ ବାଛୁଥିବାରୁ ବ୍ୟବସାୟୀ, ହାତ ଧୋଇବା ପାଇଁ ବାଲଟିରେ ପାଣି ଓ ସାବୁନ ରଖିବା ଆବଶ୍ୟକ । ଏହି ସମୟରେ ମୁହଁରେ ମାସ୍କ ଏବଂ ହାତରେ ଗ୍ଲୋଭସ୍ ଲଗାଇବା ଜରୁରୀ । କ୍ୟାରିବ୍ୟାଗ କିମ୍ବା ପଲିଥିଲିନ ବ୍ୟାଗରେ ଘରକୁ ଫଳ ଆଣୁଥିଲେ, ଖାଲି ବ୍ୟାଗକୁ ସାନିଟାଇଜ କରି ଡଷ୍ଟବିନ୍‌ରେ ପକାଇ ଦେବା ଭଲ । ପ୍ରଥମେ ବିଶୁଦ୍ଧ ପାଣିରେ ଫଳକୁ ଧୋଇ ଖାଇବା ପୂର୍ବରୁ ଫଳକୁ ନିମ୍ନଲିଖିତ ତିନିଗୋଟି ଉପଚାର ମଧ୍ୟରୁ କୌଣସି ଗୋଟିଏ ଉପଚାରକୁ ଅବଲମ୍ବନ କଲେ ଫଳ କରୋନା ତଥା ପ୍ରଦୂଷଣ ମୁକ୍ତ ହୁଏ ।

-ଶତକଡା ୧୦ ଭାଗ ଲୁଣ ପାଣି ଅର୍ଥାତ ଏକ ଲିଟର ପାଣିରେ ୧୦୦ ଗ୍ରାମ ଲୁଣ ପକାଇ ଫଳକୁ ଧୁଆଯାଇ ପାରେ ।

-ଏକ ଲିଟର ପାଣିରେ ୫ ଗ୍ରାମ ସୋଡିୟମ ବାଇକାର୍ବୋନେଟ ଅର୍ଥାତ ଖାଇବା ସୋଡା ଦ୍ରବଣରେ ଫଳକୁ ବିଶୋଧନ କରାଯାଇ ପାରେ ।

-ଏକ ଲିଟର ପାଣିରେ ୧୦୦ ମିଲି ଭିନେଗାର ଦ୍ରବଣରେ ଫଳ ଧୋଇଲେ ଫଳ ବିଶୁଦ୍ଧ ହୁଏ । ସେଓ ଏବଂ ନାସପାତି ଫଳରୁ ଚୋପା ଛଡାଇ ଖାଇବା ଆବଶ୍ୟକ ।

ଉପରୋକ୍ତ ନିୟମମାନ ଅବଲମ୍ବନ କଲେ ଫଳଜନିତ ବ୍ୟାପୁଥିବା କରୋନାଠାରୁ ନିଜକୁ ଦୂରେଇ ରଖିପାରିବା ।

*-ଶୈଳଶ୍ରୀବିହାର, ଭୁବନେଶ୍ୱର,*
*ମୋ:୯୫୫୬୨୬୬୦୮୫*

# ମଲ୍ଲୀ ଗଛର ଗୁଟି କଲମୀ



**ମ**ଲ୍ଲୀ ଫୁଲର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫-୨୦ ସେମି ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡିକୁ ପୋତି ଦେଲେ ଦୁଇ-ତିନି ମାସ ମଧ୍ୟରେ ଚେର ହୋଇଯାଏ। ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ ପି.ପି.ଏମ. ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ-ବି ରୁଟେକସ ହରମୋନ୍ ପାଉଡର ସଂଗ୍ରହ କରି ଏହାର ଏକ ପ୍ରଲେପ କଟା ଡାଳ ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀ ଗଛ ଥରେ ଲଗାଇଲେ ତାହା ଜମିରେ ୧୦-୧୫ବର୍ଷ ପର୍ଯ୍ୟନ୍ତ ରଖାଯାଇପାରିବ। ମଲ୍ଲୀ ଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକ ୬୦ସେମି ଲମ୍ବ, ୬୦ସେମି ଓସାର ଏବଂ ୬୦ସେମି ଗଭୀର ବିଶିଷ୍ଟ ହେବା ଆବଶ୍ୟକ। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫ କିଗ୍ରାରୁ ୧୦ କିଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ।

# ବର୍ଷାଦିନେ ଗୋପାଳନ



**ବ**ର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗାଈ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା କଟା ଘାସ ଖାଇବାକୁ ଦିଅନ୍ତୁ। ଅପରପକ୍ଷରେ ଓଦା ହେଲେ ଜ୍ୱର ଓ ନିମୋନିଆ ହେବାର ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନ ଛାଡ଼ିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ।

- ହାଇବ୍ରିଡ୍ ନାପିଅର୍, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ।

## ମାଣ୍ଡିଆରେ ପିଲସାର

**ମା**ଣ୍ଡିଆ ରୁଆ ହେବା ୨-୩ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ ।

►ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

►ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

# ଏ ମାସର କୃଷି ସୂଚନା

(୨ୟ ଭାଗ)

**ଅଳସୀ:** ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ ।

- ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ ।
- ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।
- ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ ।

**ଆଖୁ :** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ଲାଗି ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ୱିନାଲ୍‌ଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ ।

- ଏ ସମୟରେ ଦହିଆ ପୋକ ଲାଗିବାର ଆଶଙ୍କା ଅଛି । ଏହାର ନିୟନ୍ତ୍ରଣ ପାଇଁ



ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍ସାମ୍ ବଦଳରେ ଆସିଟାମ୍ରିପିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ।

- ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଓପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ଓ ମାନ୍‌କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ।

**କପା :** କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ ।

- ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।
- ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର,*
*ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,*
*ଓୟୁଏଟି, ଭୁବନେଶ୍ୱର*

## ଡାଲିଜାତୀୟ ଫସଲ

**ମୁ**ଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ସକାଶେ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ଲାଗି ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହେବାର ଆଶଙ୍କା ରହିଛି । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



## ଚିନାବାଦାମ



**ଜ**ମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୨ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରି କି ମାଟି ଭଲ ଭାବରେ ଭିଜିପାରିବ ।



ଝାଡ଼ଖଣ୍ଡର ଲୋହାରଦାଗା ଜିଲାରେ ଏକ ଶିଶୁକୁ ଜୀବନ୍ତ ଅବସ୍ଥାରେ ମାଟିତଳୁ ଉଦ୍ଧାର କରାଯାଇଛି। କୁଡୁ ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏକ ନବଜାତକକୁ ମାଟି ତଳେ କେହି ପୋତି ଦେଇଥିବା ଦେଖି ଜଣେ ବ୍ୟକ୍ତି ଗ୍ରାମବାସୀଙ୍କୁ ଡାକି ମାଟିତଳୁ ଶିଶୁଟିକୁ ଉଦ୍ଧାର କରିଥିଲେ। ଶିଶୁଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଥିଲା। ଏହା ପରେ ଗ୍ରାମବାସୀ ପୋଲିସ ଏବଂ ଶିଶୁ କଲ୍ୟାଣ ବିଭାଗକୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାର ଖୋଳତାଡ଼ ମଧ୍ୟ ଆରମ୍ଭ କରିଛି। ଶିଶୁ କଲ୍ୟାଣ ବିଭାଗ ଶିଶୁଟିକୁ ଡାକ୍ତରଖାନା ପଠାଇଛି।



# ରାମଙ୍କ ସେବାରେ ତିନି ଦଶନ୍ଧି

## ଅଯୋଧ୍ୟା ରାମମନ୍ଦିର ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସ

**ମହାପ୍ରଭୁ ରାମଙ୍କ ଭବ୍ୟ ମନ୍ଦିର ପାଇଁ ଅଯୋଧ୍ୟାରେ ସରିଛି ଭୂମିପୂଜନ। ମନ୍ଦିର ନିର୍ମାଣ ଆରମ୍ଭ ହେବା ସହ ସନାତନ ଧର୍ମରେ ଶ୍ରୀରାମଙ୍କୁ ନେଇ ରହିଥିବା ବିଶ୍ୱାସ ଆହୁରି ଦୃଢ଼ୀଭୂତ ହୋଇଛି। ଏସବୁ ଭିତରେ ଚର୍ଚ୍ଚାର ପରିଧିକୁ ଆସିଛନ୍ତି ଅଯୋଧ୍ୟାରେ ଶ୍ରୀଜୀଉଙ୍କ ସେବା କରି ଆସୁଥିବା ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସ।**

ନୂଆଦିଲ୍ଲୀ: ଅଯୋଧ୍ୟାସ୍ଥିତ ବାବ୍ରି ମସ୍‌ଜିଦ୍‌ରେ ୧୯୪୯ରେ ଶ୍ରୀରାମଙ୍କ ପ୍ରତିମା ସ୍ଥାପନ ହେବାସହିତ ବିବାଦୀୟ ହୋଇପଡ଼ିଥିଲା ରାମ ଜନ୍ମଭୂମି କ୍ଷେତ୍ର। ତଥାପି ୧୯୯୨ ଯାଏ କୌଣସି ବଡ଼ଧରଣର ହିଂସାକାଣ୍ଡ ଘଟି ନ ଥିଲା। କୋର୍ଟ ଏବଂ ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ଠାକୁରଙ୍କ ପୂଜାର୍ଚ୍ଚନା ପାଇଁ ନିଯୁକ୍ତ ହୋଇଥିଲେ ପୂଜକ। ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବାର ପାଖାପାଖି ୯ମାସ ପୂର୍ବରୁ ପ୍ରଭୁ ଶ୍ରୀରାମଙ୍କ ପୂଜା କରି ଆସୁଛନ୍ତି ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ।

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ସୁପ୍ରିମ୍‌କୋର୍ଟ ରାୟ ଆସିବା ପରଠାରୁ ଚର୍ଚ୍ଚାରେ ଅଛନ୍ତି ସତ୍ୟେନ୍ଦ୍ର। ୧୯୯୨ ଡିସେମ୍ବର ୬ରେ ବାବ୍ରି ମସ୍‌ଜିଦ୍ ଭଙ୍ଗାଗଲା। ଏହାର ୯ମାସ ପୂର୍ବରୁ ଅର୍ଥାତ୍ ୧୯୯୨ ମାର୍ଚ୍ଚ ୫ରୁ ସତ୍ୟେନ୍ଦ୍ରଙ୍କୁ ମିଳିଥିଲା ଠାକୁରଙ୍କ ସେବା ଦାୟିତ୍ୱ। ଏହାପରେ ସେ ନିୟମିତ ଭାବେ କଡ଼ା ସୁରକ୍ଷା ମଧ୍ୟରେ ପୂଜାର୍ଚ୍ଚନା କରି ଆସୁଛନ୍ତି। ବାବ୍ରି ମସ୍‌ଜିଦ୍ ଭଙ୍ଗ ସମୟରେ ମଧ୍ୟ ସେ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ।

> “ ରାମଲାଲାଙ୍କ ସେବାରେ ଦୀର୍ଘଦିନ ବିତାଇବା ପରେ ସବୁକିଛି ମିଳିସାରିଛି। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦୀର୍ଘଦିନ ପୂଜାର ପୁଞ୍ଜି। ଟ୍ରଷ୍ଟ ପକ୍ଷରୁ ଅନୁମତି ଦିଆଗଲେ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ସମ୍ଭାଳିବି। ଏହା ନ ହେଲେ ବି ରାମଲାଲାଙ୍କ ଆରାଧନାରେ ସମୟ ବିତାଇବି।
>
> 
>
> **-ସତ୍ୟେନ୍ଦ୍ର ଦାସ, ରାମମନ୍ଦିର ମୁଖ୍ୟ ପୂଜକ**

### ୧୯୫୮ରେ ଛାଡ଼ିଥିଲେ ଘର

ବାଲ୍ୟାବସ୍ଥାରୁ ହିଁ ପ୍ରଭୁ ଶ୍ରୀରାମଙ୍କ ପ୍ରତି ସତ୍ୟେନ୍ଦ୍ରଙ୍କ ଥିଲା ଅହେତୁକ ଆକର୍ଷଣ। ସେ ଛୋଟ ସମୟରେ ଅଯୋଧ୍ୟା ଆସୁଥିଲେ। ସେତେବେଳେ ସାଧୁ ଅଭିରାମ ଦାସଜୀଙ୍କ ସହ ତାଙ୍କର ସାକ୍ଷାତ ହେଉଥିଲା। ତାଙ୍କ ବାଣୀରେ ପ୍ରଭାବିତ ହୋଇ ସତ୍ୟେନ୍ଦ୍ର ସନ୍ନ୍ୟାସୀ ଜୀବନ ଅତିବାହିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିସହ ପଢ଼ିବାକୁ ମଧ୍ୟ ଚାହୁଁଥିଲେ। ପରିବାରର ସହମତି ମିଳିବା ପରେ ସେ ୧୯୫୮ରେ ଘରଛାଡ଼ି ଅଯୋଧ୍ୟା ଚାଲିଆସିଲେ। ୧୯୭୫ରେ ଆଚାର୍ଯ୍ୟ ଡିଗ୍ରୀ ହାସଲ କରିବା ପରେ ୧୯୭୬ରେ ସଂସ୍କୃତ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ।

### ବିବାଦୀୟ ସମୟରେ ମିଳିଥିଲା ଦାୟିତ୍ୱ

ବୃତ୍ତିରେ ଅଧ୍ୟାପକ। ହେଲେ ଶ୍ରୀରାମଙ୍କ ସେବାରେ ଜୀବନ ଉତ୍ସର୍ଗ। ଏକ ବିବାଦୀୟ ପରିସ୍ଥିତି ମଧ୍ୟରେ ସତ୍ୟେନ୍ଦ୍ରଙ୍କୁ ମିଳିଥିଲା ମୁଖ୍ୟ ପୂଜକ ଦାୟିତ୍ୱ। ୧୯୯୨ରେ ମହନ୍ତ ଲାଲ ଦାସ ଥିଲେ ଠାକୁରଙ୍କ ମୁଖ୍ୟପୂଜକ। ହେଲେ ଏକ ବିବାଦୀୟ ପରିସ୍ଥିତି ପରେ ତାଙ୍କୁ ଦାୟିତ୍ୱରୁ ହଟାଯାଇଥିଲା। ଏହାପରେ ବିବାଦୀୟ ସ୍ଥାନର ପରିଚାଳନା ଦାୟିତ୍ୱ ନେଇଥିଲା ପ୍ରଶାସନ। ସେତେବେଳେ ଭାଜପା ନେତା ବିନୟ କଟାରିଆ ଏବଂ ବିଶ୍ୱ ହିନ୍ଦୁ ପରିଷଦର କେତେଜଣ ପ୍ରମୁଖ କର୍ମକର୍ତ୍ତା ମୁଖ୍ୟ ପୂଜକ ଭାବେ ସତ୍ୟେନ୍ଦ୍ରଙ୍କ ନାମକୁ ସୁପାରିସ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ତତ୍କାଳୀନ ପ୍ରମୁଖ ଅଶୋକ ସିଂଘଲଙ୍କ ସହମତି ପରେ ସତ୍ୟେନ୍ଦ୍ର ପାଲଟିଗଲେ ଶ୍ରୀରାମଙ୍କ ମୁଖ୍ୟ ପୂଜକ। ସେତେବେଳେ ସତ୍ୟେନ୍ଦ୍ର ସଂସ୍କୃତ କଲେଜରେ ଅଧ୍ୟାପନା କରୁଥିଲେ। ଏହି ସମୟରେ ଅନ୍ୟ ୪ଜଣଙ୍କୁ ମଧ୍ୟ ସହପୂଜକ ଭାବେ ଚୟନ କରାଯାଇଥିଲା।

### ବେତନ: ୧୦୦ଟଙ୍କାରୁ ୧୩ ହଜାର

ପୂଜକ ଭାବେ ନିଯୁକ୍ତି ସମୟରେ ଆଚାର୍ଯ୍ୟ ସତ୍ୟେନ୍ଦ୍ରଙ୍କ ମାସିକ ବେତନ ଥିଲା ୧୦୦ ଟଙ୍କା। ଏଥିରେ ସମୟକ୍ରମେ ବୃଦ୍ଧି କରାଯାଇଥିଲା। ୨୦୧୮ ଯାଏ ତାଙ୍କୁ ମାସିକ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଥିବାବେଳେ ୨୦୧୯ରୁ ସେ ୧୩ ହଜାର ଟଙ୍କା ପାଉଛନ୍ତି। ତେବେ ଅଧ୍ୟାପନା ବୃତ୍ତିରୁ ମିଳୁଥିବା ଅର୍ଥରେ ତାଙ୍କ ପରିବାର ଚଳେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି ସତ୍ୟେନ୍ଦ୍ର।



ନିଆ ଶର୍ମା

# ବିଗ୍‌ବସ୍‌ରେ ଦେଖିବାକୁ ମିଳିବ ନିଆଙ୍କ ଜଲୱା

ମୁମ୍ବାଇ: ଟେଲିଭିଜନ ଅଭିନେତ୍ରୀ ନିଆ ଶର୍ମାଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର। ସୂଚନା ଅନୁଯାୟୀ, ‘ବିଗ୍ ବସ୍-୧୪’ରେ ପ୍ରତିଯୋଗୀ ଭାବେ ଭାଗନେବା ପାଇଁ ରାଜି ହୋଇଯାଇଛନ୍ତି ନିଆ। ଗତ କିଛିବର୍ଷ ହେବ ‘ବିଗ୍ ବସ୍’ ନିର୍ମାତା ଏଥିରେ ଭାଗ ନେବାକୁ ନିଆଙ୍କୁ ପ୍ରସ୍ତାବ ଦେଇ ଆସୁଥିଲେ। ହେଲେ ପ୍ରତିଥର ସେ ମନା କରିଦେଇଥିଲେ। କିନ୍ତୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଏଥର ସେ ନିର୍ମାତାଙ୍କୁ ନିରାଶ କରିନାହାନ୍ତି। ନିର୍ମାତା ବେଶ୍ କିଛି ମାସ ହେବ ତାଙ୍କ ସହିତ ଯୋଗାଯୋଗରେ ଥିଲେ। ତେବେ ସେତେବେଳେ ‘ନାଗୀନ ୪’କୁ ନେଇ ସେ ବ୍ୟସ୍ତ ଥିଲେ। ତେଣୁ ନିର୍ମାତାଙ୍କ ପ୍ରସ୍ତାବରେ ହଁ ଭରି ନ ଥିଲେ। କିନ୍ତୁ ‘ନାଗୀନ ୪’ ଏବେ ବନ୍ଦ ହୋଇଯାଇଛି। ତେଣୁ ତିନି ମାସ ପାଇଁ ‘ବିଗ୍ ବସ୍’ ଘରେ ଲକ୍ ହେବା ପାଇଁ ରାଜି ହୋଇଯାଇଛନ୍ତି ସେ। ତାଙ୍କ ଫି’ ନେଇ ନିର୍ମାତା କଥାବର୍ତ୍ତା ସାରି ଦେଇଛନ୍ତି ବୋଲି ବି ଜଣାପଡ଼ିଛି। ରିୟଲିଟି ଶୋ’ର ଅନୁଭୂତି ତାଙ୍କ ପାଖରେ ଅନେକ ରହିଛି। ଏବେ ତାଙ୍କୁ ‘ଖତରୋଁ କେ ଖିଲାଡ଼ି’ ‘ମେଡ୍ ଇନ୍ ଇଣ୍ଡିଆ’ରେ ଦେଖିବାକୁ ମିଳୁଛି। ‘ଖତରୋଁ କେ ଖିଲାଡ଼ି’ର ସ୍ପେଶିଆଲ ଏଡିଶନ୍‌ର ଏହି ଶୁଟିଂ ଗୁରୁଗାଁଓ ସ୍ଥିତ ଫିଲ୍ମ ସିଟିରେ ହେଉଛି। ଏହା ପୂର୍ବରୁ ନିଆ ଖତରୋଁ କେ ଖିଲାଡ଼ି-୮’ ରେ ମଧ୍ୟ ଭାଗ ନେଇଥିଲେ। ଯା ମଧ୍ୟରେ ‘ବିଗ୍ ବସ୍ ୧୪’ର ପ୍ରମୋ ଆସିଯାଇଛି। ଏହାକୁ ସଲ୍‌ମାନ ଖାନ୍‌ଙ୍କ ପନଭେଲ ସ୍ଥିତ ଫାର୍ମହାଉସ୍‌ରେ ଶୁଟ୍ କରାଯାଇଛି। ତେବେ ଏଥର ‘ବିଗ୍ ବସ୍’ର ନିୟମରେ କିଛି ପରିବର୍ତ୍ତନ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ସମସ୍ତ ପ୍ରତିଯୋଗୀଙ୍କ କୋଭିଡ୍-୧୯ ଟେଷ୍ଟ କରାଯିବ। ସେହିଭଳି ଶୋ’ ଚାଲିବା ଭିତରେ ଯଦି କାହାର ସ୍ୱାସ୍ଥ୍ୟ ଖରାପ ହେଲା, ତା’ହେଲେ ତାଙ୍କୁ ବାହାର କରି ଦିଆଯିବ। ମିଳିଥିବା ସୂଚନା ଅନୁଯାୟୀ, ଏଥର ପ୍ରତିଯୋଗୀମାନେ ‘ବିଗ୍ ବସ୍’ ଘରକୁ ମୋବାଇଲ ନେଇ ଯାଇପାରିବେ। ସେମାନେ ସେଠାରୁ ନିଜ ଘର ଲୋକଙ୍କୁ ଭିଡିଓ କଲ ମଧ୍ୟ କରିପାରିବେ। ‘ବିଗ୍ ବସ୍-୧୩’ ଖୁବ୍ ଭଲ ହୋଇଥିଲା। ତେଣୁ ନୂଆ ସିଜନ କେମିତି ହେବ, ଏବେ ଦର୍ଶକ ସେହି ଅପେକ୍ଷାରେ ଅଛନ୍ତି।

ଜନ୍ମଦିନ ଶୁଭେଚ୍ଛା



କୃପାସାଗର ମହାରଣା
ପ୍ରଥମ ସ୍ୱନକ୍ଷତ୍ର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛାସହ:-
ଅଜା, ଆଈ, ଜେଜେ, ଜେଜେ ମାଆ, ମାମୁ, ମାଈଁ, ଦାଦା, ଖୁଡ଼ୀ, ପିଉସା, ପିଉସୀ, ନାନୀ, ଭାଇ, ବାବା ଓ ମାମାଙ୍କ ତରଫରୁ ଆଶୀର୍ବାଦ ଓ ଶୁଭ କାମନା। କଳ୍ପନା ଓ କେଦାର ମହାରଣା, ମନ୍ଦାରବସ୍ତ, ପୁରୀ।
ଧ-୬୯୫୨୮

Birthday Wish



Biswajeet Mishra
Aerodrome Area, Bhubaneswar
Many many happy returns of the day *Kanha*. May God bless you & fulfill your wishes.
-:Best wishes from:-
Family, friends & relatives.
D-17933

Happy Birthday



SONU
London
Today your Happy Birthday. May God always bless you with lots of happiness and success and make all your wishes come true. Love you :From: Ajaa, Aai, Dada, Dadi, Papa, Mummy, Mamu, Maain, Guddu, Loraine, Uncles, Aunties, Cousin and near and dear one's.
D-46286

# ରାମଭକ୍ତ ପାକିସ୍ତାନୀ କ୍ରିକେଟର



ଦାନିଶ୍ କାନେରିଆ

ଇସଲାମାବାଦ: ଅଯୋଧ୍ୟାରେ ରାମଲାଲାଙ୍କୁ ଦର୍ଶନ କରିବାକୁ ପାକିସ୍ତାନୀ କ୍ରିକେଟର ଚାହୁଁଛନ୍ତି। ପାକିସ୍ତାନ ଜାତୀୟ ଟିମ୍ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଥିବା ଦାନିଶ୍ କାନେରିଆ ଏଭଳି ଇଚ୍ଛା ପ୍ରକାଶ କରିଛନ୍ତି। ଏନେଇ ସେ ଭାରତ ସରକାରଙ୍କ ଅନୁମତି ଲୋଡ଼ିବେ ବୋଲି କହିଛନ୍ତି। ସେ କହିଛନ୍ତି, ଯଦି ସୁଯୋଗ ମିଳେ ତେବେ ଅଯୋଧ୍ୟା ଆସି ରାମଲାଲାଙ୍କୁ ଦର୍ଶନ କରିବେ। ଅଯୋଧ୍ୟା ଏକ ଧାର୍ମିକ ସ୍ଥଳ, ଏବେ ସେ ଏଠାକୁ ଆସିବାକୁ ଚାହୁଁଥିବା ଟୁଇଟ୍ କରି କହିଛନ୍ତି। ସେ ଜଣେ ହିନ୍ଦୁ ଭାବେ ପ୍ରଭୁ ରାମଙ୍କ ପଥକୁ ଅନୁସରଣ କରୁଥିବା କହିଛନ୍ତି। ୩୯ ବର୍ଷ ବୟସ୍କ ଦାନିଶ୍ କିଛିଦିନ ତଳେ ବେଶ୍ ଚର୍ଚ୍ଚାରେ ଥିଲେ। ପାକିସ୍ତାନ କ୍ରିକେଟ ଟିମ୍‌ରେ ଭେଦଭାବ କରାଯାଉଥିବା ଅଭିଯୋଗ ହୋଇଥିଲା। ପୂର୍ବତନ କ୍ରିକେଟର ଶୋଏବ୍ ଅଖତର୍ ଟିମ୍‌ରେ ଦାନିଶ୍‌ଙ୍କ ପ୍ରତି ଅବିଚାର କରାଯାଉଥିବା କହିଥିଲେ। ଦାନିଶ୍ ପାକିସ୍ତାନ ପକ୍ଷରୁ ଖେଳୁଥିବା ଦ୍ୱିତୀୟ ହିନ୍ଦୁ କ୍ରିକେଟର। ସେ ୭୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ସେଥି ମଧ୍ୟରେ ୬୧ ଟେଷ୍ଟ ଏବଂ ୧୮ଟି ଏକଦିବସୀୟ ମ୍ୟାଚ୍ ରହିଛି। ସେ ଟେଷ୍ଟରେ ୨୬୧ ୱିକେଟ ନେଇଥିବାବେଳେ ଏକଦିବସୀୟରେ ୧୫ ୱିକେଟ ହାସଲ କରିଛନ୍ତି।

# ଅଜବ ନବଜାତ ଛେଳି ଛୁଆ

ବିଳାସପୁର: ଛତିଶଗଡ଼ର ବିଳାସପୁରରେ ଏକ ଅଜବ ଛେଳି ଛୁଆ ଜନ୍ମ ନେଇଛି। ନବଜାତ ଛେଳି ଛୁଆର ନାକ ନ ଥିବାବେଳେ ଏହି ସ୍ଥାନରେ ଆଖି ରହିଛି। ଏଭଳି ବିଚିତ୍ର ଛେଳି ଛୁଆକୁ ନେଇ ଏବେ ବେଶ୍ ଚର୍ଚ୍ଚା ଚାଲିଛି। ବିଳାସପୁର ବାସିନ୍ଦା ଫରିଦ ଖାନ୍‌ଙ୍କ ଛେଳି ରବିବାର ଏହି ବିଚିତ୍ର ଛେଳି ଛୁଆକୁ ଜନ୍ମ ଦେଇଥିଲା। ଜନ୍ମ ପରେ ଦେଖାଯାଇଥିଲା ଯେ, ଛେଳି ଛୁଆର ନାକ ନାହିଁ। ନାକ ବଦଳରେ ସେହିସ୍ଥାନରେ ୨ଟି ଆଖି ରହିଛି। ସେହିଭଳି ଆଖି ସ୍ଥାନରେ ବଡ଼ ଗର୍ତ୍ତ ରହିଛି। ପାଟିପଟେ ଏହି ଛୁଆଟି ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବା କରୁଛି। ଫରିଦ ଏବଂ ତାଙ୍କ ସାହି ପଡ଼ିଶା ଲୋକେ ପଶୁ ଚିକିତ୍ସକଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଛେଳି ଛୁଆଟିକୁ ଡାକ୍ତର ଏସ୍‌ପି ଶର୍ମାଙ୍କ କ୍ଲିନିକକୁ ନିଆଯାଇଥିଲା। ଯେଉଁଠାରେ ବରିଷ୍ଠ ସର୍ଜନ ଡାକ୍ତର ଆର୍.ଏମ୍. ତ୍ରିପାଠୀ ଓ ଡାକ୍ତର ସିହ୍ନା ଅପରେସନ ମାଧ୍ୟମରେ ଛେଳିଟି ନାକବାଟେ ନିଃଶ୍ୱାସ ପ୍ରଶ୍ୱାସ ନେବା ଲାଗି ଚେଷ୍ଟା କରିଥିଲେ। କିନ୍ତୁ ସେଥିରେ ସଫଳ ହୋଇ ନ ଥିଲେ। ଡାକ୍ତର ତ୍ରିପାଠୀ କହିଛନ୍ତି, କୌଣସି ରୋଗ ଲାଗି ନୁହେଁ ବରଂ ଗୁଣସୂତ୍ରରେ ଅସ୍ୱାଭାବିକତା ହେତୁ ଏଭଳି ଅସମାନତା ହୋଇଥାଏ।



# ଶାନ୍ତି, ସମନ୍ୱୟ ଓ ବିକାଶର ଶକ୍ତି

ଯୁବଶକ୍ତିର ବିକାଶ ଦ୍ୱାରା ଦେଶ ଓ ବିଶ୍ୱର ବିକାଶ ସମ୍ଭବ। ଯୁବଶକ୍ତି ବିଶ୍ୱରେ ଶାନ୍ତି ତଥା ସମାଜିକ ସମନ୍ୱୟ ଆଣି ପାରିବେ।

ଏଣୁ ଯୁବଶକ୍ତିର ବିକାଶ ପାଇଁ ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ଯୁବକମାନଙ୍କ ସମସ୍ୟା ଓ ସେମାନଙ୍କ ଆବଶ୍ୟକତା ଉପରେ ଧ୍ୟାନ ଆକର୍ଷଣ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୧୯୯୯ରେ ଜାତିସଂଘର ସାଧାରଣ ପରିଷଦ ଅନ୍ତର୍ଜାତୀୟ ଯୁବ ଦିବସ ପ୍ରସ୍ତାବ ସ୍ୱୀକାର କରିଥିଲା। ଅଗଷ୍ଟ ୧୨,୨୦୦୦ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଚଳିତ ବର୍ଷ ଜାତିସଂଘ ପକ୍ଷରୁ ଏହି ଦିବସର ସ୍ଲୋଗାନ ରହିଛି‘ ‘ଯୁବକଙ୍କ ପାଇଁ ସୁରକ୍ଷିତ ସ୍ଥାନ’। ଏହି ଦିବସ ଅବସରରେ ସ୍କୁଲ୍ ଓ କଲେଜଗୁଡ଼ିକରେ ସଂକ୍ଷିପ୍ତ ନିବନ୍ଧ, ଦୀର୍ଘ ନିବନ୍ଧ ସମେତ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

୨୦୧୯ରେ ୧୫ ରୁ ୨୪ ବର୍ଷ ମଧ୍ୟରେ ବିଶ୍ୱରେ ଯୁବକଙ୍କ ସଂଖ୍ୟା ୧୨୦କୋଟି ଥିଲା। । ଏହା ବିଶ୍ୱ ଜନସଂଖ୍ୟାର ୧୬ ପ୍ରତିଶତ। ଏବେ କେନ୍ଦ୍ର ଓ ଦକ୍ଷିଣ ଏସିଆରେ ଏମାନଙ୍କ ସଂଖ୍ୟା ସବୁଠୁ ଅଧିକ ରହିଛି। ଚିନ୍ତାଜନକ ବିଷୟ ହେଉଛି, ୧୫ରୁ ୨୪ ବର୍ଷ ବୟସର ମହିଳାଙ୍କ ମଧ୍ୟରେ ଗର୍ଭଧାରଣ କ୍ଷମତା ହ୍ରାସପାଉଛି। ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁ ମେଦବହୁଳତା, ଡାଇବେଟିସ ଓ ବିଷାଦ ବଳୟରେ ଯୁବଶକ୍ତି ଛନ୍ଦି ହୋଇଯାଉଛି ଓ ଏହା ଲଗାତର ବୃଦ୍ଧି ପାଉଛି। ଏହା ବିଶ୍ୱସମୁଦାୟ ପାଇଁ ଏକ ବିପର୍ଯ୍ୟୟ ଆଣିବାର ସୂଚନା ଦେଉଛି। ମୋଟ ଉପରେ ୨୦୩୦ ସୁଦ୍ଧା ଯୁବଶକ୍ତି ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଅଣାଯାଇପାରିଲେ ବିଶ୍ୱର ସାମଗ୍ରିକ ବିକାଶ ଲକ୍ଷ୍ୟ ପୂରଣ ହୋଇପାରିବ।

ଭାରତ ଯୁବକଙ୍କ ଦେଶ। ଭାରତରେ ବିଶ୍ୱର ସବୁଠୁ ବଡ ଯୁବଶକ୍ତି ଅର୍ଥାତ ୩୫ ବର୍ଷ ବୟସରୁ କମ୍ ୬୫ କୋଟି ଯୁବକ ରହିଛନ୍ତି। ଫଳରେ ଆମ ଦେଶରେ ବିପୁଳ ଶ୍ରମଶକ୍ତି ଉପଲବ୍ଧ। ଦେଶର ଯୁବଶକ୍ତିକୁ ଉଚିତ ମାର୍ଗଦର୍ଶନ କରି ବିକାଶରେ ଭାଗୀଦାରି କରାଯାଇପାରିଲେ ବିକଶିତ ରାଷ୍ଟ୍ର ହେବାକୁ ଆମକୁ ବେଶି ସମୟ ଲାଗିବନି। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର,ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ।

**ଅନ୍ତର୍ଜାତୀୟ ଯୁବ ଦିବସ**



# ଚାଲୁଥିବା ଫାଇଭ୍‌ଷ୍ଟାର୍ ହୋଟେଲ

**ନୂଆଦିଲ୍ଲୀ**

କରୋନା ଯୋଗୁ ଏବେ ଅଧିକାଂଶ ସମୟ ଘରେ ରହିବା ଫଳରେ ଅନେକ ବୋର୍ ହୋଇଗଲେଣି। ବାହାରକୁ କେଉଁଠିକୁ ଯାଇ ହେଉନି କି ବୁଲାବୁଲି କରି ହୋଟେଲରେ ଖିଆପିଆ କରି ହେଉନି। ତେବେ ଏମିତି ଏକ ସମୟରେ ଆପଣଙ୍କ ପାଖକୁ ଯଦି ଏକ ଷ୍ଟାର ହୋଟେଲ ଚାଲି ଚାଲି ଆସି ପହଞ୍ଚିବ ତା’ହେଲେ ନିଶ୍ଚୟ ମଜା ଲାଗିବ।

କଥାଟା ଶୁଣିବା ପାଇଁ ହୁଏତ ଅଡୁଆ ଲାଗିପାରେ। କିନ୍ତୁ ଗୁଡଗାଁଓର ସୋହନା ରୋଡ୍ ରେଡିଶନ୍ ହୋଟେଲ ପକ୍ଷରୁ ଏବେ ଲୋକଙ୍କୁ ଏପରି ସୁବିଧା ଦିଆଯାଉଛି। ଏହି ହୋଟେଲଟି ଏବେ ଏପରି ଏକ ଚାଲୁଥିବା ହୋଟେଲ ତିଆରି କରିଛି, ଯେଉଁଥିରେ ଆପଣ ପଞ୍ଚତାରକା ହୋଟେଲର ସମସ୍ତ ସୁବିଧା ପାଇପାରିବେ। ଅର୍ଥାତ୍ ହୋଟେଲ ପକ୍ଷରୁ ଏକ ବସ୍‌ରେ ପଞ୍ଚତାରକା ହୋଟେଲର ସମସ୍ତ ସୁବିଧା ଉପଲବ୍ଧ ହେଉଛି। ଅବଶ୍ୟ ଏଭଳି ସୁବିଧା ପାଇବା ପାଇଁ ଆପଣଙ୍କୁ ସେଇଭଳି ମୋଟା ଅଙ୍କର ଅର୍ଥ ତ ଖର୍ଚ୍ଚ କରିବାକୁ ପଡ଼ିବ। ଏହି ପଞ୍ଚତାରକା ହୋଟେଲର ନାଁ ରହିଛି ‘ଲକ୍ସ ହ୍ୱିଲ୍‌ସ’। ବସ୍‌ରେ ତିଆରି ଏହି ହୋଟେଲରେ ଆପଣ ପୂରା ପରିବାର ସହିତ ଡେ ଟ୍ରିପ୍ କିମ୍ବା ନାଇଟ୍ ଟ୍ରିପରେ ଯେକୌଣସି ସ୍ଥାନକୁ ଯାଇପାରିବେ। ଏଥିପାଇଁ ଆଗରୁ ବୁକ୍ କରିବାକୁ ପଡ଼ିବ। ଏହି ହୋଟେଲରେ ୫ଜଣଙ୍କ ପାଇଁ ରହିବା ତଥା ଖାଇବା ପିଇବାର ବ୍ୟବସ୍ଥା କରାଯାଇଛି। ତେଣୁ ପରିବାର ସହିତ ଏଥିରେ ଫାଇଭ୍‌ଷ୍ଟାର ଲଗ୍‌ଜୁରି ହୋଟେଲର ମଜା ଉଠାଇପାରିବେ।

ଏହି ବସ୍ ହୋଟେଲ ଭିତରେ ଆପଣ ଅର୍ଡର କରିବାର ମାତ୍ର କେଇ ମିନିଟ୍ ମଧ୍ୟରେ ଖାଦ୍ୟ ପରଷି ଦିଆଯିବ। ଆପଣଙ୍କ ପଛେ ପଛେ ରୋଷେଇ କରିବା ପାଇଁ ଏବଂ ଖାଦ୍ୟ ପରଷିବା ଲାଗି ଏକ ଟିମ୍ ଆପଣଙ୍କ ପଛେ ପଛେ ଯିବ। ଏହା ଭିତରେ ଯିବା ସମୟରେ ରାସ୍ତାର ଦୁଇ ପାଖର ଦୃଶ୍ୟ ଉପଭୋଗ କରିହେବ। ଏହି ବସ୍‌ର ସିଟ୍‌କୁ ଦାବିବା ମାତ୍ରେ କିଛି ସମୟ ମଧ୍ୟରେ ଏହା ଏକ ବେଡ୍‌ରେ ପରିଣତ ହୋଇଯିବ। ଏହା ସହିତ ମନୋରଞ୍ଜନ ନିମନ୍ତେ ଏଥିରେ ଦୁଇଟି ସ୍ମାର୍ଟ ଏଲ୍‌ଇଡି ଟିଭି ଲଗାଯାଇଛି। ବସ୍‌ରେ ସେଣ୍ଟ୍ରାଲାଇଜ୍ ଏସି ସହିତ ମାଇକ୍ରୋୱେଭ୍, ଫ୍ରିଜ୍ ଏବଂ ଚା କଫି ତିଆରି କରିବା ପାଇଁ ମେଶିନ୍ ମଧ୍ୟ ରହିଛି। ସେହିପରି ଆଧୁନିକ ସୁବିଧା ଥିବା ବାଥରୁମ୍ ଓ ଟଏଲେଟ୍ ମଧ୍ୟ ଏଥିରେ ରହିଛି। ତେବେ କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ଏଥିରେ ସାନିଟାଇଜେସନ୍ ତଥା ପରିଷ୍କାର ପରିଚ୍ଛନ୍ନତା ପ୍ରତି ମଧ୍ୟ ବିଶେଷ ଦୃଷ୍ଟି ଦିଆଯାଇଛି।



## ମନେ ପଡ଼ନ୍ତି

୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ ଜ୍ୟୋତ୍ସ୍ନାରାଣୀ ପତି
ଆବିର୍ଭାବ: ୦୮।୦୮।୧୯୬୮ (ରାକ୍ଷୀ ପୂର୍ଣ୍ଣିମା)
ତିରୋଧାନ: ୨୦।୦୮।୨୦୦୩ (ଜନ୍ମାଷ୍ଟମୀ)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ
ତୁମର - ଚନ୍ଦ୍ରଶେଖର, ଫୁଟୁ, ପାପୁ, ଝୁନୁ, ମିତା, ଚିଭ, ତିତୁନା, ପ୍ରିନ୍ସ, ସାହେବ, ନାନ୍‌ସୀ, ଆର୍ଚି, ଓମ୍, ନବାବ୍, ସାନ୍‌ଭି ସମ୍ରାଟ ଓ ପତି ପରିବାର।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିଷ୍ଣୁପ୍ରିୟା ସାହୁ
ନୂଆପଲ୍ଲୀ, ନୂଆସାହି, ଭୁବନେଶ୍ୱର
ତିରୋଧାନ: ୨୪.୦୮.୨୦୧୯
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ହେଲେ ପ୍ରତିମୁହୂର୍ତ୍ତରେ ଲାଗୁଛି ସତେ ଯେମିତି ତୁମେ ଆମ ପାଖରେ ଅଛ । ଆମକୁ ଆଶୀର୍ବାଦ ପ୍ରଦାନ କରୁଛ । ତୁମର ଆତ୍ମା ଶାନ୍ତିରେ ରହୁ, ଏତିକି ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ସ୍ୱାମୀ- ପର୍ଶୁରାମ ସାହୁ, ବେବୀ- ପ୍ରଦ୍ୟୁମ୍ନ, ମାମା- ମିଟୁ, ମିକୁ- ଗିଟୁ, ପିଙ୍କି- ସଞ୍ଜିବ, ସୋମା, ରୋମା, ଗୁଡ୍ଡୁ, ଶୁଭମ୍, ପ୍ରିତମ୍, ଶାସ୍ୱତ ଏବଂ ପରିବାର ଓ ସମସ୍ତ ବନ୍ଧୁବର୍ଗ
ଧ-୧୭୯୩୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



Late Sandip Pattanaik
(Kalia)
Patrapada, Bhubaneswar
DOB: 15.08.1976
DOD: 12.08.2019
ବିଶ୍ୱାସ ହେଉନି ସାଙ୍ଗ ତୁ ଆମକୁ ଛାଡ଼ି ଚାଲିଯାଇଛୁ। ତୁ ଆମ ପାଖରେ ସବୁବେଳେ ଥିଲୁ ଆଉ ରହିବୁ।
-:ଇତି:-
ପିଲାବେଳର ସାଙ୍ଗମାନେ, Unit-9 Boys High School and Board School Friends.
ଧ-୧୭୯୨୭

ଦ୍ୱାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ଶୈଳବାଳା ମିଶ୍ର
ସ୍ୱାମୀ - ୰ ଇଂ.କେଦାରନାଥ ମିଶ୍ର
ପ୍ଲଟ୍ ନଂ-ଏ/୧୦୨, ଶହୀଦ ନଗର, ଭୁବନେଶ୍ୱର
ତିରୋଧାନ :୦୧.୦୮.୨୦୨୦
ଆପଣଙ୍କ ନୀତି, ଆଦର୍ଶ ଓ ପ୍ରେରଣା ଆମ୍ଭମାନଙ୍କ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ପୁତ୍ର-ଶୁଭେନ୍ଦ୍ର ମିଶ୍ର,
କନ୍ୟା-ସଂଘମିତ୍ରା ମିଶ୍ର, ନାତି-ସତ୍ୟଜିତ୍ ଦାଶ,
ନାତୁଣୀ-ଶାଶ୍ୱତୀ ମିଶ୍ର
ଧ-୧୭୯୩୧

## ସଂକ୍ଷେପରେ

### ୮ ମାସରେ ସୁଧୁରିପାରେ ଏମ୍ଏସ୍ଏମ୍ଇ ସ୍ଥିତି

**ନୂଆଦିଲ୍ଲୀ,୧୧।୮:** କୋଭିଡ୍ ଯୋଗୁ ବର୍ତ୍ତମାନ ଦେଶର ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ଗୁଡ଼ିକ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। କ୍ଷୁଦ୍ରଶିଳ୍ପର ସ୍ଥିତିରେ ସୁଧାର ଆସିବା ଲାଗି ଅନ୍ତତଃ ପକ୍ଷେ ୭ରୁ ୮ ମାସ ସମୟ ଲାଗିପାରେ। ସଂସ୍ଥାଗୁଡିକର ପରିଚାଳନ ଏବଂ ଡିଜିଟାଇଜେଶନ ସେମାନଙ୍କ ଟ୍ରାକ୍‌କୁ ଫେରିବା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡୁନ୍ ଆଣ୍ଡ ବ୍ରାଡ୍‌ଷ୍ଟ୍ରିଟର ଗ୍ଲୋବାଲ ଚିଫ୍ ଇକୋନୋମିଷ୍ଟ ଅରୁଣ ମିଶ୍ର କହିଛନ୍ତି। ଭାରତର ମୋଟ ଜିଡିପିକୁ ଏମ୍ଏସ୍ଏମ୍ଇ ୨୯% ଯୋଗଦାନ ରଖୁଛନ୍ତି। ମହାମାରୀ ଯୋଗୁ ସଂସ୍ଥାଗୁଡିକର ଅଣ୍ଟା ଭାଙ୍ଗିଯାଇଛି। ଏକ ୱେବିନାରରେ ଯୋଗଦେଇ ସିଂ କହିଛନ୍ତି ଯେ, ଯେଉଁ କ୍ଷେତ୍ରଗୁଡିକ ବର୍ତ୍ତମାନ ପରିଚାଳିତ ହେଉଛି ଉକ୍ତ କ୍ଷେତ୍ର ସହ ଏମ୍ଏସ୍ଏମ୍ଇଗୁଡିକ ଜଡିତ ହୋଇ କାମ କରିପାରିବେ।

# ଔଦ୍ୟୋଗିକ ଉତ୍ପାଦନ ୧୬.୬% ଖସିଲା

**ନୂଆଦିଲ୍ଲୀ,୧୧।୮**

କରୋନା ଯୋଗୁ ଦେଶର ଶିଳ୍ପ କ୍ଷେତ୍ର ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। କରୋନା ଜନିତ ଲକ୍‌ଡାଉନ ଲାଗି ଘରୋଇ ବଜାରର ଔଦ୍ୟୋଗିକ ଉତ୍ପାଦନ ଜୁନ୍‌ରେ ୧୬.୬% ଖସିଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ପୂର୍ବର ମାସଗୁଡିକ ତୁଳନାରେ ଜୁନ୍‌ରେ ସ୍ଥିତି କିଛି ସୁଧୁରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜୁନ୍ ମାସରେ ଔଦ୍ୟୋଗିକ ଉତ୍ପାଦନ ୩୩.୯% ହ୍ରାସ ହେବା ନେଇ ପରିବର୍ତ୍ତିତ ଆକଳନ କରାଯାଇଥିଲା। ସେହିଭଳି ଜୁନ୍‌ରେ ଏହି ବର୍ଗରେ ଉତ୍ପାଦନ ପ୍ରାୟ ୨୦.୦% ଖସିବା ନେଇ ରଏଟର୍ସ ବିଶେଷଜ୍ଞମାନେ ଆଶଙ୍କା କରିଥିଲେ। ହେଲେ ସ୍ଥିତି ସାମାନ୍ୟ ଉନ୍ନତ ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ମାର୍ଚ୍ଚ ଶେଷ ବେଳକୁ ସରକାର ଘୋଷଣା କରିଥିବା ଲକ୍‌ଡାଉନ ଯୋଗୁ



ଔଦ୍ୟୋଗିକ କାର୍ଯ୍ୟକଳାପକୁ ଶକ୍ତ ଧକ୍କା ଲାଗିଥିଲା। ଧୀରେ ଧୀରେ କଟକଣା କୋହଳ କରାଯାଉଥିବାରୁ ସ୍ଥିତିରେ ସୁଧାର ଆସୁଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଦେଶର ଅର୍ଥ ବ୍ୟବସ୍ଥା ୧୯୪୭ ପରଠାରୁ ବର୍ତ୍ତମାନ ସବୁଠାରୁ ଖରାପ ସ୍ଥିତିରେ ରହିଥିବା ବଜାର ବିଶେଷଜ୍ଞ କହିଛନ୍ତି। କରୋନା ସଂକ୍ରମଣ ବର୍ତ୍ତମାନ ନିୟନ୍ତ୍ରଣରେ ଆସୁ ନ ଥିବାରୁ ବିଭିନ୍ନ ରାଜ୍ୟ ସ୍ତରରେ ଲକ୍‌ଡାଉନ ଘୋଷଣା କରୁଛନ୍ତି। ରାଜ୍ୟଗୁଡିକ ସ୍ତରରେ ବିଭିନ୍ନ କଟକଣା ଯୋଗୁ ସାଧାରଣ ପରିବହନ ବ୍ୟବସ୍ଥା କ୍ଷେତ୍ରରେ କଟକଣା ଲାଗୁ କରାଯାଇଛି।

ଫ୍ୟାକ୍ଟ୍ରିଗୁଡିକରେ ଉତ୍ପାଦନ ପ୍ରଭାବିତ ହୋଇଥିବାରୁ ଗାର୍ମେଣ୍ଟ, ଯାନ, କନ୍ଜ୍ୟୁମର ଡ୍ୟୁରେବଲ ଭଳି ବିଭିନ୍ନ କ୍ଷେତ୍ର ବର୍ତ୍ତମାନ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଦେଶର ଅର୍ଥ ବ୍ୟବସ୍ଥାକୁ ୧୭% ଯୋଗଦାନ ରଖୁଥିବା ମାନୁଫାକ୍‌ଚରିଂ କ୍ଷେତ୍ର ଗତ ୩ ମାସରେ ୪୦.୭% ଖସିଛି। ଅର୍ଥନୈତିକ କାର୍ଯ୍ୟକଳାପ ଦ୍ରୁତ ହାରରେ ଖସିଥିବା

**ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ରିପୋର୍ଟ**

ଏହା ସୂଚାଇ ଦେଉଛି। ଜୁଲାଇରେ ଯାତ୍ରୀବାହୀ ଯାନ ଉତ୍ପାଦନ ୨୯.୪% ଖସିଛି। ଏପ୍ରିଲ- ଜୁନ୍‌ରେ ଅର୍ଥ ବ୍ୟବସ୍ଥା ୨୦% ଖସିବ ବୋଲି ଅର୍ଥନୀତିଜ୍ଞମାନେ କହିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥା ୬% ହାରରେ ଅଭିବୃଦ୍ଧି କରିବ ବୋଲି ସରକାର ଆଶାବାଦୀ ରହିଥିଲେ। ହେଲେ କରୋନା ଯୋଗୁ ବର୍ତ୍ତମାନ ଜିଡିପି ଋଣାତ୍ମକ ରହିବ ବୋଲି ଜଣାପଡିଛି।

## ଟୟୋଟା ଫର୍ଚୁନର ଲିମିଟେଡ୍ ଏଡିଶନ

**ନୂଆଦିଲ୍ଲୀ,୧୧।୮**

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ନୂଆ ସ୍ପୋର୍ଟି ଫର୍ଚୁନର ଟିଆର୍‌ଡି ଲିମିଟେଡ୍ ଏଡିଶନ ବଜାରକୁ ଆସିଛି। ଭାରତୀୟ ବଜାରକୁ ଧ୍ୟାନରେ ରଖି



ନୂଆ ମଡେଲଟିକୁ କମ୍ପାନୀ ପ୍ରସ୍ତୁତ କରିଛି। ସ୍ପୋର୍ଟି ଲୁକ୍ ସହ ନୂଆ ଯାନଟି ଆର୍ ୧୮ ଟିଆର୍‌ଡି ଆଲଏ ହ୍ୱିଲ୍ ସହ ଉପଲବ୍ଧ। ୩୬୦ ଡିଗ୍ରୀ ପାନୋରାମିକ ଭିୟୁ ମନିଟର, ଅଟୋ ଫୋଲ୍ଡିଂ ଓଆର୍‌ଭିଏମ୍, ଇଜ ଅଫ୍ ଡ୍ରାଇଭିଂ ଭଳି ଫିଚର ଏଥିରେ ଗ୍ରାହକ ପାଇ ପାରିବେ। ପ୍ରିମିୟମ ଏକ୍ସଟେରିୟର, ଡୁଆଲ ଟୋନ ରୁଫ୍, ଅଲ୍ ଟେରେନ୍ କ୍ଷମତା, ସ୍ପେଶାଲ ଟେକ୍ନୋଲୋଜି ପ୍ୟାକେଜ, ଆକର୍ଷକ ପର୍ଲ ହ୍ୱାଇଟ ରଙ୍ଗରେ ଏହି ଲିମିଟେଡ ମଡେଲ ୪X୨ ଏବଂ ୪X୪ ଡିଜେଲ ଇଞ୍ଜିନ ବର୍ଗରେ ଆସୁଛି। ଏହି ୨ ବର୍ଗ ଲାଗି ମୂଲ୍ୟ ଯଥାକ୍ରମେ–୩୪.୯୮ ଲକ୍ଷ ଏବଂ ୩୬.୮୮ ଲକ୍ଷ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନଟିରେ ଗ୍ରାହକମାନେ ପାୱାର, ନିରାପତ୍ତା, ଉନ୍ନତ ଡ୍ରାଇଭିଂ ଅଭିଜ୍ଞତା ଏବଂ ପର୍‌ଫରମାନ୍ସ ଲାଭ କରିପାରିବେ ବୋଲି ଟୟୋଟା କିର୍ଲୋସ୍କାର ମୋଟର୍ସର ସେଲ୍‌ସ ଏବଂ ସର୍ଭିସ ବିଭାଗ ବରିଷ୍ଠ ଉପସଭାପତି ନବୀନ ସୋନି ସୂଚନା ଦେଇଛନ୍ତି।

### ବିଶ୍ୱର ଶ୍ରେଷ୍ଠ ଶହେ କମ୍ପାନୀ ମଧ୍ୟରେ ରିଲାଏନ୍ସ

**ନୂଆଦିଲ୍ଲୀ,୧୧।୮:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ବିଶ୍ୱର ଶ୍ରେଷ୍ଠ ଶହେ କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି। ୨୦୨୦ ବର୍ଷ ପାଇଁ ବିଶ୍ୱର ଶ୍ରେଷ୍ଠ ୧୦୦ କମ୍ପାନୀ ମଧ୍ୟରୁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ ୯୬ ତମ ସ୍ଥାନରେ ରହିଛି। ଫର୍ଚୁନ ଗ୍ଲୋବାଲ ୫୦୦ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଥିବା ରିପୋର୍ଟରେ କମ୍ପାନୀ ଏହି ସ୍ଥାନ ହାସଲ କରିଛି। ବର୍ତ୍ତମାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେଟ୍ ସମ୍ପତ୍ତି ୮୬.୨ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏହି ଭାରତୀୟ କମ୍ପାନୀ ଗତ କିଛିମାସ ମଧ୍ୟରେ ନିଜର ସ୍ଥିତି ମଜଭୁତ କରିବାକୁ ସକ୍ଷମ ହୋଇଛି। ଫର୍ଚୁନ ତାଲିକାରେ ରିଲାଏନ୍ସ ୧୦ଟି ସ୍ଥାନ ଉପରକୁ ଉଠିଥିବା ଜଣାପଡିଛି। ଦୀର୍ଘ ୮ବର୍ଷ ପରେ ରିଲାଏନ୍ସ ପୁଣି ଥରେ ଶ୍ରେଷ୍ଠ ୧୦୦ ମଧ୍ୟରେ ନିଜର ସ୍ଥାନ ପକ୍କା କରିଛି। ପୂର୍ବରୁ ରିଲାଏନ୍ସ ୨୦୧୨ରେ ଶ୍ରେଷ୍ଠ ୧୦୦ରେ ସାମିଲ ହେବା ସହ ୯୯ତମ ସ୍ଥାନରେ ରହିଥିଲା।

## ବ୍ୟାଙ୍କ ଅଫ୍ ବରୋଦାର ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୧୧।୮:** ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏହାର ୧୧୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏହି ଦିବସ ପାଳନ କରାଯିବା ସହ ୫ ଜଣ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଶନରେଟ ପୋଲିସର ଏସିପି ନିୟନ୍ତ୍ରଣ କକ୍ଷରେ କାର୍ଯ୍ୟରତ ବାନାମ୍ବର ସେଠୀ, କ୍ୟାପିଟାଲ ହସ୍ପିଟାଲରେ କାର୍ଯ୍ୟରତ ଡ. ସୂର୍ଯ୍ୟରଶ୍ମି ସାହୁ, କ୍ୟାପିଟାଲ ହସ୍ପିଟାଲର ଲାବ୍ ଟେକ୍ନିସିଆନ ତାପସ କୁମାର ରାଉତ, ବିଏମ୍‌ସିରେ କାର୍ଯ୍ୟରତ ବାବୁଲି ନାୟକ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଡିଜିଏମ୍ କେ.ଭି.ଭି.ଏନ୍.ଏସ୍.ରାମମୂର୍ତ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ଉପକ୍ଷେତ୍ରୀୟ ପ୍ରବନ୍ଧକ-୧ ଭାରତ ଭୂଷଣ, ଉପକ୍ଷେତ୍ରୀୟ ପ୍ରବନ୍ଧକ-୨ ହରିଶ ଚନ୍ଦ୍ର ସିହ୍ନା କୋଭିଡ୍ ଯୋଦ୍ଧାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ।


### ତୈଳ କମ୍ପାନୀଙ୍କ ପକ୍ଷରୁ ବିଶ୍ୱ ଜୈବ ଇନ୍ଧନ ଦିବସ

**ଭୁବନେଶ୍ୱର,୧୧।୮:** ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ଓଡ଼ିଶା ଜୋନ୍‌ରେ ସୋମବାର ବିଶ୍ୱ ଜୈବ ଇନ୍ଧନ ଦିବସ ପାଳିତ ହୋଇଯାଇଛି। କୋଭିଡ୍-୧୯ ଗାଇଡ୍‌ଲାଇନ ଓ ସରକାରଙ୍କ କଟକଣା ପାଇଁ ଚଳିତ ବର୍ଷ ଏହା ଡିଜିଟାଲ ପ୍ଲାଟଫର୍ମ ଜରିଆରେ ପାଳନ କରାଯାଇଥିଲା। ଏହି ଅବସରରେ ତୈଳ ବିପଣନ କମ୍ପାନୀଗୁଡିକର ଓଡ଼ିଶା ରାଜ୍ୟ ସଂଯୋଜକ ତଥା ଇଣ୍ଡିଆନ ଅଏଲର ଓଡ଼ିଶା ମୁଖ୍ୟ ଶୁଭଜିତ୍ ଘୋଷ ଜୈବ ଇନ୍ଧନର ସାମାଜିକ ତଥା ଅର୍ଥନୈତିକ ଉପକାରିତା ବିଷୟରେ ଘୋଷ ନିଜର ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିସିଏଲର ଷ୍ଟେଟ୍ ହେଡ୍ ଦେବାଶିଷ ପାଲିତ, ଗେଲ୍‌ର ମୁଖ୍ୟ ମହାପ୍ରବନ୍ଧକ ଦୀନବନ୍ଧୁ ସୋରେନ ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଓଡ଼ିଶା କ୍ଷେତ୍ରରେ କମ୍ପାନୀଗୁଡିକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ସର୍ବନିମ୍ନ ସ୍ତରକୁ ଖସିପାରେ ଜିଡିପି: ମୂର୍ତ୍ତି

**ନୂଆଦିଲ୍ଲୀ,୧୧।୮**

ମହାମାରୀ ଜନିତ ପ୍ରଭାବ ଯୋଗୁ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ପ୍ରାୟ ୫% ଖସିପାରେ। ଦେଶର ଜିଡିପି ଅଭିବୃଦ୍ଧି ସ୍ୱାଧୀନତା ପରଠୁ ସବୁଠାରୁ ସର୍ବନିମ୍ନ ସ୍ତରକୁ ଖସିପାରେ ବୋଲି ବିଜ୍‌ନେସ୍ ଟାଇକୁନ ତଥା ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଆଶଙ୍କା ପ୍ରକଟ କରିଛନ୍ତି। ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ବିଭିନ୍ନ ପଦକ୍ଷେପ ଉପରେ



କାମ କରିବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ଲୋକମାନେ ନିଜକୁ ଖାପ ଖୁଆଇ ରହିବାକୁ ହେବ ବୋଲି ମୂର୍ତ୍ତି ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନ ଏକ ନୂଆ ସିଷ୍ଟମ ଉନ୍ନତୀକରଣ କରାଇବାକୁ ହେବ। ଅର୍ଥ ବ୍ୟବସ୍ଥାର ପ୍ରତିକ୍ଷେତ୍ରକୁ ପୂର୍ଣ୍ଣ କ୍ଷମତା ସହ ଆଗକୁ ବଢିବାକୁ ହେବ। ଏଭଳି ସ୍ଥିତିରେ ନିରାପତ୍ତାକୁ ମଧ୍ୟ ଧ୍ୟାନ ରଖିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

ସେ ପୁଣି କହିଛନ୍ତି, କରୋନା ଯୋଗୁ ବିଶ୍ୱ ଜିଡିପି ୫ରୁ ୧୦% ଖସିବା ନେଇ ଆଶଙ୍କା କରାଯାଇଛି। ବର୍ତ୍ତମାନ ବିଶ୍ୱ ବଜାରର ଜିଡିପି ଅଭିବୃଦ୍ଧି ଲଗାତର ଖସି ଚାଲିଛି। ପର୍ଯ୍ୟଟନ ଏବଂ ଗମନାଗମନ ଶିଳ୍ପ ଠପ୍ ହୋଇଯାଇଛି। ଯଦି ଟିକା ଆସେ ତେବେ ଦିନକୁ ୧କୋଟି ଲୋକଙ୍କୁ ଟିକାକରଣ କଲେ ଅନ୍ତତଃ ପକ୍ଷେ ଏହା ୧୪୦ ଦିନ ଲାଗିଯିବ। ବର୍ତ୍ତମାନ କରୋନା ଟିକା ଆସି ନ ଥିବାରୁ ସମସ୍ତେ ସତର୍କ ହୋଇ ରହିବାକୁ ପଡିବ। ଦେଶର ୧୪ କୋଟି ଶ୍ରମିକ କରୋନା ଯୋଗୁ କାମ ହରାଇଛନ୍ତି। ଏଭଳି ସ୍ଥିତିରେ ସବୁ କିଛିକୁ ସମ୍ଭାଳିବା କଷ୍ଟକର। ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଚାଲୁ କରିବା ଲାଗି ଶ୍ରମିକଙ୍କୁ ପୁଣି ଥରେ କାର୍ଯ୍ୟକ୍ଷେତ୍ରକୁ ଫେରାଇ ଆଣିବାକୁ ପଡିବ। ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବେଶି ଅର୍ଥ ଖର୍ଚ୍ଚ ହେଉ ନ ଥିବାରୁ ଏଭଳି ମହାମାରୀ ବିରୋଧରେ ଲଢ଼ିବା କଷ୍ଟକର ହେଉଥିବାରୁ ଏହାକୁ ନେଇ ମୂର୍ତ୍ତି ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଖେଳ ଖବର

### ଚେନ୍ନାଇ ଦଳରେ ଡୁପ୍ଲେସି, ଏନ୍‌ଗିଡି ୧ରେ ଯୋଗଦେବେ

**ଚେନ୍ନାଇ,୧୧।୮:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ଅଗଷ୍ଟ ୨୧ରେ ଦୁବାଇ ପହଞ୍ଚିବ। ଭାରତୀୟ ଖେଳାଳିଙ୍କ ସହ ଏକ ୫ ଦିନିଆ କ୍ୟାମ୍ପରେ ଯୋଗଦେବା ପରେ ଚେନ୍ନାଇ ଦଳ ଏକ ଚାର୍ଟର୍ଡ ବିମାନରେ ଦୁବାଇ ଯାତ୍ରା କରିବ। ସେପ୍ଟେମ୍ବର ୧୯ ତାରିଖରୁ ଆଇପିଏଲ୍ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆରମ୍ଭ ହେବ। ତେବେ ଦ୍ୱିତୀୟ ସନ୍ତାନର ପିତା ହେବାକୁ ଯାଉଥିବାରୁ ଦକ୍ଷିଣ ଆଫ୍ରିକା ତାରକା ବ୍ୟାଟ୍ସମ୍ୟାନ ଫାଫ୍ ଡୁପ୍ଲେସି ସେପ୍ଟେମ୍ବର ୧ ତାରିଖରେ ଦଳରେ ଯୋଗଦେବେ। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଲୁନ୍‌ଗି ଏନ୍‌ଗିଡି ଡୁପ୍ଲେସିଙ୍କ ସହ ଯାତ୍ରା କରିବେ। କିନ୍ତୁ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ସେନ୍ ୱାଟସନ, କୋଚ୍ ଷ୍ଟିଫାନ ଫ୍ଲେମିଙ୍ଗ୍, ବ୍ୟାଟିଂ କୋଚ୍ ମାଇକ ହସି ଅଗଷ୍ଟ ୨୨ ତାରିଖରେ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି। ସେହିପରି ଡ୍ୱେନ ବ୍ରାଭୋ, ମିଚେଲ ସାଣ୍ଟନର, ଇମ୍ରାନ ତାହିର କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍) ଖେଳିବାରେ ବ୍ୟସ୍ତ ରହିବେ। ସେହିପରି ଅଷ୍ଟ୍ରେଲୀୟ ଦ୍ରୁତବୋଲର ଜୋଶ୍ ହାଜେଲଉଡ୍ ଓ ଇଂଲଣ୍ଡ ଅଲରାଉଣ୍ଡର ସାମ କୁରାନ ନିଜ ଦେଶ ପାଇଁ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଇଂଲଣ୍ଡ - ଅଷ୍ଟ୍ରେଲିଆ ଦିନିକିଆ ସିରିଜ ଶେଷ ହେବା ପରେ ଏମାନେ ସେପ୍ଟେମ୍ବର ମଧ୍ୟଭାଗରେ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି। ଅଗଷ୍ଟ ୧୫ ତାରିଖରେ ଏମ୍.ଏ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସର ଏକ ସ୍ୱଳ୍ପକାଳୀନ କ୍ୟାମ୍ପ ଆରମ୍ଭ ହେବ।

# ଅମିତ, ଦୀପସାନ, ଷ୍ଟାନ୍‌ଲିଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୧୧।୮(କ୍ରୀଡ଼ା ପ୍ରତିନିଧି)**

କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କରି ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ଲକ୍ଷ୍ୟରେ ୧୯୮୫ ମସିହାରେ ଓଡ଼ିଶାରେ କ୍ରୀଡ଼ା ଛାତ୍ରାବାସ ସ୍ଥାପନ କରାଯାଇଥିଲା। ସେବେଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ବୟସ ବର୍ଗରେ ଏବଂ ଭିନ୍ନଭିନ୍ନ କ୍ରୀଡ଼ା ଶୃଙ୍ଖଳାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଆସୁଛି। କ୍ରୀଡ଼ା ଛାତ୍ରାବାସ ଗୁଡ଼ିକରୁ ଆଶାନୁରୂପ ଫଳ

**କ୍ରୀଡ଼ା ଛାତ୍ରାବାସ ପୁନର୍ଗଠନ ପ୍ରସଙ୍ଗ**

ନ ମିଳିବାରୁ ରାଜ୍ୟ ସରକାର ଏବେ ଏହାର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫଳ ସ୍ୱରୂପ ୧୮ ବର୍ଷରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ ଏବେ ଆଉ ହଷ୍ଟେଲରେ ରହିବାର ସୁଯୋଗ ମିଳିବ ନାହିଁ। ଏହି ବୟସ ବର୍ଗର ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଚୟନ କରାଯାଇ ହାଇ ପରଫର୍ମାନ୍ସ ସେଣ୍ଟରରେ ଉଚ୍ଚମାନର ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ରାଜ୍ୟରେ ୧୬ଟି କ୍ରୀଡ଼ା ଛାତ୍ରାବାସ ରହିଛି। କ୍ରୀଡ଼ା ଓ ଯୁବସେବା ବିଭାଗର ପୁନର୍ଗଠନ ପ୍ରକ୍ରିୟାକୁ ରାଜ୍ୟର ବିଭିନ୍ନ ଆସୋସିଏଶନ ସହଜରେ ହଜମ କରିପାରି ନାହାନ୍ତି। ଏହାର ପୁନର୍ବିଚାର କରିବା ପାଇଁ ପାଖାପାଖି ଡଜନେ କ୍ରୀଡ଼ା ସଂଘ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ଏଥିରେ ସାମିଲ ହୋଇ



ଅମିତ୍ ରୋହିଦାସ


ଦୀପସାନ ତିର୍କି




ଷ୍ଟାନ୍‌ଲି ଭିକ୍ଟର ମିଞ୍ଜ

ଉଦ୍‌ବେଗ ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ହକି ଖେଳାଳି ଅମିତ ରୋହିଦାସ, ଦୀପସାନ ତିର୍କୀ ଓ ହକି ଇଣ୍ଡିଆ ଲିଗ୍‌ରେ ୪ ଥର ପ୍ରତିନିଧିତ୍ୱ କରି ସାରିଥିବା ଷ୍ଟାନଲି ଭିକ୍ଟର ମିଞ୍ଜ। ଭାରତୀୟ ସିନିୟର ହକି ଦଳର ୬ ଖେଳାଳି କରୋନା ଭାଇରସରେ ସଂକ୍ରମିତ ହେବାପରେ ଅମିତ ଓ ଦୀପସାନ ବେଙ୍ଗାଲୁର କ୍ୟାମ୍ପରେ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ଷ୍ଟାନଲି ମୁମ୍ବାଇରେ ରହୁଛନ୍ତି। ସେମାନଙ୍କର କହିବା ଅନୁସାରେ ପୂର୍ବରୁ ରାଉରକେଲା ପାନପୋଷ କ୍ରୀଡ଼ା ଛାତ୍ରାବାସରେ ହକି ଏକ୍ସିଲେନ୍ସି ସିନିୟର ହଷ୍ଟେଲ ଥିଲା। ପରେ ତାହା ଭୁବନେଶ୍ୱରକୁ ଆସିଲା। ଏବେ ଯଦି ତାହାକୁ ବନ୍ଦ କରି ଦିଆଯାଏ ତେବେ ରାଉରକେଲା ଓ ସୁନ୍ଦରଗଡ଼ ଜୁନିୟର ହଷ୍ଟେଲରେ ରହୁଥିବା ଜୁନିୟର ପିଲାମାନେ ଯେତେବେଳେ ସିନିୟର ହେବେ ସେତେବେଳେ କରିବେ କ'ଣ। ହାଇପରଫର୍ମାନ୍ସ ସେଣ୍ଟର ପାଇଁ ସର୍ବଭାରତୀୟ ସ୍ତରରେ ଖେଳାଳି ମନୋନୟନ ହେବେ। ଫଳରେ ବାହାର ରାଜ୍ୟର ଅନେକ ଖେଳାଳି ସୁଯୋଗ ପାଇବେ। ଏ କ୍ଷେତ୍ରରେ ଆମ ପିଲାମାନଙ୍କ ଭବିଷ୍ୟତ କ'ଣ ହେବ। ତେଣୁ ହାଇପର୍ଫାର୍ମାନ୍ସ ସେଣ୍ଟର ସହିତ ସିନିୟର ହଷ୍ଟେଲକୁ ରଖାଯାଉ। ଯେଉଁ ପିଲାମାନେ ହାଇପରଫର୍ମାନ୍ସ ସେଣ୍ଟରରେ ସୁଯୋଗ ପାଇବେ ନାହିଁ ସେମାନେ ସିନିୟର ହଷ୍ଟେଲରେ କୋଚିଂ ନେଇ ପାରିବେ। ୧୮ରୁ ୨୦ ବର୍ଷରେ ସିନିୟର ପିଲାମାନେ ବିକଶିତ ହୋଇଥାନ୍ତି। ଏହା ସେମାନଙ୍କ କ୍ୟାରିୟରର ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ପିଲାମାନେ ହଷ୍ଟେଲରୁ ପ୍ରଶିକ୍ଷଣ ପାଇ ଜୁନିୟର ନ୍ୟାଶନାଲ, ଭାରତୀୟ ଜୁନିୟର ଦଳ ପକ୍ଷରୁ ଖେଳିଥାନ୍ତି। ଜୁନିୟରରେ ଭଲ ପ୍ରଦର୍ଶନ କଲେ ଯାଇ ସିନିୟରରେ ସ୍ଥାନ ମିଳିଥାଏ। ଆମେ ଏହିସବୁ ପର୍ଯ୍ୟାୟ ଦେଇ ଆସିଛୁ ବୋଲି ଦୀପସାନ ଓ ଅମିତ କହିଛନ୍ତି। ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ମଧ୍ୟ ଉଦ୍‌ବେଗ ପ୍ରକାଶ କରିବା ସହିତ ଓଡ଼ିଶା ଖେଳାଳିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଯାହାକିଛି ନିଷ୍ପତ୍ତି ନେବାକୁ ଅନୁରୋଧ କରିଛନ୍ତି।

## ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରତିଭା ବିକଶିତ ହେବ

ସିନିୟର ଖେଳାଳିଙ୍କ ପାଇଁ ରାଜ୍ୟ ସରକାର ନାଭାଲ ଟାଟା ଏକାଡେମୀ ସହାୟତାରେ ହାଇ ପରଫର୍ମାନ୍ସ ସେଣ୍ଟର ସ୍ଥାପନ କରିଛନ୍ତି। ଭବିଷ୍ୟତରେ କଳିଙ୍ଗ ଲାନ୍ସର୍ସ ପରି ଏହି ଏକାଡେମୀର ମଧ୍ୟ ଏକ ସିନିୟର ଟିମ୍ ହେବ। ଏଥିରେ ୨୫ ବର୍ଷ ପର୍ଯ୍ୟନ୍ତ ଖେଳାଳିମାନେ ସେମାନଙ୍କ ପ୍ରତିଭାକୁ ବିକଶିତ କରିପାରିବେ ଏବଂ ଦକ୍ଷତା ଅନୁସାରେ ଜୁନିୟର କିମ୍ବା ସିନିୟର ଖେଳି ପାରିବେ। ତେଣୁ ସିନିୟର ହଷ୍ଟେଲ ବନ୍ଦ ହୋଇଗଲେ ଯେ, ପିଲାମାନଙ୍କ ଆଗକୁ ବଢ଼ିବା ରାସ୍ତା ବନ୍ଦ ହୋଇଗଲା ତାହା ଭାବିବା ଠିକ୍ ନୁହେଁ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏବେ କେବଳ ହକି ନୁହେଁ ଭୁବନେଶ୍ୱରରେ ବିଭିନ୍ନ କ୍ରୀଡ଼ାର ହାଇ ପରଫର୍ମାନ୍ସ ସେଣ୍ଟର ସ୍ଥାପନ କରାଯାଇଛି। ଫଳରେ ରାଜ୍ୟର ପ୍ରତିଭା ସମ୍ପନ୍ନ ଜୁନିୟର ଖେଳାଳିମାନେ ଏଠାରେ ଭବିଷ୍ୟତରେ ଦକ୍ଷତା ଆଧାରରେ ସୁଯୋଗ ପାଇ ପାରିବେ। ଯେଉଁପିଲାମାନେ ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରିପାରିବେ ନାହିଁ ସେମାନଙ୍କୁ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ପ୍ରୋଗ୍ରାମରେ ପଠାଇବାର ଯୋଜନା ରହିଛି। ଯିଏ ରେଫରି କିମ୍ବା କୋଚ୍ ହେବାକୁ ଚାହିଁବେ ସେମାନଙ୍କୁ ସେଇ ସୁଯୋଗ ପ୍ରଦାନ କରାଯିବ। ସରକାରଙ୍କ ନିକଟରେ ଉପଲବ୍ଧ ତଥ୍ୟ ଅନୁସାରେ ଗତ କିଛିବର୍ଷ ଧରି କ୍ରୀଡ଼ା ଛାତ୍ରାବାସ ଗୁଡ଼ିକର ଫଳାଫଳ ଭଲ ରହିନାହିଁ। ଜାତୀୟ କିମ୍ବା ଅନ୍ତର୍ଜାତୀୟ କଥାତ ଦୂରର କଥା ରାଜ୍ୟ ଦଳ ପାଇଁ ମଧ୍ୟ ଅଧିକ ଖେଳାଳି ଯୋଗ୍ୟ ହୋଇପାରୁ ନାହାନ୍ତି। ନାଭାଲ ଟାଟା ହକି ଏକାଡେମୀରେ ଓଡ଼ିଶା ପିଲାଙ୍କ ପାଇଁ ୬୦ ଓ ବାହାର ପିଲାଙ୍କ ପାଇଁ ୪୦ ପ୍ରତିଶତ ସୁଯୋଗ ରହିବ। ଭାରତର ଶ୍ରେଷ୍ଠ ପିଲାଙ୍କ ସହିତ ଆମର ଶ୍ରେଷ୍ଠ ଖେଳାଳିମାନେ ଖେଳିବେ। ଫଳରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ମନୋଭାବ ବଢ଼ିବ ଏବଂ ଆମ ପିଲାଙ୍କର ପ୍ରଦର୍ଶନ ମଧ୍ୟ ଅଧିକ ମାର୍ଜିତ ହୋଇ ପାରିବ। ଉଦାହରଣ ସ୍ୱରୂପ ଜାତୀୟ ରେକର୍ଡଧାରୀ ଆଥଲେଟ୍ ଅମିୟ ମଲିକ ତାଙ୍କ କ୍ୱାଲିଟିର ଖେଳାଳିଙ୍କ ସହ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିପାରୁ ନ ଥିଲେ। ଏବେ ହାଇ ପରଫର୍ମାନ୍ସ ସେଣ୍ଟର ହେବାଦ୍ୱାରା ସେ ୧୦ରୁ ଊର୍ଦ୍ଧ୍ୱ ବାହାର ଦକ୍ଷ ଖେଳାଳିଙ୍କ ସହ ରେସ୍ କରୁଛନ୍ତି। ଏହା ତାଙ୍କ ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଆଣିବ। ନୂଆ ନିଷ୍ପତ୍ତି ଫଳରେ ଜୁନିୟର ସ୍ତରରେ ପିଲାମାନଙ୍କ ମଧ୍ୟରେ ଭଲ ପ୍ରଦର୍ଶନ କରିବା ପାଇଁ ଆଗ୍ରହ ବଢ଼ିବ। ନଚେତ ସେମାନଙ୍କ ପାଇଁ ଆଗକୁ ରାସ୍ତା ବନ୍ଦ ହୋଇଯିବାର ସମ୍ଭାବନା ଚେତାବନୀ ରହିବ। ସରକାର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେଇଛନ୍ତି। ତେଣୁ ଏଥିରେ ଚିନ୍ତିତ ହେବାର କୌଣସି କାରଣ ନାହିଁ ବୋଲି ଉକ୍ତ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।


ସ୍ତ୍ରୀ ରିଭାବାଙ୍କ ସହ ରବୀନ୍ଦ୍ର ଜାଡେଜା।

## ମହିଳା କନଷ୍ଟେବଲଙ୍କ ସହ ଜାଡେଜା ସ୍ତ୍ରୀଙ୍କ ଯୁକ୍ତିତର୍କ

**ରାଜକୋଟ, ୧୧।୮:** ରାଜକୋଟରେ ଭାରତୀୟ ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ ରିଭାବା ଓ ଜଣେ ମହିଳା କନଷ୍ଟେବଳ ମଧ୍ୟରେ ଯୁକ୍ତିତର୍କ ହୋଇଛି। ମାସ୍କ ନ ପିନ୍ଧିବା ନେଇ ଏହି ଘଟଣା ଘଟିଛି। ମହିଳା ଥାନାର ହେଡ୍ କନଷ୍ଟେବଳ ସୋନାଲ ଗୋସାଇ ଜାଡେଜାଙ୍କୁ ଅଟକାଇଥିଲେ। ସେତେବେଳେ ଜାଡେଜା ସ୍ତ୍ରୀ ରିଭାବାଙ୍କ ସହ କାରରେ ଯାଉଥିଲେ। କିସନପାରା ଛକରେ ତାଙ୍କୁ ରାତି ୯ଟାରେ ସୋନାଲ ଅଟକାଇ ମାସ୍କ ନ ପିନ୍ଧିବା ନେଇ ପ୍ରଶ୍ନ କରିଥିଲେ। ମାସ୍କ ନ ପିନ୍ଧିଥିବାରୁ ରିଭାବାଙ୍କୁ ସେ ଜରିମାନା ଦେବାକୁ କହିଥିଲେ। ଏଥି ସହିତ ସୋନାଲ ଜାଡେଜାଙ୍କୁ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ମାଗିଥିଲେ। ସୋନାଲ ତାଙ୍କୁ ଖରାପ ବ୍ୟବହାର କରିଛନ୍ତି ବୋଲି ରିଭାବା ପୋଲିସକୁ କହିଥିଲେ। ଇତିମଧ୍ୟରେ ସୋନାଲ ଚାପ ଜନିତ ଅସୁସ୍ଥତା କାରଣରୁ ହସ୍ପିଟାଲରେ ନିଜକୁ ଭର୍ତ୍ତି କରାଇଛନ୍ତି। ଏବେ ଏହି ଘଟଣା ନେଇ ଡିସିପି ମନୋହରସିନ ଜାଡେଜା ସଫେଇ ଦେଇଛନ୍ତି। ରିଭାବା ଓ ସୋନାଲ ପରସ୍ପରକୁ ଖରାପ୍ ବ୍ୟବହାର ନେଇ ଆରୋପ କରିଛନ୍ତି। ତେବେ ଏ ନେଇ ଦୁଇଜଣ ଔପଚାରିକ ଭାବେ କୌଣସି ଅଭିଯୋଗ କରିନାହାନ୍ତି ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜାଡେଜା ମାସ୍କ ପିନ୍ଧି ଥିଲେ। ତେବେ ରିଭାବା ମାସ୍କ ପିନ୍ଧି ଥିଲେ କି ନ ଥିଲେ ସେ ନେଇ ତଦନ୍ତ ଜାରି ରହିଛି।

## ସ୍ପୋର୍ଟ୍ସ ଜର୍ନାଲିଷ୍ଟ ମେନନଙ୍କ ପରଲୋକ

**ମୁମ୍ବାଇ,୧୧।୮(ପି.ଟି.):** ଜଣାଶୁଣା ବରିଷ୍ଠ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଜି.କେ. ମେନନ ୯୩ ବର୍ଷ ବୟସରେ ମୁମ୍ବାଇର ସୁବରବନରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ତ୍ରୀ, ପୁଅ ଓ ଜଣେ ଝିଅ ରହିଥିଲେ। ମେନନ୍ ଇଣ୍ଡିଆନ ଏକ୍ସପ୍ରେସ୍ ଓ ଦି ଟାଇମ୍ସ ଅଫ୍ ଇଣ୍ଡିଆ ଭଳି ଜାତୀୟସ୍ତରର ଇଂଲିଶ ଖବରକାଗଜ ପାଇଁ କାର୍ଯ୍ୟ କରିଥିଲେ। ଏହାପରେ ସେ ଫ୍ରିଲାନ୍ସ କରିଥିଲେ ଓ ୧୯୯୦ ଦଶକ ପ୍ରାରମ୍ଭରେ କ୍ୟାରିୟର ଶେଷ କରିଥିଲେ। ସେ ମଧ୍ୟ କ୍ଲବ୍‌ସ୍ତରରେ କ୍ରିକେଟ ଖେଳିଥିଲେ। ସେ ସେଣ୍ଟ୍ରାଲ ମୁମ୍ବାଇର ଦାଦରସ୍ଥିତ ଶିବାଜୀ ପାର୍କ ଜିମ୍‌ଖାନାର ସକ୍ରିୟ ସଦସ୍ୟ ଥିଲେ। ୧୯୫୨-୫୩ରେ ବମ୍ବେ ବିଶ୍ୱବିଦ୍ୟାଳୟ ଦଳର ମ୍ୟାନେଜର ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଅଗଷ୍ଟ ୧୨/୨୦୨୦ Wednesday, August 12/2020

# ୟୁଏଇ ଯିବେ ୫୦ ନେଟ୍ ବୋଲର

ନୂଆଦିଲ୍ଲୀ, ୧୧।୮ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୦ ସଂସ୍କରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ହେବ। ଏହା ପାଖାପାଖି ଅନ୍ୟ ୫୦ କ୍ରିକେଟରଙ୍କ ଲାଗି ପରୋକ୍ଷରେ ଆଶୀର୍ବାଦ ଭଳି ହୋଇ ପାରେ। ଏହି ଖେଳାଳିମାନେ ୮ଟି ଦଳର ନେଟ୍ ବୋଲର ଭାବେ ୟୁଏଇ ଗସ୍ତ କରିବେ। ଅତିକମ୍‌ରେ ତିନୋଟି ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ), କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଦିଲ୍ଲୀ କ୍ୟାପିଟାଲ ନେଟ୍ ବୋଲରମାନଙ୍କ ଏକ ରୋଷ୍ଟର ତାଲିକା ପ୍ରସ୍ତୁତ କରିସାରିଛନ୍ତି। ତାଲିକାରେ ପ୍ରାୟତଃ ପ୍ରଥମ ଶ୍ରେଣୀ, ୧୯ ବର୍ଷରୁ କମ୍ ଏବଂ ୨୩ ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟର ସ୍ଥାନ ପାଇଛନ୍ତି। ଏମ୍.ଏସ୍. ଧୋନୀ, ସୁରେଶ ରାଇନା, ରିଷଭ ପନ୍ତ୍‌ଙ୍କ ଭଳି ଖେଳାଳିଙ୍କୁ ବୋଲିଂ କରିବେ। ଭାରତରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସାଧାରଣତଃ ସ୍ଥାନୀୟ ଜୁନିୟର ବୋଲରଙ୍କୁ ନେଟ୍ ବୋଲର ଭାବେ ବ୍ୟବହାର କରିଥାନ୍ତି। କିନ୍ତୁ ଟୁର୍ନାମେଣ୍ଟ ପାଇଁ ଜୈବ ସୁରକ୍ଷିତ ପଦକ୍ଷେପ ନିଆଯାଇଥିବାରୁ ସମସ୍ତ ଫ୍ରାଞ୍ଚାଇଜଗୁଡ଼ିକୁ ପ୍ରାକ୍ଟିସ ସେସନ ପାଇଁ କ୍ୱାଲିଟି ବୋଲର ଯୋଗାଡ଼ କରିବାକୁ ପଡ଼ିବ। ଆଇପିଏଲ୍ ପାଇଁ ପ୍ରତିଟି ଫ୍ରାଞ୍ଚାଇଜ୍ ସେମାନଙ୍କ ଖେଳାଳି ସଂଖ୍ୟା ୨୪ରେ ସୀମିତ ରଖିବେ। ୟୁଏଇରେ ପ୍ରତିଟି ଫ୍ରାଞ୍ଚାଇଜ୍ ନେଟ୍ ବୋଲର ପାଇପାରିବେ ନାହିଁ। ସବୁ ଯଦି ଠିକ୍‌ଠାକ୍ ଚାଲେ ତେବେ ଯୋଜନା ମୁତାବକ ଚେନ୍ନାଇ ସୁପର କିଙ୍ଗ୍ସ ୧୦ ବଲ୍ ବୋଲରଙ୍କୁ ନେବା ପାଇଁ ସ୍ଥିର କରିଥିବା




ଏହାର ସିଇଓ କାଶୀ ବିଶ୍ୱନାଥନ ପ୍ରକାଶ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ଇତିମଧ୍ୟରେ ସେମାନଙ୍କୁ ଏକ ୧୦ ଜଣିଆ ନେଟ୍ ବୋଲର ତାଲିକା ପ୍ରସ୍ତୁତ କରି ସାରିଛି। ଦିଲ୍ଲୀ କ୍ୟାପିଟାଲ ୬ଜଣ ନେଟ୍ ବୋଲରଙ୍କୁ ନେବା ଲାଗି ସ୍ଥିର କରିଛନ୍ତି। ରାଜସ୍ଥାନ ରୟାଲ୍ସ ଏହାର ନେଟ ବୋଲରଙ୍କ ତାଲିକା ଚୂଡ଼ାନ୍ତ କରି ନାହିଁ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ସେମାନଙ୍କ ନିଜସ୍ୱ ଏକାଡେମୀରୁ ବୋଲର ନେଇପାରନ୍ତି। ଆରସିବି ଯଦି ପସନ୍ଦ କରେ ତେବେ ଆଦିତ୍ୟ ତାରେଙ୍କ ଭଳି ଭାରତର ପୂର୍ବତନ ୧୯ବର୍ଷରୁ କମ୍ କ୍ରିକେଟର ବିଶେଷ ଉପକୃତ ହୋଇ ପାରିବେ। ନେଟ ସେସନରେ ସେ ବିରାଟ କୋହଲିଙ୍କୁ ବୋଲିଂ କରିପାରିବେ। ଆଦିତ୍ୟ ଆରସିବି ଡେଭଲପମେଣ୍ଟାଲ ସ୍କ୍ୱାଡ୍‌ର ସଦସ୍ୟ ରହିଛନ୍ତି। ନେଟ୍ ବୋଲର ତାଲିକାରେ ସ୍ପିନରମାନଙ୍କ ସଂଖ୍ୟା ମଧ୍ୟ ଭଲ ରହିବ। କାରଣ ଦୁବାଇର ମନ୍ଥର ଟ୍ରାକ୍‌ରେ ବିଶେଷ କରି ଆର୍ଦ୍ର ପରିବେଶରେ ଦଳଗୁଡ଼ିକ ଅଧିକ ସ୍ପିନ୍ ବୋଲର ନେବାକୁ ଚାହିଁବେ।

# ପୁରୁଷ ହକି କ୍ୟାମ୍ପ ନେଇ ଅନିଶ୍ଚିତତା

ନୂଆଦିଲ୍ଲୀ, ୧୧।୮ (ପି.ଟି.): ବେଙ୍ଗାଲୁରୁରେ ଆୟୋଜନ ହେବାକୁ ଥିବା ପୁରୁଷ ହକି କ୍ୟାମ୍ପ ଆୟୋଜନ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଅଧ ଡଜନ ଖେଳାଳି କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ବୋଲି ଜଣାପଡିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ମହିଳା ଦଳର ସବୁ ଖେଳାଳି ଟେଷ୍ଟରେ ନେଗେଟିଭ୍ ଜଣାପଡିଛନ୍ତି। ଫଳରେ ମହିଳା କ୍ୟାମ୍ପ ଆରମ୍ଭ ହେବା ନେଇ କୌଣସି ସମସ୍ୟା ନାହିଁ।

ଅଗଷ୍ଟ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ କ୍ୟାମ୍ପରେ ଯୋଗ ଦେବା ପାଇଁ ବେଙ୍ଗାଲୁରୁ ପହଞ୍ଚିଥିବା ୬ ଭାରତୀୟ ପୁରୁଷ ଖେଳାଳି ଅଧିନାୟକ ମନପ୍ରୀତ ସିଂ, ଷ୍ଟ୍ରାଇକର ମନଦୀପ ସିଂ, ଡିଫେଣ୍ଡର ସୁରେନ୍ଦର କୁମାର, ଜସକରଣ ସିଂ, ଡ୍ରାଗ୍- ଫ୍ଲିକର ବରୁଣ କୁମାର ଓ ଗୋଲକିପର କ୍ରିଷ୍ଣନ ବହାଦୁର ପାଠକ କରୋନ ପଜିଟିଭ୍ ବୋଲି ଜଣାପଡିଛି। ପୁଣି ସୋମବାର ମନଦୀପଙ୍କ ଅମ୍ଳଜାନସ୍ତରରେ ଅବନତି ହେବା କାରଣରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୬ଜଣ ପଜିଟିଭ୍ ବୋଲି ଜଣାପଡିବା ପରେ ପୁରୁଷ କ୍ୟାମ୍ପ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ କୁହାଯାଇଛି। ଅନ୍ୟପଟେ ମହିଳା ଖେଳାଳିମାନେ ନେଗେଟିଭ୍ ଅଛନ୍ତି ଓ ସେମାନେ ଏବେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ଏହା ସରିବା ପରେ ଲାଇଟ୍ ଇଣ୍ଟେନସିଟି କ୍ୟାମ୍ପରେ ଯୋଗ ଦେବେ। କ୍ୟାମ୍ପ ପାଇଁ ୩୩ ପୁରୁଷ ଓ ୨୪ ମହିଳା ଖେଳାଳି ବେଙ୍ଗାଲୁରୁରେ ଅଛନ୍ତି।

# ପୁଅଙ୍କୁ ଦଣ୍ଡିତ କଲେ ମ୍ୟାଚ୍ ରେଫରି କ୍ରିସ୍



ଷ୍ଟୁଆର୍ଟଙ୍କ ସହ କ୍ରିସ୍ ବ୍ରଡ୍।

**ଦୁବାଇ, ୧୧।୮ (ପି.ଟି.):** ମାଞ୍ଚେଷ୍ଟରରେ ପ୍ରଥମ ଟେଷ୍ଟ ମ୍ୟାଚ ବେଳେ ପାକିସ୍ତାନ ସ୍ପିନର ୟାସିର ଶାହାଙ୍କ ଆଉଟ ପରେ ଆପତ୍ତିଜନକ ଭାଷା ବ୍ୟବହାର କରିଥିବାରୁ ଇଂଲଣ୍ଡ ଫାଷ୍ଟ ବୋଲର ଷ୍ଟୁଆର୍ଟ ବ୍ରଡ୍ ଦଣ୍ଡିତ ହୋଇଛନ୍ତି। ମ୍ୟାଚ୍ ରେଫରି କ୍ରିସ୍ ବ୍ରଡ୍ ଯିଏକି ତାଙ୍କ ପିତା ତାଙ୍କୁ ମ୍ୟାଚ ଫି'ର ୧୫ ପ୍ରତିଶତ ଜରିମାନା କରିଛନ୍ତି। ଶନିବାର ପାକିସ୍ତାନ ଦ୍ୱିତୀୟ ଇନିଂସର ୪୬ ତମ ଓଭରରେ ଏହି ଘଟଣା ଘଟିଥିଲା। ୟାସିର ଶାହାଙ୍କ ଆଉଟ ପରେ ବ୍ରଡ୍ ଆକ୍ରମଣାତ୍ମକ ଭଙ୍ଗୀରେ ପାକିସ୍ତାନ ଖେଳାଳିଙ୍କ ଉଦ୍ଦେଶ୍ୟରେ ଅନୁଚିତ ଭାଷାରେ ଟିପ୍ପଣୀ କରିଥିଲେ। ଏହାଦ୍ୱାରା ସେ ଆଇସିସି ଆଚରଣ ବିଧିର ଧାରା ୨.୫ ଉଲ୍ଲଂଘନ କରିଥିଲେ। ଏହି ଅପରାଧ ଯୋଗୁ ବ୍ରଡ୍‌ଙ୍କ ଶୃଙ୍ଖଳା ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇ ୩ରେ ପହଞ୍ଚିଛି। ୨୪ ମାସ ମଧ୍ୟରେ ବ୍ରଡ୍ ଏଭଳି ନିୟମ ଉଲ୍ଲଂଘନ କରିଛନ୍ତି। ପୂର୍ବରୁ ସେ ଚଳିତବର୍ଷ ଜାନୁୟାରୀ ୨୭ରେ ୱାଣ୍ଡରର୍ସଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଟେଷ୍ଟ ଏବଂ ୨୦୧୮ ଅଗଷ୍ଟ ୧୯ରେ ଟ୍ରେଣ୍ଟବ୍ରିଜ୍‌ଠାରେ ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଏଭଳି ଅପରାଧ କରିଥିଲେ। ବ୍ରଡ୍ ନିଜର ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିଛନ୍ତି। ତେଣୁ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।




# ୧୩ ସୁଦ୍ଧା ଜବାବ ଦେବାକୁ କ୍ରୀଡ଼ା ମହାସଂଘଗୁଡ଼ିକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୧।୮ (ପି.ଟି.):** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଅନୁରୋଧକ୍ରମେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଲାଗି ଉଦ୍ଦିଷ୍ଟ କ୍ରୀଡ଼ା ଆଚରଣବିଧି ପ୍ରଶ୍ନାବଳୀର ଜବାବ ଦେବା ସମୟସୀମାକୁ ଦୁଇ ଦିନ ଅର୍ଥାତ୍ ଅଗଷ୍ଟ ୧୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ରହିଥିବା ଏକ ମାମଲା ପାଇଁ କ୍ରୀଡ଼ା ଆଚରଣବିଧି ପ୍ରଶ୍ନାବଳୀର ଜବାବ ଗୁରୁତ୍ୱପୂର୍ଣ୍ଣ। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୧ରେ ହେବ। ସୂଚନାଯୋଗ୍ୟ, ଜାତୀୟ କ୍ରୀଡ଼ା ଆଚରଣବିଧିରେ ବୟସ ଓ କାର୍ଯ୍ୟକାଳକୁ ନେଇ ନେଇ ଯେଉଁ ଗାଇଡ୍‌ଲାଇନ୍ ରହିଛି ତାହାକୁ ଠିକ୍‌ରୂପେ ଅନୁପାଳନ କରାଯାଉଛି କି ନା ସେ ନେଇ ଦିଲ୍ଲୀ ହାଇକୋର୍ଟ ସନ୍ଦେହ ପ୍ରକଟ କରିଥିଲେ। ତେଣୁ ଏନେଇ ପ୍ରସ୍ତୁତ କରାଯାଇଥିବା ପ୍ରଶ୍ନାବଳୀର ଜବାବ ନ ଦେଲେ ସମ୍ପୃକ୍ତ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଉପରୁ ସାମୟିକ ସ୍ୱୀକୃତି ପ୍ରତ୍ୟାହାର କରାଯିବ ବୋଲି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଦେଶର ୫୭ଜାତୀୟ କ୍ରୀଡ଼ା ମହାସଂଘକୁ ଚିଠି କରାଯାଇଛି। ଏଥିପାଇଁ ପ୍ରଥମେ ସମୟସୀମା ଅଗଷ୍ଟ ୧୧ତାରିଖ ରଖାଯାଇଥିଲା। ମଙ୍ଗଳବାର ଆଇଓଏ ସଭାପତି ନରିନ୍ଦର ବାତ୍ରା ଓ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ଓ କ୍ରୀଡ଼ା ସଚିବ ରବି ମିତ୍ତଲଙ୍କୁ ଭେଟିଥିଲେ। ପ୍ରଶ୍ନାବଳୀ ଜବାବ ଦେବାର ସମୟ ଅବଧି ବୃଦ୍ଧି ପାଇଁ ଆଇଓଏ ତରଫରୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି, କ୍ରୀଡ଼ା ଆଚରଣବିଧି ଏବଂ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା ହୋଇଥିବା ଆଇଓଏ ମୁଖ୍ୟ ବାତ୍ରା ଏବଂ ସାଧାରଣ ସମ୍ପାଦକ ମେହେଟା ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ, ଫେବୃୟାରୀ ୭ରେ ଦିଲ୍ଲୀ ହାଇକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। କୋର୍ଟଙ୍କୁ ନ ଜଣାଇ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ କିମ୍ବା ଆଇଓଏ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଉପରେ କୌଣସି ନିଷ୍ପତ୍ତି ନେଇ ପାରିବେନାହିଁ। ପରେ ଏହି ନିର୍ଦ୍ଦେଶନାମାରେ କେତେକ ପରିବର୍ତ୍ତନ ନେଇ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଦାଖଲ କରାଯାଇଥିବା ଏକ ପିଟିଶନକୁ କୋର୍ଟ ଖାରଜ କରିଦେବାରୁ ଏହି ପରିସ୍ଥିତି ଉପୁଜିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ